READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ | ସଂଖ୍ୟା-୪୬ | ୨୮ ନଭେମ୍ବର - ୪ ଡିସେମ୍ବର, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-46 | 28th NOVEMBER - 4th DECEMBER, 2022 | BHUBANESWAR | ₹ 5/- (8 Pages)

### ବିଧାନସଭା ପାସ୍‌କୁ ନେଇ ସାମ୍ବାଦିକଙ୍କ ଅସନ୍ତୋଷ

## କେଉଁ ଆଧାରରେ ଦିଆଯାଉଛି ପାସ୍ ?



**ଭୁବନେଶ୍ୱର :** ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଥିଲେ ବି ପ୍ରେସ୍ ପାସ୍ ପାଇବାରୁ ବଞ୍ଚିତ ହୋଇଥିବା ସାମ୍ବାଦିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାକୁ ନେଇ ବିଧାନସଭା ପ୍ରେସ୍ ପରାମର୍ଶଦାତା କମିଟି (ପ୍ରେସ ଆଡ୍‌ଭାଇଜରୀ କମିଟି)ର ଅଚଳ ଅବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘ ଦିନ ହେବ କମିଟି କାର୍ଯ୍ୟକରୁନଥିବା କାରଣରୁ ଏଭଳି ସମସ୍ୟା ଦେଖାଦେଉଥିବା କୁହାଯାଉଛି। ତେବେ କେଉଁ ସାମ୍ବାଦିକ ବିଧାନସଭା ପ୍ରବେଶ ପାସ୍ ପାଇପାରିବେ ତାହା କିଭଳି ଓ କେଉଁ ଆଧାରରେ ନିଷ୍ପତ୍ତି ନିଆଯାଉଛି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସୂଚନାନୁସାରେ, ଗୁରୁବାରଠାରୁ ଆରମ୍ଭ ହୋଇଛି ଷୋଡଶ ବିଧାନସଭାର ଏକାଦଶ ଅଧିବେଶନ। ବିଗତ ଦୁଇ ବର୍ଷ ଧରି କରୋନା କଟକଣା ଭିତରେ ଚାଲିଥିବା ଓଡିଶା ବିଧାନସଭା ଚଳିତ ଅଧିବେଶନଠାରୁ କଟକଣାମୁକ୍ତ କରାଯାଇଥିଲା। ଏଥିପାଇଁ ଅଧିବେଶନ ଅବଧି ଘଣ୍ଟାଏ ବୃଦ୍ଧି କରାଯିବା ସହିତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ପ୍ରେସ୍ ଗ୍ୟାଲେରୀକୁ ଯିବାକୁ ଅନୁମତି ଦିଆଯାଇଥିଲା। ଏହି ଅଧିବେଶନରେ ପ୍ରେସ୍ ପାସ୍ ପାଇଁ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ତରଫରୁ ଆବେଦନ କରାଯାଇଥିଲା। ସେହି ଅନୁସାରେ ପ୍ରେସ୍ ପାସ୍ ପ୍ରଦାନ କରାଯାଇଥିଲା। ତେବେ ପାସ୍ ପାଇବାରୁ ବଞ୍ଚିତ କିଛି ଗଣମାଧ୍ୟମର ପ୍ରତିନିଧି ଅସନ୍ତୋଷ ପ୍ରକାଶ କରି ନିରାଶ ହୋଇ ଫେରିଥିଲେ। ସାମ୍ବାଦିକଙ୍କ କହିବା କଥା, ସଂସ୍ଥା ତରଫରୁ ପ୍ରେସ୍ ପାସ୍ ପ୍ରଦାନ କରିବାକୁ ବିଧାନସଭାର ସଚିବଙ୍କୁ ଚିଠି କରାଯାଇଥିଲା। ତେବେ ବିଧାନସଭାର ମୁଖ୍ୟ ସୁରକ୍ଷା ଅଧିକାରୀଗୋପାଳ କୃଷ୍ଣ ବେହେରା ପାସ୍ ଦବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲେ। ଶ୍ରୀ ବେହେରା କହିଛନ୍ତି, ଚଳିତ ଅଧିବେଶନ ପାଇଁ ୮୪ ପ୍ରି ଏବଂ ଇଲେକ୍ଟ୍ରୋନିକ୍ସକୁ ➤ ପୃ-୬

### ନବନିଯୁକ୍ତ ସହକାରୀ ପ୍ରଫେସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନ

## ପ୍ରତି ଜୀବନ ମୂଲ୍ୟବାନ



**ଭୁବନେଶ୍ୱର :** ସରକାରୀ ମେଡିକାଲ କଲେଜରେ ନବନିଯୁକ୍ତ ସହକାରୀ ପ୍ରଫେସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନ। ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆ ସହକାରୀ ପ୍ରଫେସରଙ୍କୁ ଶୁଭେଚ୍ଛା ଜଣାଇବା ସହ ଫାଇଭ୍-ଟି ମନ୍ତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ। ସ୍ୱାସ୍ଥ୍ୟ ସେବାକୁ ସବୁବେଳେ ପ୍ରାଥମିକତା ଦେଇ ଆସୁଛନ୍ତି ରାଜ୍ୟ ସରକାର। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ବିଗତ ୩ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ବଜେଟ ଦୁଇଗୁଣା କରାଯାଇଛି। ରାଜ୍ୟ ବଜେଟର ୬ପ୍ରତିଶତରୁ ଅଧିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟ କରାଯାଉଛି। ଏହି ପରିପ୍ରକ୍ଷୀରେ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ ପାଇଁ ୨୦୩ ଜଣ ସହକାରୀ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ନବନିଯୁକ୍ତ ସହକାରୀ ପ୍ରଫେସରମାନଙ୍କୁ ଦିଗଦର୍ଶନ ଦେବା ସହ ସେମାନଙ୍କ ନୈତିକତା ସମ୍ପର୍କରେ ସଚେତନ କରାଇଥିଲେ। ପ୍ରତି ଜୀବନ ମୂଲ୍ୟବାନ। ସେଥିପାଇଁ ରାଜ୍ୟ ସରକାର ସବୁବେଳେ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଉପରେ ବିଶ୍ୱାସ ରଖନ୍ତି। ଟ୍ରାନ୍ସପାରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ ଓ ଟ୍ରାନ୍ସଫରମେସନ କ୍ୟାରିୟରରେ ସବୁଠାରୁ ଅଧିକ ମହତ୍ତ୍ୱ ରଖେ। ତେଣୁ ନବନିଯୁକ୍ତ ସହକାରୀ ପ୍ରଫେସର ମାନେ ଏହି ଧାରାରେ କାର୍ଯ୍ୟ କଲେ ସ୍ୱାସ୍ଥ୍ୟ ସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶ୍ରୀମନ୍ଦିର ପୋଲିସଙ୍କୁ ସ୍ମାର୍ଟ ଫୋନ୍ ମନା



**ପୁରୀ :** ଶ୍ରୀମନ୍ଦିରର ରତ୍ନସିଂହାସନରେ ବିରାଜିତ ଶ୍ରୀଜଗନ୍ନାଥଙ୍କ ଫଟୋ ଭାଇରାଲ ହେବାପରେ ଶ୍ରୀମନ୍ଦିରରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଉପରେ ମୋବାଇଲ ବ୍ୟବହାର ନେଇ କଟକଣା। ପୁରୀ ଏସ୍‌ପି ଏଭଳି ନିର୍ଦ୍ଦେଶ ଜାରି କରିଥିବା ଜଣାପଡ଼ିଛି। ସମସ୍ତ ପୋଲିସ କର୍ମଚାରୀଙ୍କୁ ଶ୍ରୀମନ୍ଦିରକୁ ସ୍ମାର୍ଟ ଫୋନ ନେବାକୁ ବାରଣ କରାଯାଇଛି। ଶ୍ରୀମନ୍ଦିରରେ ପ୍ରବେଶ ହେଉ ବା କାମରେ ନିୟୋଜିତ ସମୟରେ ପୋଲିସ କର୍ମଚାରୀଙ୍କୁ ସ୍ମାର୍ଟ ଫୋନ ବାରଣ କରାଯାଇଛି। ଶ୍ରୀମନ୍ଦିରରେ ନିୟୋଜିତ ହୋମଗାର୍ଡ, ଏସ୍‌ଓପି ଯବାଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ପାଳନ ନିମନ୍ତେ କୁହାଯାଇଛି। ବିଶେଷ କାର୍ଯ୍ୟରେ ନିୟୋଜିତ ଏବଂ ଆପାତକାଳିନ ସେବାରେ ନିଯୁକ୍ତ ଥିବା କିଛି ସିନିୟର ଅଧିକାରୀଙ୍କୁ ଛାଡି ଦେଲେ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ସ୍ମାର୍ଟ ଫୋନ ମନା କରାଯାଇଛି। ତେବେ ସୂଚନା ଥାଉକି, ପୂର୍ବରୁ ମଧ ଶ୍ରୀମନ୍ଦିରରେ ମୋବାଇଲ ବ୍ୟବହାର ଓ ଭିତରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ବିଭିନ୍ନ ଲୋକ ଛାଡ଼ିବାକୁ ନେଇ ଅଲୋଚନା ହୋଇଛି। ଶ୍ରୀମନ୍ଦିରରେ ମୋବାଇଲ ବ୍ୟବହାର ଦ୍ୱାରା ଏଠାରେ ସୁରକ୍ଷା ବିପଦରେ ପଡ଼ିବା ଆଶଙ୍କା ପ୍ରକାଶ କରାଯାଇଛି। ମୋବାଇଲ ବ୍ୟବହାରକାର ଉପରେ କଟକଣା ଜାରି କରାଯିବା ସହ କେହି ଶ୍ରୀମନ୍ଦିରରେ ମୋବାଇଲ ବ୍ୟବହାର କରୁଥିବା ଧରାପଡ଼ିଲେ ➤ ପୃ-୬

### ଚାଷୀଙ୍କ ପାଇଁ ଏକଜୁଟ

## ସର୍ବଦଳୀୟ ବୈଠକ ବିଫଳ

**ଭୁବନେଶ୍ୱର :** ଚାଷୀଙ୍କ ସମସ୍ୟାକୁ ନେଇ ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହ ବାରମ୍ବାର ମୁଲତବୀ ହୋଇଛି। ହଟ୍ଟଗୋଳ ଯୋଗୁ ବାରମ୍ବାର ମୁଲତବୀ ମଧ୍ୟରେ ଗୃହରେ କୌଣସି କାର୍ଯ୍ୟ ସମ୍ଭବପର ହୋଇପାରିନି ଓ ଗୃହ ମାତ୍ର ୧୨ ମିନିଟ୍ ଚାଲିଥିଲା। ଅଚଳାବସ୍ଥା ଏଡ଼ାଇବା ପାଇଁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସର୍ବଦଳୀୟ ବୈଠକ ଡାକିଥିଲେ ମଧ ତାହା ବିଫଳ ହୋଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ଚାଷୀ ସମସ୍ୟା ପ୍ରସଙ୍ଗକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଚାଷୀ ସମସ୍ୟା ପାଇଁ ପରସ୍ପରକୁ ଦାୟୀ କରି ସ୍ଲୋଗାନମାନ ଦେବା ଯୋଗୁ ବାଚସ୍ପତି ଗୃହକୁ ପ୍ରଥମେ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ତେବେ ସାଢ଼େ ୧୧ଟାରେ ସମାନ ସ୍ଥିତି ଜାରି ରହିବାରୁ ବାଚସ୍ପତି ପୁଣିଥରେ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଫସଲବୀମା ଯୋଜନାରେ ଅବହେଳା,ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ସାରର ଅଭାବ, ଏଫସିଆଇ ଚାଉଳରେ ପାତରଅନ୍ତର ଆଦି ଦାବିରେ କେନ୍ଦ୍ର ସରକାରଙ୍କୁ ଦାୟୀ କରି ବିଜେଡି ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିବା ପରେ ବିଧାନସଭା ପରିସରରେ ଥିବା ଗାନ୍ଧି ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ପରେ ବିଜେଡି ବିଧାୟକମାନେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ସେହିପରି ବିଜେପି ସଦସ୍ୟମାନେ ଚାଷୀଙ୍କୁ ଇନପୁଟ ସବସିଡି ଦେବାରେ ବିଳମ୍ବ, ମଣ୍ଡି ଅବ୍ୟବସ୍ଥା, ଫସଲ ବୀମା ଯୋଜନାରେ ତ୍ରୁଟି ଯୋଗୁ ଚାଷୀ ହଇରାଣ ➤ ପୃ-୬

### ନାଗ ମାମଲାରେ ଇଡି ଜେରା ଜୋରଦାର

## ତାଲିକାରେ ପ୍ରଭାବଶାଳୀ



**ଭୁବନେଶ୍ୱର :** ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା ନାଗ ବ୍ଲାକମେଲ ମାମଲାରେ ତାଙ୍କ ଲିଙ୍କ୍‌ରେ ଥିବା ଶ୍ରଦ୍ଧାଞ୍ଜଳି ବେହେରା ୧୪ ଘଣ୍ଟାର ଜେରା ପରେ ଇଡି ଅଫିସରୁ ବାହାରିଥିଲେ। ସେପଟେ ୯ ଘଣ୍ଟାର ଜେରା ପରେ ଡ୍ରାଇଭର ଚନ୍ଦନ ମଧ ବାହାରିଥିଲେ। ଇଡ଼ି ଅଫିସ୍‌ରୁ ବାହାରିବା ପରେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ ଶ୍ରଦ୍ଧାଞ୍ଜଳି। ତେବେ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି କହିଥିଲେ ଅର୍ଚ୍ଚନାଙ୍କ ଡ୍ରାଇଭର ଚନ୍ଦନ। ଇଡିରୁ ସମନ ପାଇବା ପରେ ଶ୍ରଦ୍ଧାଞ୍ଜଳି ଓ ଡ୍ରାଇଭର ଚନ୍ଦନ ହାଜର ହୋଇଥିଲେ। ତେଣୁ ଦେଖିବାର କଥା ଇଡି ସେମାନଙ୍କ ଠାରୁ ହାତେଇଥିବା ତଥ୍ୟ ଆଧାରରେ ଆଗକୁ କ'ଣ ପଦକ୍ଷେପ ନେଉଛି। ସେପଟେ ହନିଟ୍ରାପ୍ କପୁଲ୍ ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଇଡି ରିମାଣ୍ଡରେ ଆଣିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ଆସନ୍ତା ୩୦ରେ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଇଡ଼ି ସେମାନଙ୍କୁ ରିମାଣ୍ଡ ଆଣିବାକୁ ଆବେଦନ କରିବାକୁ ପ୍ରସ୍ତୁତ ଚଳାଇଛି। ତେବେ ଏହା ପୂର୍ବରୁ ତାଙ୍କ ଲିଙ୍କ୍ରେ ଥିବା ବିଜନେସ୍ ପାର୍ଟନରଙ୍କ ଠାରୁ ଆରମ୍ଭ କରି ଅନୁଗତଙ୍କ ଯାଏଁ ସମସ୍ତଙ୍କୁ ସମନ କରି ତଥ୍ୟ ଏକାଠି କରୁଛି ଇଡି। ସୂଚନା ଥାଉକି, ଦ୍ୱିତୀୟ ଥର ପାଇଁ ଇଡ଼ି ଅଫିସରେ ହାଜର ହୋଇଥିଲେ ହନିଟ୍ରାପ୍‌ର ➤ ପୃ-୬

### ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବାକୁ ନେଇ ଓକିଲଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

## ଗୋଟିଏ ଛାତ ତଳେ ରହୁ

**ଭୁବନେଶ୍ୱର :** ସବ୍‌ରେଜିଷ୍ଟ୍ରାର ଅଫିସ ବିଭାଜନକୁ ନେଇ ଆଇନଜୀବୀମାନେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ ଶୁକ୍ରବାର ଭୁବନେଶ୍ୱରର ଦୁଇ ସବ୍‌ରେଜିଷ୍ଟ୍ରାର ଅଫିସକୁ ଆଇନଜୀବୀମାନେ ବନ୍ଦ କରିଦେବା

### ବ୍ଲକ ଅଫିସ ହେଉ ସବ୍‌ରେଜିଷ୍ଟ୍ରାର ବିଲ୍ଡିଂ

ଫଳରେ ସମସ୍ତ ଜିଲ୍ଲା ସବ୍‌ରେଜିଷ୍ଟ୍ରାର, ରେଜିଷ୍ଟ୍ରାର ଖଣ୍ଡଗିରି ଏବଂ କର୍ମଚାରୀମାନେ ଅଫିସ ଯାଇପାରି ନଥିଲେ। ସୂଚନାଯୋଗ୍ୟ, ରାଜସ୍ୱ ବିଭାଗ ରାଜଧାନୀରେ ଆଉ ତିନୋଟି ସବରେଜିଷ୍ଟ୍ରାର ଅଫିସ ଖୋଲିବା ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ପୂର୍ବରୁ ଥିବା ଭୁବନେଶ୍ୱର, ଖଣ୍ଡଗିରି ପରେ ଆଉ ଯେଉଁ ତିନୋଟି ସବରେଜିଷ୍ଟ୍ରାର ଅଫିସ ଖୋଲିବାର ପ୍ରସ୍ତାବ ରହିଛି ତାହା ଚନ୍ଦ୍ରଶେଖରପୁର, ଚନ୍ଦକା ଓ ରସୁଲଗଡ଼ ବୋଲି ଜଣାପଡିଛି। ହେଲେ ଆଶ୍ଚର୍ଯ୍ୟର କଥା, ଭୁବନେଶ୍ୱର ସବରେଜିଷ୍ଟ୍ରାର ଅଫିସ ରାଜସ୍ୱ ବିଭାଗ କୋଠାରେ ନଚାଲି କୋର୍ଟ ପରିସର ମଧ୍ୟରେ ରହିଛି। କିନ୍ତୁ ଯାହା ସୂଚନା ରହିଛି ସବୁ ରାଜ୍ୟରେ ଜମିବାଡ଼ି କିଣାବିକା ପାଇଁ ରାଜସ୍ୱ ବିଭାଗ ନିଜର ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲିଥାନ୍ତି। ଏପରିକି ପଶ୍ଚିମବଙ୍ଗର କୋଲକାତାରେ ୧୨ଗୋଟି ସବରେଜିଷ୍ଟ୍ରାର ଅଫିସ ଗୋଟିଏ ସ୍ଥାନରେ ରହିଥିଲା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କାରଣ ସରକାର ଯଦି ରାଜଧାନୀରେ ୫ ଗୋଟି ସବରେଜିଷ୍ଟ୍ରାର ଅଫିସ ଖୋଲି ଜନସାଧାରଣଙ୍କୁ ସୁବିଧା ଉପଲବ୍ଧ କରାଇବାକୁ ଚାହୁଁଛନ୍ତି ତେବେ ଉକ୍ତ ପାଞ୍ଚ ଗୋଟି ଅଫିସ ଗୋଟିଏ ସ୍ଥାନରେ ରହିଲେ କ୍ଷତି କ'ଣ? ଏହାକୁ ନେଇ ଆଇନଜୀବୀମାନେ ରାଜସ୍ୱ ବିଭାଗ ସହିତ ପୂର୍ବରୁ ଆଲୋଚନା କରିଥିଲା ବେଳେ ସରକାର କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ ରହିବା ଦ୍ୱାରା ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଆଇନଜୀବୀ, ଡିଡ୍ ରାଇଟର, ଷ୍ଟାମ୍ପ ଭେଣ୍ଡର ଓ ମୋହରୀରଙ୍କ ସହ ଜନସାଧାରଣ ଏନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏହାକୁ ନେଇ ଭୁବନେଶ୍ୱର ବାର୍ ଆସୋସିଏସନର ସମ୍ପାଦକ ରାଜ କିଶୋର ଦାସ କହିଛନ୍ତି ଯେ, ଯେଉଁଠି 'ଜଷ୍ଟିସ ଆଟ୍ ଡୋର ଷ୍ଟେପ୍' କୁହାଯାଉଛି ସେଠାରେ ପାଞ୍ଚଟି ସ୍ଥାନରେ ସବ୍‌ରେଜିଷ୍ଟ୍ରାର ଅଫିସ କରିବାକୁ ଆଇନଜୀବୀମାନେ ବିରୋଧ କରୁଛନ୍ତି। ସବ୍‌ରେଜିଷ୍ଟ୍ରାର ଅଫିସ ବିଭାଜନକୁ ଆମେ ବିରୋଧ କରୁନାହୁଁ। କିନ୍ତୁ ଏହା ଗୋଟିଏ ବିଲ୍ଡିଂରେ ନରହିଲେ ଜନସାଧାରଣ ଚାରିଆଡେ ବୁଲି ବୁଲି ହନ୍ତସନ୍ତ ହୋଇଯିବେ। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମ୍ଭେ ଦାବି ➤ ପୃ-୬

### ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ଓ ହାଇକୋର୍ଟ ସ୍ଥାନାନ୍ତର ଦାବି

## ଆଇନଜୀବୀଙ୍କ ଶାନ୍ତିପୂର୍ଣ୍ଣ ଧାରଣା




**ଭୁବନେଶ୍ୱର :** ଦୀର୍ଘ ୩୧ ବର୍ଷ ହେବ ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ପାଇଁ ଓକିଲ ମାନେ ଦାବି କରି ଆସୁଛନ୍ତି। କିନ୍ତୁ ସରକାର ଓକିଲମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ଦ୍ୱାରା ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିସହିତ ଭୁବନେଶ୍ୱରରେ ହାଇକୋର୍ଟ ଓ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବିରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଜିଲ୍ଲା ଜଜ୍‌ଙ୍କ କୋର୍ଟ ପ୍ରାଙ୍ଗଣରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଆଇନଜୀବୀମାନେ କୋର୍ଟ ଫାଟକରେ ତାଲା ପକାଇ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବାରୁ ବିଚାରପତିମାନେ ଭିତରେ ପ୍ରବେଶ କରିପାରିନଥିଲେ। ତେଣୁ ଆଇନଜୀବୀ ଓ ପୋଲିସ ମଧ୍ୟରେ ବଚସା ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇନଜୀବୀମାନେ ଅଭିଯୋଗ କରିଥିଲେ ଯେ ଭୁବନେଶ୍ୱର ରାଜଧାନୀ ହୋଇ ମଧ ସବ୍-ଡିଭିଜନ୍ ହୋଇରହିଛି। ଲୋକସଂଖ୍ୟା ଦୃଷ୍ଟିରୁ ସରକାର ତୁରନ୍ତ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ଭାବେ ଘୋଷଣା କରିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଭୁବନେଶ୍ୱରରେ ହାଇକୋର୍ଟ ତୁରନ୍ତ ପ୍ରତିଷ୍ଠା କରିବାକୁ ଆଇନ୍‌ଜୀବୀମାନେ ଦାବି କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଚନ୍ଦ୍ରଶେଖରପୁର ଅଞ୍ଚଳରେ ହାଇକୋର୍ଟ ପ୍ରତିଷ୍ଠା ପାଇଁ ଯୋଜନା କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ଉପରେ କେହି ଧ୍ୟାନ ଦେଇନାହାନ୍ତି। ଏହି ଧାରଣାରେ ପରିଚାଳନା କମିଟିର ମୁଖ୍ୟ ଶିବାନନ୍ଦ ରାୟ, ପୂର୍ବତନ ସଭାପତି ଜାହିଦୁର ରହମନ, ମଧୁମାଧବ ଜେନା, ଆତ୍ମପ୍ରକାଶ ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି, ଅଶୋକ କୁମାର ପାତ୍ର, ବନ ବିହାରୀ ମହାନ୍ତି, ନିର୍ମଳ କିଶୋର ରଥ, ଚିତ୍ତରଞ୍ଜନ ଦାସ, ସୀତାଂଶୁ ମୋହନ ଦ୍ୱିବେଦୀ, ଏସ୍.କେ ସୁବୁଦ୍ଧି ପ୍ରମୁଖ ନେତୃତ୍ୱ ନେଇଥିଲେ। ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ରାଜକିଶୋର ଦାସ ଓ ସହ ସମ୍ପାଦକ ଅଶୋକ କୁମାର ବଡପଣ୍ଡା ସମର୍ଥନ ଜଣାଇଥିଲେ।




### ୧୬,୮୦୦କୋଟିର ଅତିରିକ୍ତ ବଜେଟ

## ରାଜ୍ୟର ଋଣ ବୋଝ ୨୫%ରେ ସୀମିତ



**ଭୁବନେଶ୍ୱର :** ଗୃହରେ ଆଗତ ହେଲା ୨୦୨୨-୨୩ ଅତିରିକ୍ତ ବଜେଟ। ଗୃହରେ ୧୬ହଜାର ୮୦୦କୋଟିର ଅତିରିକ୍ତ ବଜେଟ ଆଗତ ହୋଇଛି। ବଜେଟ ଆଗତ କଲେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ। ଅର୍ଥମନ୍ତ୍ରୀ ପଦ୍ମପୁର ପ୍ରଚାରରେ ଥିବାରୁ ଆଗତ କଲେ ପଞ୍ଚାୟତିରାଜ ମନ୍ତ୍ରୀ। ବଜେଟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ୨ଶହ କୋଟି ଇନପୁଟ ସବସିଡି ଦେବାକୁ ବ୍ୟବସ୍ଥା କରାଯାଇଛି। ବିଧାନସଭାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୬,୮୦୦କୋଟି ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବିକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଉପସ୍ଥାପନ କରିଛନ୍ତି। ପଦ୍ମପୁର ଉପନିର୍ବାଚନରେ ଚାଷୀ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ୨୦୦କୋଟି ଟଙ୍କାର ଇନପୁଟ ସବସିଡି ବାବଦ ଅର୍ଥର ବ୍ୟବସ୍ଥା ଏହି ଅତିରିକ୍ତ ବଜେଟରେ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ମୂଳ ବଜେଟ ୨ଲକ୍ଷ କୋଟି ଟଙ୍କା ଥିବାବେଳେ ଅତିରିକ୍ତ ବଜେଟରେ ଏହାର ପ୍ରାୟ ୮.୪% ଅର୍ଥାତ୍ ୧୬୮୦୦କୋଟି ଟଙ୍କାର ➤ ପୃ-୬

### ବକ୍ରବାଣୀ



ଏତେ ଦିନେ ସ୍ୱପ୍ନ ପୁରା ନ ହେଲା
ମାସ କେଇଟାରେ ହବ କି ଭଲା
ଦିନ ରାତି ଘରେ ଶୋଇ ଶୋଇକି
ଦେଖନ୍ତି ସପନ ଏତେ କାହିଁକି
ମରିଗଲା ପରେ ପୁଅ ମାଇପ
କାନ୍ଦି କାନ୍ଦି କେତେ ଶୁଣାନ୍ତି ଗପ
ମଥାରେ ସିନ୍ଦୁର ନାଇଲା ପରେ
ସୁଖେ ଦୁଃଖେ ଭାଗି ଶଶୁର ଘରେ
ରମାଘର ବୋହୁ ଶଙ୍ଖ ଫୁଙ୍କିକି
ଶଶୁରଙ୍କ କଥା ଭୁଲିଗଲେ କି।

—ଟୁଟୁ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ସଞ୍ଚୟ ହେବ। ପରିବାର ସହଯୋଗ ପାଇବେ ନାହିଁ। ସ୍ଥାନାନ୍ତରଣ ଯୋଗ ଅଛି। ବିଦେଶରେ ପାଠ ପଢ଼ିପାରନ୍ତି। ଦାମ୍ପତ୍ୟ ଜୀବନରେ ଅସ୍ଥିରତା ଯୋଗ ଅଛି। ପ୍ରତିକାର : ପ୍ରତିଦିନ ୧୦ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ବୃଷ** ମାଦକ ଦ୍ରବ୍ୟ ସେବନରୁ ଦୂରେଇ ପାରନ୍ତି। ବାପା ମାଆଙ୍କ ସହଯୋଗ ପାଇ କାର୍ଯ୍ୟକ୍ଷେତ୍ରରେ ନୂତନ ଉପଲବ୍ଧି ପାଇବେ। ଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ତାଳ ମେଳ ବଢ଼ିବ। ପ୍ରତିକାର : ପ୍ରତିଦିନ ୪୦ଥର ଓଁ ରାହବେ ନମଃ ଜପ କରନ୍ତୁ।

**ମିଥୁନ** ଖରାପ ସ୍ୱାସ୍ଥ୍ୟ ଆତ୍ମବିଶ୍ୱାସ କମିବ। ବ୍ୟୟରେ ବୃଦ୍ଧି ହେବ। ଉଧାର କରିପାରନ୍ତି। ବୀପରିତ ଲିଙ୍ଗ ବ୍ୟକ୍ତିଙ୍କୁ ଆକର୍ଷ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ୪୧ଥର ଓଁ ବୁଧାୟ ନମଃ ଜପ କରନ୍ତୁ।

**କର୍କଟ** ପେଟରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ଧନହାନୀ ହୋଇପାରେ। ସହକର୍ମୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତିକାର : ବିକଳାଙ୍ଗଙ୍କୁ ଖାଦ୍ୟ ଖୁଆନ୍ତୁ।

**ସିଂହ** ଖେଳକୁଦରେ ଭାଗ ନିଅନ୍ତୁ। ଦୀର୍ଘ ମିଆଦି ବ୍ୟବସାୟ କରନ୍ତୁ। ପରିବାରରେ ସମ୍ପର୍କ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର ସହଯୋଗ ନିଅନ୍ତୁ। ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ।

**କନ୍ୟା** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ। ଅର୍ଥ ପ୍ରାପ୍ତ ଯୋଗ ଅଛି। ଆତ୍ମୀୟଙ୍କ ସହ ମତଭେଦ ହୋଇପାରେ। ପ୍ରେମୀ ନାରାଜ ହୋଇପାରନ୍ତି। ପ୍ରତିକାର : ପ୍ରତିଦିନ ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** ମନ ଅସ୍ଥିର ରହିବ। ବ୍ୟବସାୟରେ ବିସ୍ତାର ପାଇଁ ଋଣ ନେଇପାରନ୍ତି। ଅନ୍ୟ ସହମତ ଭେଦ ହୋଇପାରେ। ସତର୍କ ରହନ୍ତୁ। ଶିକ୍ଷକଙ୍କ ସହଯୋଗ ପାଇବେ। ପ୍ରତିକାର : ପ୍ରତିଦିନ ୩୧ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ।

**ବିଛା** ଅଧିକ ଚିନ୍ତା କରନ୍ତୁ ନାହିଁ। କମ୍ ପରିଶ୍ରମରେ ଅଧିକ ଆୟ ହେବ। ପରିବାରରେ ସୁଖ ପାଇଷବ। ଲକ୍ଷ୍ୟପ୍ରାପ୍ତି ଯୋଗ ଅଛି। ପ୍ରେମୀ ମାନେ ଭ୍ରମଣ ପାଇଁ ଯାଇପାରନ୍ତି। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଶୁକ୍ରାୟ ନମଃ ଧ୍ୟାନ କରନ୍ତୁ।

**ଧନୁ** ଖର୍ଚ୍ଚ ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ। ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଛାତ୍ରମାନଙ୍କ ସମୟ ପ୍ରତିକୂଳ ରହିବ। ପ୍ରେମୀମାନେ ବିବାହ ପ୍ରସ୍ତାବ ରଖିପାରନ୍ତି। ପ୍ରତିକାର : ଗୁରୁବାର ଦିନ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** ଅର୍ଥ ଆଗମନର ସୂଚନା ପାଇବେ। ଧନର ଠିକ୍ ଉପଯୋଗ କରନ୍ତୁ। ପରିବାରର କାର୍ଯ୍ୟରେ ବାନ୍ଧି ହୋଇପାରନ୍ତି। ବାପା ବା ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ପ୍ରତିକାର : ୧୧ଥର ଓଁ ଭାସ୍କରାୟ ନମଃ ଜପ କରନ୍ତୁ।

**କୁମ୍ଭ** ପାଚନ ରୋଗରୁ ମୁକ୍ତି ପାଇବେ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ପରିବାର ଓ ବନ୍ଧୁଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ସଫଳତା ମିଳିବ। ପ୍ରେମୀଙ୍କ ଠାରୁ ଦୂରେଇ ରହିବା କଷ୍ଟ ହୋଇପାରେ। ପ୍ରତିକାର : ଭଗବାନ ଶିଙ୍କ ଉପାସନା କରନ୍ତୁ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟୟରେ ବୃଦ୍ଧି ହେବ। ପରିବାର ସହ ସମୟ କଟିବ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ବାଦବିବାଦ ହୋଇପାରେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗଣେଷାୟ ନମଃ ଜପନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# 'ପ୍ରତି ୧୧ ମିନିଟ୍‌ରେ ଜଣେ ଯୁବତୀଙ୍କ ଜୀବନ ନେଉଛନ୍ତି ସମ୍ପର୍କୀୟ'

**ନୂଆଦିଲ୍ଲୀ :** ପ୍ରତି ୧୧ ମିନିଟ୍‌ରେ ଜଣେ ମହିଳା କିମ୍ବା ଯୁବତୀ ସେମାନଙ୍କର ଘନିଷ୍ଠ ସାଥୀ କିମ୍ବା ପରିବାର ଲୋକଙ୍କ ଦ୍ୱାରା ହତ୍ୟାର ଶିକାର ହେଉଛନ୍ତି। ଏଭଳି ଏକ ଚକିତ କରିଦେବା ଭଳି ତଥ୍ୟ ରଖିଛନ୍ତି ୟୁଏନ ଚିଫ୍ ଆଣ୍ଟୋନିଓ ଗୁଟେରରସ। ସେ ଏହି ପ୍ରସଙ୍ଗରେ ସରକାରଙ୍କୁ ଜାତୀୟ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ କହିଛନ୍ତି। ଦିଲ୍ଲୀ ଶ୍ରଦ୍ଧା ୱାକର ହତ୍ୟା ମାମଲା ପୂରା ଦେଶକୁ ଚକିତ କରିଛି। କିଭଳି ଜଣେ ମହିଳାଙ୍କୁ ଏଭଳି ନୃଶଂସ ଭାବରେ ନିଜ ସାଥୀ ହତ୍ୟା କରିପାରେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନେକ ସ୍ଥାନରେ ଏହାକୁ ନେଇ ପ୍ରତିବାଦ ମଧ୍ୟ କରାଯାଇଛି। ଏମିତିକି ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଆଉ ଏହାରି ମଧ୍ୟରେ ଏଭଳି ଏକ ତଥ୍ୟ ଦେଇଛନ୍ତି। ୟୁଏନ୍ ଚିଫ୍ ଆଣ୍ଟୋନିଓ ଗୁଟେରେସ। ମହିଳାଙ୍କ ବିରୋଧରେ ହିଂସାକୁ ଶେଷ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଳନ କରାଯାଉଥିବା ଦିବସ ଉପଲକ୍ଷେ ଏଭଳି କହିଛନ୍ତି ଗୁଟେରେସ। ଆସନ୍ତା ନଭେମ୍ବର ୨୫ ରେ ଏହା ପାଳନ ହେବାକୁ ଯାଉଛି। ସେ କହିଛନ୍ତି ମହିଳା ଏବଂ କିଶୋରୀଙ୍କ ଉପରେ ହିଂସା, ସବୁଠୁ ଅଧିକ ହେଉଥିବା ହେଉଥିବା ମାନବ ଅଧିକାରର ଉଲ୍ଲଂଘନ। ପ୍ରତି ୧୧ ମିନିଟ୍‌ରେ ଜଣେ ମହିଳା ଏବଂ ଯୁବତୀ ସେମାନଙ୍କ ପରିବାର ତଥା ଘନିଷ୍ଠ ସାଥୀଙ୍କ ଦ୍ୱାରା ହତ୍ୟାର ଶିକାର ହେଉଛନ୍ତି। ଏହା ବ୍ୟତୀତ ବିକାର, କୋଭିଡ୍-୧୯ ମହାମାରୀରୁ ଆର୍ଥିକ ମାନ୍ଦାବସ୍ଥା ଦ୍ୱାରା ଏହି ହିଂସା ବଢ଼ିଛି। ସେ ଆହୁରି କହିଛନ୍ତି ମହିଳା ତଥା ଯୁବତୀମାନେ ଅନଲାଇନରେ ମଧ୍ୟ ହିଂସାର ଶିକାର ହେଉଛନ୍ତି। ଅନଲାଇନରେ ସେମାନଙ୍କୁ ଅଶ୍ଳୀଳ ମନ୍ତବ୍ୟ ଶୁଣିବାକୁ ପଡୁଛି। ଆହୁରି ଅନେକ ପ୍ରକାରର



ନିର୍ଯାତନାର ଶିକାର ମଧ୍ୟ ହେଉଛନ୍ତି। ବର୍ତ୍ତମାନ ମହିଳାଙ୍କ ଉପରେ ହିଂସା ଘଟଣା କେବଳ ଇତିହାସ ହୋଇ ରହିବାର ସମୟ ଆସିଛି। ମହିଳା ଏବଂ ଶିଶୁ କନ୍ୟାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକିବା ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାର ସମୟ ଆସିଛି ବୋଲି କହିଛନ୍ତି ୟୁଏନ୍ ଚିଫ୍। ସେ ଆହୁରି କହିଛନ୍ତି ସରକାରଙ୍କୁ ଏହାକୁ ରୋକିବା ପାଇଁ ଫଣ୍ଡିଂ, ଡିଜାଇନ ଏବଂ ଜାତୀୟ ଯୋଜନାକୁ ଲାଗୁ କରିବା ପାଇଁ ଆକ୍ସନ ପ୍ଲାନ ଲାଗୁ କରିବା ପାଇଁ ଯୋଜନା କରୁଛନ୍ତି।

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ

## ମିଳିମିଳା କବଳରେ ବିଶ୍ୱର ୪ କୋଟି ଶିଶୁ



**ନୂଆଦିଲ୍ଲୀ :** କରୋନା ସଂକଟ ପରେ ଏବେ ଶିଶୁଙ୍କ ଉପରକୁ ଘନେଇଛି ମିଳିମିଳା ବିପଦ। ସାରା ବିଶ୍ୱରେ ଅନୁନ୍ୟ ୪ କୋଟି ଶିଶୁ ମିଳିମିଳାରେ ଆକ୍ରାନ୍ତ ହୋଇପାରନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚଓ) ଆକଳନ କରିଛନ୍ତି। ଡବ୍ଲୁଏଚଓ ଏବଂ ୟୁଏସ୍ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ(ସିଡିସି) ଏକ ମିଳିତ ବୟାନରେ କରୋନା ଯୋଗୁ ମିଳମିଳା ଟିକାକରଣରେ ବ୍ୟବଧାନ ଆସିଥିଲା ବୋଲି କହିଛନ୍ତି। ଫଳରେ ଗତବର୍ଷ ବିଶ୍ୱରେ ପ୍ରାୟ ୪୦ ମିଲିୟନ ଅର୍ଥାତ ୪ କୋଟି ଶିଶୁଙ୍କୁ ମିଳମିଳା ଟିକା ଦିଆଯାଇପାରି ନାହିଁ। ଏବେ ବିଶ୍ୱରେ କୋଭିଡ-୧୯ ବିପଦ ଅପସରି ଆସୁଥିବା ବେଳେ ମିଳମିଳା ପ୍ରସରିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ ମିଳମିଳା ବିପଦଜନକ ମାନବ ଭୂତାଣୁ ମଧ୍ୟରେ ଗୋଟିଏ ଯାହାକୁ ଟିକାକରଣ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରେ। ତେବେ ସାମୂହିକ ପ୍ରକୋପ ରୋକିବା ଲାଗି ଅନୁନ୍ୟ ୯୫ ପ୍ରତିଶତ ଟିକାକରଣର ଆବଶ୍ୟକତା ରହିଛି। କୋଭିଡ-୧୯ କଟକଣା ଓ ଟିକାକରଣରେ ୨୦୨୧ ମସିହାରେ ୪୦ ନିୟୁତ ଶିଶୁଙ୍କ ମିଳମିଳା ଟିକାକରଣ ହୋଇପାରିନଥିଲା। ଏଣୁ ବିଶ୍ୱରେ ଲକ୍ଷଲକ୍ଷ ଶିଶୁ ଏବେ ମିଳମିଳା ପ୍ରତି ସମ୍ବେଦନଶୀଳ। ଅଧିକାରୀଙ୍କ ସୂଚନା ଅନୁସାରେ ୨୦୨୧ରେ ସାରା ବିଶ୍ୱରେ ୯ ନିୟୁତ ଶିଶୁ ମିଳମିଳାରେ ସଂକ୍ରମିତ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ୧.୨୮ ଲକ୍ଷଙ୍କ ମୃତ୍ୟୁ ହୋଇଛି। ଡବ୍ଲୁଏଚଓ ଏବଂ ସିଡିସି କହିଛନ୍ତି ଯେ ନିରନ୍ତର ଟିକାକରଣ ହ୍ରାସ, ରୋଗର ଦୁର୍ବଳ ନିରୀକ୍ଷଣ ଓ କୋଭିଡ-୧୯ ଯୋଗୁ ପ୍ରତିକ୍ରିୟା ଯୋଜନାରେ ବିଳମ୍ବ ଯୋଗୁ ଏବେ ବିଶ୍ୱର ୨୦ରୁ ଅଧିକ ଦେଶରେ ମିଳମିଳାର ପ୍ରକୋପ ଦେଖା ଦେଇଛି। ଏଥିରୁ ବିଶ୍ୱର ଏକ ବୃହତ୍ତ ଅଞ୍ଚଳରେ ମିଳମିଳା ଏବେ ବଡ ବିପଦର କାରଣ ହୋଇପାରେ ବୋଲି ଆକଳନ କରାଯାଉଛି।

## ବ୍ରିଟେନରେ ଏସୀୟ ଧନୀ ତାଲିକାରେ ଋଷି ସୁନକ

**ନୂଆଦିଲ୍ଲୀ :** ବ୍ରିଟିଶ ପ୍ରଧାନ ମନ୍ତ୍ରୀ ଋଷି ସୁନକ ଏବଂ ତାଙ୍କ ପତ୍ନୀ ଅକ୍ଷତା ମୂର୍ତ୍ତି ବ୍ରିଟେନରେ ଏସୀୟ ଧନୀଙ୍କ ତାଲିକାରେ ସାମିଲ୍ ହୋଇଛନ୍ତି। ଏସୀୟ ଧନୀ ବ୍ୟକ୍ତିଙ୍କ ସୂଚୀରେ ଶୀର୍ଷରେ ଅଛନ୍ତି ହିନ୍ଦୁଜା ପରିବାର। ୭୯୦ ମିଲିୟନ ପାଉଣ୍ଡ(ପାଖାପାଖି ୭୮, ୧୧, ୩୯, ୨୦, ୨୦୦ ଟଙ୍କା)ର ଆନୁମାନିକ ସଂପତ୍ତି ସହ ପ୍ରଧାନମନ୍ତ୍ରୀ ସୁନକ ଏବଂ ତାଙ୍କ ପତ୍ନୀ ଅକ୍ଷତା ମୂର୍ତ୍ତି ତାଲିକାରେ ୧୭ତମ ସ୍ଥାନରେ ରହିଛନ୍ତି। ଉଲ୍ଲେଖନୀୟ ଅକ୍ଷତାଙ୍କ ବାପା ହେଉଛନ୍ତି ଭାରତୀୟ ଆଇଟି କମ୍ପାନି ଇନଫୋସିସର ସହ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି। ଚଳିତ ବର୍ଷ ତାଲିକାରେ ସାମିଲ୍ ଏସୀୟ ବିତ୍ତଶାଳୀଙ୍କ ମୋଟ୍ ସଂପତ୍ତିର ପରିମାଣ ୧୧୩.୨ ବିଲିୟନ ପାଉଣ୍ଡ। ଏ ସଂପତ୍ତି ଗତ ବର୍ଷ ତୁଳନାରେ ୧୩.୫ ବିଲିୟନ



ପାଉଣ୍ଡ ଅଧିକ ରହିଛି। ବ୍ରିଟେନରେ ଏସୀୟ ଧନୀଙ୍କ ତାଲିକାରେ ୩୦.୫ ବିଲିୟନ ପାଉଣ୍ଡ ସହ ହିନ୍ଦୁଜା ପରିବାର କ୍ରମାଗତ ଅଷ୍ଟମ ଥର ଶୀର୍ଷରେ ଅଛନ୍ତି। ଗତ ବର୍ଷ ତୁଳନାରେ ଏଥର ହିନ୍ଦୁଜା ପରିବାରଙ୍କ ସଂପତ୍ତିରେ ୩ ବିଲିୟନ ପାଉଣ୍ଡ ବୃଦ୍ଧି ଘଟିଛି।

## ବାୟୁସେନା କିଣିବ ଆଣ୍ଟି ରେଡିଏସନ ମିଶାଇଲ ରୁଦ୍ରମ

**ନୂଆଦିଲ୍ଲୀ:** ଶତ୍ରୁକୁ କଡ଼ା ଜବାବ ଦେବା ପାଇଁ ଭାରତୀୟ ବାୟୁ ସେନା ନିଜ ଶକ୍ତି ଲଗାତାର ବଢାଉଛି। ମେକ୍ ଇନ ଇଣ୍ଡିଆ ଅଧିନରେ ବିଶକିତ କରାଯାଇଥିବା ଦେଶର ପ୍ରଥମ ସ୍ୱଦେଶୀ ଆଣ୍ଟି ରେଡିଏସନ ମିଶାଇଲ ରୁଦ୍ରମକୁ ଅଧିଗ୍ରହଣ କରିବା ପାଇଁ ସରକାରଙ୍କୁ ୧,୪୦୦ କୋଟି ଟଙ୍କାରୁ ଅଧିକର ପ୍ରସ୍ତାବ ଦେଇଛନ୍ତି। ଜଣେ ଅଧିକାରୀ ଏହି ସୂଚନା ଦେଇଥିବା ବିଭିନ୍ନ ଗଣମାଧମ ରିପୋର୍ଟରେ ପ୍ରକାଶ ପାଇଛି। ଅଧିକାରୀ କହିଛନ୍ତି, ଏହି ଆଣ୍ଟି ରେଡିଏସନ ମିଶାଇଲ ଶତ୍ରୁଙ୍କ ରଡାର ଲୋକେସନକୁ ଟ୍ରାକ କରି ନଷ୍ଟ କରିବ। ଡିଆରଡିଓ ଦ୍ୱାରା ବିକଶିତ ଉନ୍ନତ ମିଶାଇଲର ଅଧିଗ୍ରହଣ ପ୍ରସ୍ତାବ ରକ୍ଷା ମନ୍ତ୍ରାଳୟ ନିକଟରେ ରହିଛି ଏବଂ ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକରେ ଏହା ଉପରେ ନିଷ୍ପତ୍ତି ନିଆଯିବ। ସୂଚନା ଅନୁସାରେ ନୂତନ ପିଢିର ଆଣ୍ଟି ରେଡିୟସନ ମିଶାଇଲକୁ ଭାରତୀୟ ବାୟୁ ସେନା ନିଜ ସୁଖୋଇ- ୨୦ ଯୁଦ୍ଧ ବିମାନରେ ପରୀକ୍ଷଣ କରିସାରିଛି। ଏହି ମିଶାଇଲ ଯୁଦ୍ଧ ସମୟରେ ଶତ୍ରୁର



ରଡାର ସ୍ଥାନକୁ ନଷ୍ଟ କରିବ। ରଡାର ସିଷ୍ଟମ ନଷ୍ଟ ହେବା ପରେ ଭାରତୀୟ ବାୟୁ ସେନା ନିଜ ଲକ୍ଷ୍ୟକୁ ସହଜରେ ଭେଦିପାରିବ। ରୁଦ୍ରମକୁ ସୁଖୋଇ-୩୦ ଏବଂ ମିରାଜ-୨୦୦୦ ପରି ଭାରତୀୟ ବାୟୁ ସେନାର ଯୁଦ୍ଧ ବିମାନରୁ ମାଡ କରାଯାଇ ପାରିବ। ରୁଦ୍ରମ ଭାରତର ପ୍ରଥମ ସ୍ୱଦେଶୀ ରୁପେ ବିକଶିତ ବିକିରଣ ରୋଧୀ ମିଶାଇଲ ଯାହାର ଗତି ଶବ୍ଦର ଗତିଠାରୁ ଦୁଇ ଗୁଣ ଅଧିକ। ଉଲ୍ଲେଖଯୋଗ୍ୟ ଯେ ଏହି ମିଶାଇଲକୁ ଯେକୌଣସି ଉଚ୍ଚତାରୁ ଛଡା ଯାଇପାରିବ।

## ୨୦୩୦ ସୁଦ୍ଧା ଚନ୍ଦ୍ରରେ ବସବାସ କରିବ ମଣିଷ



**ନୂଆଦିଲ୍ଲୀ :** ଆମେରିକାର ମହାକାଶ ଏଜେନ୍ସି ନାସାର ବୈଜ୍ଞାନିକ ଦାବି କରିଛନ୍ତି ଯେ, ମଣିଷ ୨୦୩୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠରେ ରହିବାକୁ ଲାଗିବ। ଏବଂ ସେଠାରେ କାମ ମଧ୍ୟ କରିବ। ଆର୍ଟେମିସ-୧ ମିଶନ ଆଧାରରେ ଚନ୍ଦ୍ର ଅଭିମୁଖେ ଉତ୍କ୍ଷେପଣ କରାଯାଇଥିବା ଓରିଅନ ସ୍ପେସକ୍ରାଫ୍ଟ ପ୍ରୋଗ୍ରାମର ମୁଖ୍ୟ ହୋବାର୍ଡ ହୁ କହିଛନ୍ତି କି ଆମେ ୮ ବର୍ଷ ମଧ୍ୟରେ ଚନ୍ଦ୍ର ପୃଷ୍ଠକୁ ମଣିଷକୁ ପଠାଇବୁ। ଲୋକ ସେଠାକୁ ଯିବେ ଏବଂ ସେଠାରେ ସାଇଣ୍ଟିଫିକ୍ ପ୍ରୟୋଗ କରିବେ। ସୂଚନା ଥାଉକି ନିକଟରେ ନାସା ନିଜର ଶକ୍ତିଶାଳୀ ସ୍ପେସ୍ ଲଞ୍ଚ ସିଷ୍ଟମ ରକେଟ ଜରିଆରେ ଓରିଅନ ସ୍ପେସକ୍ରାଫ୍ଟକୁ ଚନ୍ଦ୍ର ଅଭିମୁଖେ ପଠାଇଛି। ଓରିଅନ ବର୍ତ୍ତମାନ ଚନ୍ଦ୍ର ଚାରି ପାଖେ ବୁଲୁଛି। ଅନେକ ଥର ଟଳିବା ପରେ ଏହି ଲଞ୍ଚିଙ୍ଗ ଗତ ସପ୍ତାହରେ କରାଯାଇଛି। ପ୍ରାୟ ୫୦ ବର୍ଷ ପରେ ନାସା ଚନ୍ଦ୍ର ଅଭିମୁଖେ କୌଣସି ମନୁଷ୍ୟ ମିଶନର ଆରମ୍ଭ କରୁଛି। ସୂଚନାଥାଉକି ଯେଉଁ ଓରିଅନ ସ୍ପେସକ୍ରାଫ୍ଟ ଚନ୍ଦ୍ର ଚାରିପାଖେ ଚକର କାଟୁଛି ସେଥିରେ କୌଣସି ମନୁଷ୍ୟ ନାହାନ୍ତି। କିନ୍ତୁ ଆଗାମୀ ଦିନରେ ସେଇ ସ୍ପେସକ୍ରାଫ୍ଟରେ ମଣିଷକୁ ଚନ୍ଦ୍ରକୁ ପଠାଯିବ। ଏବେ ଓରିଅନର ଏହା ଯାଞ୍ଚ କରାଯାଉଛି ଯେ ତାହା ଚନ୍ଦ୍ର ପର୍ଯ୍ୟନ୍ତ ଯାଇ, ତାର ଚକ୍କର ଲଗାଇ, ପୁଣିଥରେ ପୃଥିବୀପୃଷ୍ଠକୁ ସଠିକ୍ ଭାବେ ଫେରୁଛି କି ନାହିଁ। କାରଣ ଏହି ସ୍ପେସକ୍ରାଫ୍ଟ ଜରିଆରେ ଆଷ୍ଟ୍ରୋନଟସଙ୍କୁ ଚନ୍ଦ୍ରକୁ ପଠାଯିବ। ଯଦି ସବୁ କିଛି ଠିକ୍ ରହିଲା ତେବେ ୧୯୭୨ ମସିହା ପରେ ପ୍ରଥମଥର ମଣିଷକୁ ଚନ୍ଦ୍ରକୁ ପଠାଯିବ। ଏଥିରେ ଜଣେ ମହିଳା ଆଷ୍ଟ୍ରୋନଟ ମଧ୍ୟ ସାମିଲ ରହିବେ। ଯେଉଁ ଯୋଜନା କରାଯାଇଛି ସେ ଅନୁସାରେ ଆଷ୍ଟ୍ରୋନଟସଙ୍କୁ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ପାଖରେ ଛଡ଼ାଯିବ। ଯେଉଁଠାରେ ସେ ଗୋଟିଏ ସପ୍ତାହ ସମୟ ବିତାଇବେ। ଏହି ସମୟରେ ପାଣିର ଅନ୍ୱେଷଣ କରାଯିବ। ଯଦି ପାଣି ମିଳିଯାଏ ତେବେ ଚନ୍ଦ୍ରରୁ ମଙ୍ଗଳ ପାଇଁ ରକେଟ୍ ଲଞ୍ଚ କରାଯାଇ ପାରିବ। ଅର୍ଥାତ ପୃଥିବୀରୁ ମଙ୍ଗଳ ମଧ୍ୟରେ ଚନ୍ଦ୍ର ଏକ ମାଧ୍ୟମ ଭଳି ଉପଯୋଗ ହେବ। ମଣିଷଙ୍କୁ ସ୍ଥାୟୀ ଭାବେ ଚନ୍ଦ୍ରରେ ରହିବା ପାଇଁ ସ୍ଥାନ ବନାଇବାକୁ ହେବ। ଯେଉଁଥିପାଇଁ ଖନନ କରିବାର ଆବଶ୍ୟକତା ହେବ। ଏହା ବ୍ୟତୀତ ବୈଜ୍ଞାନିକ ପ୍ରୟୋଗ କରିବାକୁ ହେବ। ହୋବାର୍ଡ ହୁ କହିଛନ୍ତି ଯେ ଏହା ଆମର ପ୍ରଥମ ପଦକ୍ଷେପ ଅଟେ ମଣିଷଙ୍କୁ ଚନ୍ଦ୍ରରେ ରହିବା ପାଇଁ। ଯଦି ଏହା ସଫଳ ହୁଏ ତେବେ ଆମେ ଚନ୍ଦ୍ରରେ ମଣିଷ ବସ୍ତି ବସାଇ ପାରିବା।

### ନୂତନ ଅଧ୍ୟୟନରୁ ଚାଞ୍ଚଲ୍ୟକର ଖୁଲାସା

# ସାନିଟାରୀ ପ୍ୟାଡ୍‌ରୁ କ୍ୟାନ୍ସର !

**ନୂଆଦିଲ୍ଲୀ :** ଭାରତରେ କିଶୋରାବସ୍ଥାରେ ପ୍ରବେଶ କରିଥିବା ପ୍ରତି ଚାରି ବାଳିକାଙ୍କ ମଧ୍ୟରୁ ତିନି ଜଣ ସାନିଟାରୀ ପ୍ୟାଡ୍‌ର ବ୍ୟବହାର କରିଥାନ୍ତି। ମାସିକ ଋତୁସ୍ରାବ ସମୟରେ ସାନିଟାରୀ ପ୍ୟାଡ୍ର ବ୍ୟବହାର ଗୁପ୍ତାଙ୍ଗରେ ହେବାକୁ ଥିବା ଗମ୍ଭୀର ରୋଗରୁ ବଞ୍ଚିବା ପାଇଁ କରାଯାଏ। ମାତ୍ର ସାନିଟାରୀ ପ୍ୟାଡ୍କୁ ନେଇ ଏକ ନୂତନ ଅଧ୍ୟୟନରେ ଏମିତି କିଛି ଖୁଲାସା ହୋଇଛି, ଯାହା ବାସ୍ତବରେ ମନରେ ଭୟ ସଞ୍ଚାର କରୁଛି। ନୂତନ ଅଧ୍ୟୟନ ଅନୁଯାୟୀ, ନ୍ୟାପକିନର ବ୍ୟବହାରରେ କ୍ୟାନ୍ସର ହେବାର ବିପଦ ବଢିପାରେ। କେବଳ ଏତିକି ନୁହେଁ ବାଞ୍ଝପଣର ସମସ୍ୟା ମଧ୍ୟ ହୋଇପାରେ। ଏନଜିଓ ଟକ୍ସିକ୍ସ ଲିଙ୍କରେ କାର୍ଯ୍ୟକ୍ରମ ସଂଯୋଜକ ତଥା ଏହି ଅଧ୍ୟନରେ ସାମିଲ୍ ଡାକ୍ତର ଅମିତ୍ କହିଛନ୍ତି ଯେ, ପ୍ରତିଟି ସ୍ଥାନରେ ସହଜରେ ମିଳୁଥିବା ସାନିଟାରୀ



ନ୍ୟାପକିନରେ ଏମିତି ଅନେକ କେମିକାଲ୍ ରହିଛି, ଯାହା ସ୍ୱାସ୍ଥ୍ୟପକ୍ଷେ ବହୁତ ହାନୀକାରକ। ସାନିଟାରୀ ଉତ୍ପାଦରେ ଅନେକ ଗମ୍ଭୀର କେମିକାଲ ଯଥା କାରସିନୋଜନ, ରିପ୍ରୋଡକ୍ଟିଭ୍ ଟକ୍ସିସ୍, ଏଣ୍ଡୋକ୍ରାଇନ ଡିସରପ୍ଟର୍ସ ଏବଂ ଏଲରଜିନ୍ସ ମିଳିଥାଏ। ଏନଜିଓ ଟକ୍ସିକ୍ସ ଲିଙ୍କ୍ ପକ୍ଷରୁ ଦିଆଯାଇଥିବା ଏହି ଅଧ୍ୟନରେ ଭାରତରେ ସାନିଟାରୀ ନ୍ୟାପକିନ ବିକ୍ରି କରୁଥିବା ୧୦ ବ୍ରାଣ୍ଡର ଉତ୍ପାଦକୁ ସାମିଲ୍ କରାଯାଇଛି। ଅଧ୍ୟୟନ ବେଳେ ଗବେଷଣାକାରୀଙ୍କୁ ସମସ୍ତ ନମୂନାରେ ଥ୍ୟାଲେଟ୍ ଏବଂ ଭୋଲେଟାଇଲ୍ କମ୍ପାଉଣ୍ଡର ତତ୍ତ୍ୱ ମିଳିଛି। ଚିନ୍ତାର ବିଷୟ ଏହି ଦୁଇ ଦୂଷିତ ପଦାର୍ଥ କ୍ୟାନ୍ସରର କୋଷିକା ତିଆରି କରିବାରେ ସକ୍ଷମ। ଏହି ଅଧ୍ୟୟନରେ ସଂପୃକ୍ତ ଅଙ୍କାକଶା ମେହରୋତ୍ରା କହିଛନ୍ତି, ସବୁଠୁ ଅଧିକ ଚିନ୍ତାର ବିଷୟ ସାନିଟାରୀ ପ୍ୟାଡ୍ ବ୍ୟବହାର କାରଣରୁ ରୋଗ ବଢିବାର ସମ୍ଭାବନା ବଢିଯାଏ। ମହିଳାଙ୍କ ତ୍ୱଚା ତୁଳନାରେ ଭଜାଇନା ଉପରେ ଗମ୍ଭୀର କେମିକାଲର ପ୍ରଭାବ ଅଧିକ ରହିଥାଏ। ଏହି କାରଣରୁ କ୍ୟାନ୍ସରର ବିପଦ ଆହୁରି ବଢିଯାଏ। ଏନଜିଓ ଟୋକ୍ସିକ୍ ଲିଙ୍କ୍‌ର ମୁଖ୍ୟ କାର୍ଯ୍ୟକ୍ରମ ସଂଯୋଜକ ପ୍ରୀତି ବନ୍ଥିଆ ମହେଶ କହିଛନ୍ତି, ୟୁରୋପୀୟ କ୍ଷେତ୍ରରେ ଏହି ସବୁ ପାଇଁ ନିୟମ ରହିଥିବା ବେଳେ ଭାରତରେ ସେମିତି ବିଶେଷ ନିୟମ ନାହିଁ। କିନ୍ତୁ ଭାରତରେ ସାନିଟାରୀ ନ୍ୟାପକିନ ବିଏସଆଇ ମାନକ ଅନ୍ତର୍ଗତ ଆସିଥାଏ। ମାତ୍ର ସେଥିରେ କେମିକାଲକୁ ନେଇ କୌଣସି ନିୟମ ନାହିଁ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେର ସଦ୍ୟତମ ତଥ୍ୟ ଅନୁସାରେ, ୧୫ ରୁ ୨୪ ବର୍ଷ ମଧ୍ୟରେ ପ୍ରାୟ ୬୪ ପ୍ରତିଶତ ଭାରତୀୟ ଯୁବତୀ ସାନିଟାରୀ ନ୍ୟାପକିନର ବ୍ୟବହାର କରନ୍ତି। ବିଗତ ସମୟରେ ସଚେତନତା କାରଣରୁ ଏହାର ବ୍ୟବହାରରେ ବୃଦ୍ଧି ଦେଖିବାକୁ ମିଳିଛି। ଆଇଏମଏଆରସି ଗ୍ରୁପ୍ ଅନୁସାରେ, ସାନିଟାରୀ ଉତ୍ପାଦର ଭାରତରେ ବହୁତ ବଡ ବଜାର ରହିଛି। ୨୦୨୧ରେ ସାନିଟାରୀ ନ୍ୟାପକିନର କାରବାର ୬୧୮ ମିଲିୟନ ଡଲାର ରହିଛି। ଅନୁମାନ କରାଯାଉଛି ଯେ, ୨୦୨୭ ପର୍ଯ୍ୟନ୍ତ ଏହାର ବ୍ୟବସାୟ ୧.୨ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ।

### ଆରବିଆଇ ରିପୋର୍ଟ

# ପ୍ରତି ୧୨ ମିନିଟ୍‌ରେ ଦେଶରେ ଆତ୍ମହତ୍ୟା କରୁଛନ୍ତି ଜଣେ ଶ୍ରମିକ

**ନୂଆଦିଲ୍ଲୀ :** ଭାରତରେ ପ୍ରତି ୧୨ ମିନିଟ୍‌ରେ ଜଣେ ଦିନ ମଜୁରିଆ ଆତ୍ମହତ୍ୟା କରୁଛନ୍ତି। ଆରବିଆଇର ନୂଆ ରିପୋର୍ଟ ଶ୍ରମିକଙ୍କ ଦୈନିକ ମଜୁରୀ ସମ୍ବନ୍ଧରେ ଅନେକ ଖୁଲାସା ହୋଇଛି। ୨୦୨୧-୨୨ ର ତଥ୍ୟ ଅନୁଯାୟୀ ଶ୍ରମିକଙ୍କୁ ଦୈନିକ ମଜୁରୀ ଦେବାରେ ଗୁଜରାଟ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟ ସବୁଠୁ ପଛରେ, ଯେତେବେଳେକି କେରଳ ଏଭଳି ଏକ ରାଜ୍ୟ ଯାହା ଶ୍ରମିକଙ୍କୁ ଦୈନିକ ମଜୁରୀ ସବୁଠୁ ଅଧିକ ଦେଉଛି। ଆରବିଆଇ ଅନୁଯାୟୀ, ୨୦୨୧-୨୨ ରେ ଚାଷକାମରେ ନିୟୋଜିତ ଶ୍ରମିକଙ୍କ ଦୈନିକ ମଜୁରୀ ହାରାହାରି ୩୨୩.୩ ଟଙ୍କା ଥିଲା। ମଧ୍ୟ ପ୍ରଦେଶର ଗ୍ରାମୀଣ ଅଞ୍ଚଳରେ ଚାଷକାମରେ ନିୟୋଜିତ ଶ୍ରମିକଙ୍କ ଦୈନିକ ମଜୁରୀ ୨୧୭.୮ ଟଙ୍କା ଥିଲା, ଗୁଜରାଟରେ ଏହା ୨୨୦.୩ ଟଙ୍କା। ଅନ୍ୟପଟେ କେରଳରେ ଗ୍ରାମୀଣ କ୍ଷେତ୍ରରେ ନିୟୋଜିତ ଶ୍ରମିକଙ୍କୁ ୭୨୬.୮ ଟଙ୍କାର ଦୈନିକ ମଜୁରୀ ମିଳିଛି। ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାରେ ୨୬୯.୫ ଟଙ୍କା, ତ୍ରିପୁରାରେ ୨୭୦ ଟଙ୍କା, ମହାରାଷ୍ଟ୍ରରେ ୨୮୪.୨ ଟଙ୍କା ଏବଂ ୟୁପିରେ ୨୮୮.୦ ଟଙ୍କା ଦୈନିକ ମଜୁରୀ ରହିଥିଲା। କେରଳ ପରେ ସବୁଠୁ ଅଧିକ ଦୈନିକ ମଜୁରୀ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ତାମିଲନାଡୁ ଦେଇଥିଲେ। ଜାମ୍ମୁ-କାଶ୍ମୀରର ଗ୍ରାମୀଣ କ୍ଷେତ୍ରରେ ଶ୍ରମିକଙ୍କୁ ୫୨୪.୬ ଟଙ୍କା, ହିମାଚଳରେ ୪୫୭.୬ ଟଙ୍କା ଏବଂ ତାମିଲନାଡୁରେ ୪୪୫.୬ ଟଙ୍କା ଦୈନିକ ମଜୁରୀ ମିଳିଛି। ଗ୍ରାମୀଣ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ପୁରୁଷ



ଶ୍ରମିକଙ୍କୁ ୨୦୨୧-୨୨ ରେ ହାରାହାରି ୩୭୩.୩ ଟଙ୍କା ଦୈନିକ ମଜୁରୀ ମିଳିଛି। ଏଥିରେ ମଧ୍ୟ କେରଳ ସବୁଠୁ ଆଗରେ ରହିଛି ଏବଂ ଏହା ପଛକୁ ମଧ୍ୟ-ପ୍ରଦେଶ, ଗୁଜରାଟ ରହିଛନ୍ତି। କେରଳରେ ନିର୍ମାଣ ଶ୍ରମିକଙ୍କୁ ୮୩୭.୭ ଟଙ୍କା ମିଳିଛି। ଯେତେବେଳେକି ମଧ୍ୟପ୍ରଦେଶରେ ୨୬୬.୭ ଟଙ୍କା ଏବଂ ଗୁଜରାଟରେ ୨୯୫.୯ ଟଙ୍କା ଦୈନିକ ମଜୁରୀ ମିଳିଥିଲା। ସେହିପରି ଉଦ୍ୟାନ କ୍ଷେତ୍ରରେ ନିୟୋଜିତ ଶ୍ରମିକ, ଅଣକୃଷି ଶ୍ରମିକଙ୍କୁ ମଧ୍ୟ କମ୍ ମଜୁରୀ ମିଳଛି। ସେହିପରି ମନରେଗା ଅନ୍ତର୍ଗତ କାମ କରୁଥିବା ଶ୍ରମିକଙ୍କୁ ସବୁଠୁ ଅଧିକ ଦୈନିକ ମଜୁରୀ ହରିୟାଣାରେ ମିଳିଛି। ଯେଉଁଠାରେ ଶ୍ରମିକଙ୍କୁ ପ୍ରତିଦିନ ୩୩୧ ଟଙ୍କା ଦୈନିକ ମଜୁରୀ ଦିଆଯାଉଛି। ଏହାପରେ ଗୋଆରେ ୩୧୫ ଟଙ୍କା ଦୈନିକ ମଜୁରୀ ମିଳୁଛି। କେରଳ ତୃତୀୟ ସ୍ଥାନରେ ରହିଛି ଯେଉଁଠାରେ ଦୈନକ ମଜୁରୀ ୩୧୧ ଟଙ୍କା ରହିଛି। ତେବେ ଏନସିଆରବି ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରତି ୧୨ ମିନିଟ୍‌ରେ ଜଣେ ଦିନ ମଜୁରିଆ ଆତ୍ମହତ୍ୟା କରୁଛନ୍ତି। ରିପୋର୍ଟ ଅନୁଯାୟୀ ଗତ ବର୍ଷ ଦେଶରେ ଆତ୍ମହତ୍ୟା କରୁଥିବା ୪୨,୦୦୪ ଦିନ ମଜୁରିଆ ଥିଲେ। ଏଥିରେ ୪,୨୪୬ ମହିଳା ଥିଲେ। ଏହି ହିସାବରେ ଗତ ବର୍ଷ ପ୍ରତିଦିନ ହାରାହାରି ୧୧୫ ଏବଂ ପ୍ରତି ଘଣ୍ଟାରେ ୫ ଦିନ ମଜୁରିଆ ଆତ୍ମହତ୍ୟା କରିଛନ୍ତି। ପ୍ରତିବର୍ଷ ଆତ୍ମହତ୍ୟା କରୁଥିବା ପ୍ରତି ଚତୁର୍ଥ ବ୍ୟକ୍ତି ଦିନ ମଜୁରିଆ। ୨୦୨୧ ରେ ୧.୬୪ ଲକ୍ଷ ଲୋକ ଆତ୍ମହତ୍ୟା କରିଛନ୍ତି ଏବଂ ଏଥିରେ ୨୫%ରୁ ଅଧିକ ଦିନ ମଜୁରିଆ ଥିଲେ। ୨୦୨୦ ରେ ମଧ୍ୟ ଆତ୍ମହତ୍ୟା କରିଥିବା ୧.୫୩ ଲକ୍ଷ ଲୋକଙ୍କ ମଧ୍ୟରେ ୨୫ ପ୍ରତିଶତ ଦିନ ମଜୁରିଆ ଥିଲେ। ଏହିଭଳି ୨୦୧୯ ରେ ଆତ୍ମହତ୍ୟା କରିଥିବା ୧.୩୯ ଲକ୍ଷ ଲୋକଙ୍କ ମଧ୍ୟରେ ୨୪ ପ୍ରତିଶତ ଦିନ ମଜୁରିଆ ରହିଥିଲେ।

# ନିୟମିତ ହେବେ ୪ ହଜାର କମ୍ପ୍ୟୁଟର ଶିକ୍ଷକ

**ଭୁବନେଶ୍ୱର :** '୫-ଟି' ରୂପାନ୍ତରଣ ପାଇଁ ଆହୁରି ସୁଦୃଢ଼ ହେବାରେ ଲାଗିଛି ରାଜ୍ୟର ଶିକ୍ଷା ଭିତ୍ତିଭୂମି। ଗୋଟିଏ ପଟେ ଶିକ୍ଷା ଭିତ୍ତିଭୂମି ଆକର୍ଷଣୀୟ ଓ ପ୍ରଭାବଶାଳୀ ହେଉଥିବା ବେଳେ ଅନ୍ୟ ପଟେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତିକୁ ମଧ୍ୟ ତ୍ୱରାନ୍ୱିତ କରିବାରେ ଲାଗିଛନ୍ତି ରାଜ୍ୟ ସରକାର। ଆଗକୁ ତୃତୀୟ ପର୍ଯ୍ୟାୟ ଶିକ୍ଷକ ନିଯୁକ୍ତି ଶେଷ ହେବା ପରେ ଆଉ ରାଜ୍ୟରେ ହାଇସ୍କୁଲ ଶିକ୍ଷକ ପଦବୀ ଖାଲି ରହିବ ନାହିଁ। ଶିକ୍ଷକମାନେ କେବଳ ପାଠ ପଢ଼ାଇବେ; ଅନ୍ୟ କାମରେ ନିୟୋଜିତ ହେବେ ନାହିଁ ବୋଲି ସରକାର ଯୋଜନା କରିଛନ୍ତି। ଓଏସଏସସି(ଓଡ଼ିଶା କର୍ମଚାରୀ ଚୟନ ଆୟୋଗ) ପକ୍ଷରୁ ୭ ହଜାର ୫୪୦ ଶିକ୍ଷକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ୨ହଜାର ୨୫୯ ଅଣଶିକ୍ଷକ କର୍ମଚାରୀ ପାଇଁ ଖୁବଶିଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ୪ ହଜାର କମ୍ପ୍ୟୁଟର ଶିକ୍ଷକ ମଧ୍ୟ ନିୟମିତ ଭାବେ ନିଯୁକ୍ତି ପାଇବେ। ସେହିପରି ୪ ହଜାର କମ୍ପ୍ୟୁଟର ଶିକ୍ଷକ ପାଇଁ ମଧ୍ୟ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ଏହି ଶିକ୍ଷକମାନେ ନିଯୁକ୍ତି ପାଇବେ। ଯଦିଓ ପୂର୍ବରୁ ତୃତୀୟ ପକ୍ଷ କିମ୍ବା ଆଉଟସୋର୍ସିଂ ସଂସ୍ଥା ଦ୍ୱାରା କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିଲା, ସରକାର ଏବେ ନିୟମିତ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଓଏସଏସସି କିମ୍ବା ଓଏସଏସଏସସି ଦ୍ୱାରା ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନ ଥିବାବେଳେ ଖୁବଶୀଘ୍ର ଏସମ୍ପର୍କରେ ବିଭାଗ ନିଷ୍ପତ୍ତି ଗ୍ରହଣ କରିବ। ତେବେ ପିଲାଙ୍କୁ ରାଜ୍ୟ ସରକାର କେବଳ ବିଷୟ ଭିତ୍ତିକ ଶିକ୍ଷାରେ ସୀମିତ ରଖି ନାହାନ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ସବୁ ବର୍ଗରେ ପ୍ରୟାସ ଜାରି ରଖିଛନ୍ତି। ସ୍କୁଲରେ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଖେଳ ପଡ଼ିଆର ଉନ୍ନତିକରଣ ଓ ବିଭିନ୍ନ ସ୍ପୋର୍ଟ୍ସ କିଟ୍ ପ୍ରଦାନ କରାଯାଉଛି। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ସରକାରଙ୍କ ପ୍ରୟାସ ଜାରି ରହିଛି। କେବଳ ହାଇ ସ୍କୁଲ ନୁହଁ, ପ୍ରାଥମିକ ସ୍କୁଲ ମଧ୍ୟ ରୂପାନ୍ତରଣରେ ସାମିଲ୍ ହୋଇଛି। ଗୁଣାତ୍ମକ ଭିତ୍ତିଭୂମି ସରକାରୀ ସ୍କୁଲ ପିଲାଙ୍କୁ ଆକୃଷ୍ଟ କରିଛି। ବିଗତ କିଛି ବର୍ଷ ଅପେକ୍ଷା ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ପିଲାଙ୍କ ନାମଲେଖା ହାର ବୃଦ୍ଧି ହୋଇଛି। ୟୁଡାଏସରେ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ତଥ୍ୟ ଅନୁଯାୟୀ ୧୦ରୁ ୧୨ ପ୍ରତିଶତ ଅଧିକ ଛାତ୍ରଛାତ୍ରୀ ଚଳିତ ବର୍ଷ ସରକାରୀ ସ୍କୁଲରେ ନାମଲେଖାଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ଅଭିନବ ପଦକ୍ଷେପ ଓ ଉନ୍ନତ ଚିନ୍ତାଧାରା ରାଜ୍ୟର ଶିକ୍ଷା ଭିତ୍ତିଭୂମିକୁ ଏକ ନୂଆ ଦିଗନ୍ତ ପ୍ରଦାନ କରିଛି। ହାଇସ୍କୁଲ ରୂପାନ୍ତରଣ ଯୋଜନା ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ଅଭୂତପୂର୍ବ ସଫଳତା ଆଣିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବିଭିନ୍ନ ସର୍ଭେ ତଥ୍ୟ ଦର୍ଶାଇଛି। ନାସ୍, ପିଜିଆଇ, ୟୁ-ଡାଏସ୍ ଆଦି ମନ୍ତ୍ରଣାଳୟର ସର୍ବେକ୍ଷଣ ତଥ୍ୟ ଏହାର ରିପୋର୍ଟରେ ପ୍ରକାଶ କରିଛି। ରୂପାନ୍ତରଣ ଯୋଜନାରେ ଭିତ୍ତିଭୂମିର ସୁଦୃଢ଼ୀକରଣ ପରେ ସରକାର ଶିକ୍ଷାଦାନ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାକୁ ସଶକ୍ତ କରୁଛନ୍ତି।

# ମାଲକାନଗିରି ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲା ପାଇଁ ୬ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍ଘାଟନ କରିଛନ୍ତି। ଏଥିପାଇଁ ୨୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହିସବୁ ପ୍ରକଳ୍ପଗୁଡିକ ଜିଲ୍ଲାର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଆଗେଇ ନେବ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପ୍ରକଳ୍ପ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ମାଲକାନଗିରି ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର ହୋଇ ରହିଛି। ମାଲକାନଗିରିର ବିକାଶ କାମ ମୋତେ ସବୁଠାରୁ ଅଧିକ ଖୁସି ଦେଇଥାଏ। ମୋର ପୂର୍ଣ୍ଣ ବିଶ୍ୱାସ, ମାଲକାନଗିରି ପରିଚୟ ଆଗକୁ ଆହୁରି ଉଜ୍ଜଳ ହେବ। ରାଜ୍ୟର ଏକ ଆଗୁଆ ଜିଲ୍ଲା ଭାବରେ ବିକାଶ ମାନଚିତ୍ରରେ ମାଲକାନଗିରି ନିଜର ସ୍ଥିତିକୁ ଆହୁରି ଦୃଢ କରିବ।' ଆଜି ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି ଅନ୍ୱେଷା କାର୍ଯ୍ୟକ୍ରମରେ ଶିକ୍ଷାଗ୍ରହଣ କରୁଥିବା ଅନୁସୂଚିତ ଜନଜାତି ଓ ଜାତି ପିଲାମାନଙ୍କ ପାଇଁ ଦୁଇଟି ହଷ୍ଟେଲ। ଏଥିରେ ୬୦୦ ପୁଅ ଓ ୬୦୦ ଝିଅ ରହିବପାଇଁ ବ୍ୟବସ୍ଥା କରାଯାଇଛି। ମୋଟୁ ତ୍ରାଇ ଜଙ୍କସନ୍‌ରେ ବିଜୁ ପଟ୍ଟନାୟକ ଅନ୍ତଃରାଜ୍ୟ ବସ୍ ଟର୍ମିନାଲ। ଏହା ଜିଲ୍ଲା ସହିତ ଛତିଶଗଡ ଓ ଅନ୍ଧ୍ରପ୍ରଦେଶକୁ ଗମନାଗମନ ସୁଗମ କରିଛି। ଏହାସହିତ ମାଲକାନଗିରି ବଣ୍ଡା ଅଞ୍ଚଳକୁ ଯୋଡୁଥିବା ଏକ ଉଚ୍ଚସ୍ତରୀୟ ସେତୁ ଓ ବାଲିମେଳା ଠାରେ ତମସା ନଦୀ ଉପରେ ବିଜୁ ସେତୁ, କ୍ରୀଡାର ବିକାଶ ପାଇଁ ଏକ ଜୁଡୋ ଏକାଡେମୀ ଓ ପିଲାମାନଙ୍କ ପାଇଁ ଏକ ସ୍ୱଧାର ଗୃହ। ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାରେ ଦ୍ରୁତ ବିକାଶ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ମାଲକାନଗିରିବାସୀ ଆଜି ବିକାଶ ସହ ଯୋଡି ହୋଇ ରହିଛନ୍ତି। ବିକାଶ କାମରେ ଆପଣମାନଙ୍କ ସହଯୋଗ ସବୁବେଳେ ଆମକୁ ଉତ୍ସାହିତ କରି ଆସିଛି। ଜିଲ୍ଲାରେ ଶିକ୍ଷା ଓ ସଚେତନତା ପ୍ରସାର ଘଟିଛି। ଯୋଗାଯୋଗରେ ଉନ୍ନତି ଆସିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ କଲ୍ୟାଣ ଯୋଜନାର ସୁଯୋଗ ଆପଣମାନେ ନେଉଥିବା ଖୁସିର କଥା । ମାଲକାନଗିରିରେ ସଫଳ ଚାଷୀ, ମିଶନଶକ୍ତିର ମା ମାନେ, ଛାତ୍ରଛାତ୍ରୀ, ଯୁବବର୍ଗ – ଏ ସମସ୍ତଙ୍କ ସଫଳତା ଆଜି ଜିଲ୍ଲା ପାଇଁ ନୂଆ ପରିଚୟ ଆଣିଛି ବୋଲି ସେ କହିଥିଲେ। ବଣ୍ଡା ଘାଟିର ଝିଅ କରମା ମୁଦୁଲି ଭୁବନେଶ୍ୱରର ସବୁଠାରୁ ଭଲ ସରକାରୀ ମହିଳା ୟୁନିଭରସିଟିରେ ପାଠ ପଢୁଥିବାର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ହିଁ ସୁଯୋଗ ଆଣିଥାଏ ଓ ଶିକ୍ଷା ହିଁ ଏ ରୂପାନ୍ତର ଆଣିଛି। ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢି ନିଜ ପାଇଁ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚିତ୍ରକୁଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ପ୍ରମୁଖ ବକ୍ତବ୍ୟ ରଖି ମାଲକାନଗିରି ଜିଲ୍ଲାରେ ଦ୍ରୁତ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ପ୍ୟାକେଜ୍ ଘୋଷଣା

# ପ୍ରଥମ ପର୍ଯ୍ୟାୟରେ ମିଳିବ ୧ ହଜାର ଟଙ୍କା

**ଭୁବନେଶ୍ୱର :** କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍। ପ୍ରଥମ ପର୍ଯ୍ୟାୟରେ ପ୍ରତି ତୋଳାଳିଙ୍କୁ ୧୦୦୦ ଟଙ୍କା ଓ ପ୍ରତ୍ୟେକ ସିଜିନାଲ ଷ୍ଟାଫ ଓ ବନ୍ଧାଳିଙ୍କୁ ୧୫୦୦ ଟଙ୍କା ଲେଖାଏ ଦିଆଯିବ। ସବୁ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯିବ। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ପିଲାଙ୍କୁ ବୃତ୍ତି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ଜିଲ୍ଲାସ୍ତରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ସର୍କଲ ଚେକର୍ସ ଓ ବାଇଣ୍ଡିଂ ଚେକର୍ସଙ୍କ ଗ୍ରାଚୁଇଟି ଦେୟ ୭ ଦିନରୁ ବୃଦ୍ଧି କରି ୧୫ ଦିନ କରାଯିବ। ସମସ୍ତ ତୋଳାଳିଙ୍କୁ ତୋଳାଳି ପରିଚୟ ପତ୍ର ପ୍ରଦାନ କରାଯିବ। କେନ୍ଦୁପତ୍ର ବ୍ୟବସାୟ ଉପରେ କେନ୍ଦ୍ର ସରକାର ୧୮% ଜିଏସଟି ରଖିଛନ୍ତି। କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀମାନେ ସମସ୍ତେ ଗରିବ ଲୋକ। ତେଣୁ କେନ୍ଦୁପତ୍ର ଉପରୁ ଜିଏସଟି ଉଠାଇବାକୁ କେନ୍ଦ୍ର ନିକଟରେ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ। ଗରିବ ଲୋକଙ୍କ ହିତ ଦୃଷ୍ଟିରୁ ଜିଏସଟି ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ପୁଣି ଥରେ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ବୈଧ ଡକ୍ୟୁମେଣ୍ଟ ନ ଥିଲେ ଗାଡ଼ିକୁ ଧରିବ ଇ-ଡିଟେକ୍ସନ



**କଟକ :** ବୈଧ ଡକ୍ୟୁମେଣ୍ଟ ବିନା ଚାଲୁଥିବା ଗାଡ଼ିକୁ ଇ-ଡିଟେକ୍ସନ ଦ୍ୱାରା ଧରାଯିବ। ପରିବହନ ବିଭାଗ ଡକ୍ୟୁମେଣ୍ଟ ଅପଡେଟ୍ ନଥାଇ ଚାଲୁଥିବା ଯାନକୁ ଧରିବାକୁ ଯୋଜନା କରୁଛି। ଏଥିପାଇ ଇ-ଡିଟେକ୍ସନ ପୋର୍ଟାଲ ପ୍ରସ୍ତୁତ ହେଉଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫାଷ୍ଟଟ୍ୟାଗ୍ ଓ ଟୋଲଗେଟରୁ ତଥ୍ୟ ସଂଗ୍ରହ କରି ଇ-ଚାଲାଣ କଟାଯିବ। ୨୦୨୩ ଜାନୁଆରି ପହିଲାରୁ ଜାତୀୟ ରାଜପଥରେ ଇ-ଚିହ୍ନଟ ଲାଗୁ ଆରମ୍ଭ କରିବାକୁ ବିଭାଗ ଯୋଜନା କରିଛି। ପରିବହନ ବିଭାଗର ନିୟମ ଅନୁସାରେ ଏକ ଯାନ ସର୍ବସାଧାରଣ ରାସ୍ତାରେ ଯିବା ପାଇଁ ପଞ୍ଜୀକରଣ ପ୍ରମାଣପତ୍ର, ଫିଟନେସ୍ ସାର୍ଟିଫିକେଟ୍ ଏବଂ ଅନୁମତି ଭଳି ବୈଧ ଦଲିଲର ରହିବା ବାଧ୍ୟତାମୂଳକ ଅଟେ। ଯଦି ଏହା ଏକ ପରିବହନ ଯାନ, ତେବେ ବୀମା, ପଲ୍ୟୁସନ ସାର୍ଟିଫିକେଟ୍ଏ ବଂ ଡ୍ରାଇଭିଂ ଲାଇସେନ୍ସ ସମସ୍ତ ଡ୍ରାଇଭରଙ୍କ ପାଇଁ ବାଧ୍ୟତାମୂଳକ। ଜାତୀୟ ରାଜପଥରେ ଅବସ୍ଥିତ ଟୋଲ୍ ଫାଟକରୁ ସଂଗୃହିତ ନମୁନା ତଥ୍ୟ ଅନୁଯାୟୀ, ବୈଧ ଦଲିଲ ବିନା ବହୁ ସଂଖ୍ୟକ ଯାନବାହାନ ଚଳାଚଳ କରୁଛି। ଓଡ଼ିଶାର ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ଦେଇ ଯାଉଥିବା ଏଭଳି ଯାନଗୁଡ଼ିକୁ ଚିହ୍ନଟ କରିବା ପାଇଁ ପରିବହନ ବିଭାଗ ଏକ ଇ-ଚିହ୍ନଟ (ଇ-ଡିଟେକ୍ସନ) ପୋର୍ଟାଲ ପ୍ରସ୍ତୁତ କରୁଛି। ଏ ବାବଦରେ ଯୁଗ୍ମ କମିସନର ଟ୍ରାନ୍ସପୋର୍ଟ ଦୀପ୍ତିରଞ୍ଜନ ପାତ୍ର (ଟେକ୍ନିକାଲ) କହିଛନ୍ତି, ପୋର୍ଟାଲ୍ ଏଭଳି ଯାନଗୁଡିକ ଉପରେ ନିରବଚ୍ଛିନ୍ନ ଭାବରେ ଯାଞ୍ଚ କରିବ। ଜାତୀୟ ରାଜପଥରେ ଥିବା ବିଭିନ୍ନ ଟୋଲ୍ ଫାଟକରୁ ତଥ୍ୟ ସଂଗ୍ରହ କରିବା ପୋର୍ଟାଲର ଉଦ୍ଦେଶ୍ୟ। ପ୍ରଥମ ପର୍ଯ୍ୟାୟରେ 'ଏନ୍‌ଏଚ୍‌ଏଆଇ'ର ଟୋଲ୍ ଗେଟ୍ ଗୁଡିକ ପୋର୍ଟାଲ୍ ସହିତ ଏକୀଭୂତ ହୋଇଛି। ପରବର୍ତ୍ତୀ ସମୟରେ ଖଣି ଏବଂ ଶିଳ୍ପ କ୍ଷେତ୍ରରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ। ତଥ୍ୟ ସଂଗ୍ରହ କରାଯିବ, ବାହାନ ପୋର୍ଟାଲରେ ସବିଶେଷ ତଥ୍ୟ ସହିତ ବିଶ୍ଳେଷଣ କରାଯିବ ଏବଂ ବୈଧ ଡକ୍ୟୁମେଣ୍ଟ ବିନା ଚାଲୁଥିବା ଯାନଗୁଡ଼ିକ ପାଇଁ ସ୍ୱୟଂଚାଳିତ ଭାବରେ ଚାଲାଣ ସୃଷ୍ଟି ହେବ। ଫାଷ୍ଟଟାଗ୍ ମାଧ୍ୟମରେ ଅଣାଯାଇଥିବା ତଥ୍ୟ ଏବଂ ଏକ ଗାଡି ଟୋଲ୍ ଗେଟ୍ ଦେଇ ଯିବାବେଳେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ତଥ୍ୟ ସଂଗ୍ରହ କରାଯିବ। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି, ତୁରନ୍ତ ସୂଚନା ଗାଡି ମାଲିକମାନଙ୍କୁ ସଚେତନ କରିବ ଏବଂ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବାରେ ସାହାଯ୍ୟ କରିବ। ଯଦି କୌଣସି ଅପ୍ରତ୍ୟାଶିତ ଘଟଣା କିମ୍ବା ଦୁର୍ଘଟଣା ଘଟେ, ତେବେ ସମ୍ପୃକ୍ତ ଗାଡିର ବୈଧ ଦଲିଲ ନଥିଲେ ଗାଡି ମାଲିକ କିମ୍ବା ପୀଡିତା କୌଣସି ବୀମା ଦାବି ପାଇବେ ନାହିଁ। ଶ୍ରୀ ପାତ୍ର ଗାଡି ମାଲିକମାନଙ୍କୁ ଗାଡି ଦଲିଲଗୁଡ଼ିକୁ ଅପଡେଟ୍ ରଖିବାକୁ ଅନୁରୋଧ କରିଥିଲେ। ଦୁର୍ଘଟଣାକୁ ରୋକିବା ପାଇଁ ସମସ୍ତ ମୋଟର ମାଲିକଙ୍କ ପାଇଁ ମୋଟର ଯାନ ଅଧିନିୟମ ୧୯୮୮ରେ ଧାର୍ଯ୍ୟ କରାଯାଇଥିବା ପାଇବା ପାଇଁ ସେମାନଙ୍କ ପାଖରେ ସମସ୍ତ ଆବଶ୍ୟକୀୟ ଦଲିଲ ଅଛି।

## ରାଜସ୍ୱ ଡିଭିଜନର ପୁନର୍ଗଠନ

### ଉତ୍ତରାଞ୍ଚଳ ଅଧୀନକୁ ଆସିଲା ବୌଦ୍ଧ ଓ ନୂଆପଡ଼ା




**ଭୁବନେଶ୍ୱର :** ରାଜ୍ୟ ସରକାର ରାଜସ୍ୱ ଡିଭିଜନର ପୁନର୍ଗଠନ କରିଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନରେ ଥିବା ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାକୁ ଉତ୍ତରାଞ୍ଚଳ ଡିଭିଜନ ଅଧୀନକୁ ଆଣିଛନ୍ତି। ତେବେ କେନ୍ଦ୍ରାଞ୍ଚଳ ଡିଭିଜନରେ କୌଣସି ପରିବର୍ତ୍ତନ କରାଯାଇନି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ, ୧୯୯୩ ମସିହାରୁ ପ୍ରଶାସନିକ କାର୍ଯ୍ୟ ନିମନ୍ତେ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ କାର୍ଯ୍ୟାଳୟର ଅଧୀନରେ ୧୦ଟି ରାଜସ୍ୱ ଜିଲ୍ଲା କାର୍ଯ୍ୟ କରୁଥିଲା। ମାତ୍ର ଏହାର ପୁନର୍ଗଠନ କରି ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାକୁ ଦକ୍ଷିଣାଞ୍ଚଳ ଡିଭିଜନରୁ ବାଦ୍ ଦିଆଯାଇଛି ଓ ଏହି ରାଜସ୍ୱ ଡିଭିଜନ ଅଧୀନରେ ମୋଟ ୮ଟି ଜିଲ୍ଲା ରହିବ। ସେଗୁଡ଼ିକ ହେଲା- ଗଞ୍ଜାମ, ଗଜପତି, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ରାୟଗଡ଼ା। ସେହିପରି ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ କାର୍ଯ୍ୟାଳୟ ଅଧୀନରେ ପୂର୍ବରୁ ୧୦ଟି ଜିଲ୍ଲା ଥିବାବେଳେ ଏବେ ସଂଶୋଧିତ ନିର୍ଦ୍ଦେଶନାମା ଅନୁସାରେ ଏହାର ପ୍ରଶାସନିକ କ୍ଷମତା ମୋଟ ୧୨ଟି ରାଜସ୍ୱ ଜିଲ୍ଲା ରହିବ। ସେଗୁଡ଼ିକ ହେଲା- ଅନୁଗୁଳ, ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ରହିବ। କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନରେ ଥିବା ୧୦ଟି ଜିଲ୍ଲା ପୂର୍ବବତ ରହିଛି। ଜିଲ୍ଲା ପୁନର୍ଗଠନ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ କରିଥିବା ରାଜ୍ୟ ସରକାର ରାଜସ୍ୱ ଡିଭିଜନର ପୁର୍ନଗଠନ ମାଧ୍ୟମରେ ଏଭଳି ପ୍ରଶାସନିକ ପଦକ୍ଷେପ ନେଇଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଉଦ୍‌ବେଗଜନକ ଭାବେ ବଢୁଛି ନବଜାତ ଶିଶୁ ମୃତ୍ୟୁହାର




**ଭୁବନେଶ୍ୱର :** ଗର୍ଭଧାରଣର ୭ ମାସରେ ଜନ୍ମ ହେଉଥିବା ଶିଶୁଙ୍କ ମୃତ୍ୟୁହାର(ଷ୍ଟିଲ ବାର୍ଥ ରେଟ) ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ରାଜ୍ୟରେ ଏଭଳି ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ପଡ଼ିଛି। ଏହାକୁ କିପରି କମାଇ ହେବ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମାନସ ମନ୍ଥନ ଆରମ୍ଭ ହୋଇଛି। ସୂଚନା ମୁତାବକ ବର୍ତ୍ତମାନ ରାଜ୍ୟରେ ଏଭଳି ମୃତ୍ୟୁ ହ୍ରାସ ପ୍ରତି ୧୦୦୦ ରେ ୧୦ ଥିବାବେଳେ, ଜନ୍ମର ୭ଦିନ ମଧ୍ୟରେ ପ୍ରତି ୧୦୦୦ରେ ୨୦ ଶିଶୁଙ୍କ ମୃତ୍ୟୁ ହେଉଛି। ଯେତେବେଳେ କି ଜନ୍ମର ୨୮ ଦିନ ଭିତରେ ୧୦୦୦ ଶିଶୁ ମଧ୍ୟରୁ ୨୮ ଜଣଙ୍କ ମୃତ୍ୟୁ ହେଉଛି। ଏହି ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଲାଗି ବିଶେଷଜ୍ଞ ମାନଙ୍କୁ ନେଇ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୈଠକ ଆରମ୍ଭ ହୋଇଛି। ଦିଲ୍ଲୀ, ପଶ୍ଚିମବଙ୍ଗ ଭଳି କମ୍ ଶିଶୁ ମୃତ୍ୟୁହାର ଥିବା ରାଜ୍ୟର ବିଶେଷଜ୍ଞଙ୍କ ପରାମର୍ଶ ଏଠାରେ ନିଆଯାଇଛି। ରାଜ୍ୟରେ ଷ୍ଟିଲ ବାର୍ଥ ରେଟକୁ ୩ ଓ ନବଜାତ ମୃତ୍ୟୁ ସଂଖ୍ୟା ୧୨କୁ କମାଇବା ଲାଗି ଟାର୍ଗେଟ ରଖାଯାଇଛି। ଏନେଇ ଖୁବ୍ ଶୀଘ୍ର ରୋଡ ମ୍ୟାପ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ। ଡ. ପାଣିଗ୍ରାହୀ କହିଛନ୍ତି, ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ମାନସ ମନ୍ଥନରେ ବିଭିନ୍ନ ମେଡିକାଲ କଲେଜର ବିଭାଗୀୟ ମୁଖ୍ୟ, ବିଭିନ୍ନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ରାଜ୍ୟ ତଥା ରାଜ୍ୟ ବାହାର ବିଶେଷଜ୍ଞ ଯୋଗଦେଇଥିଲେ। ଏଭଳି ଶିଶୁ ମୃତ୍ୟୁହାରର କାରଣ ଏଠାରେ ଖୋଜା ଯାଇଥିଲା। ଯେଉଁଥିରୁ ଜଣାପଡ଼ିଛି ଯେ, ଆଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସତ୍ତ୍ୱେ କରାଯାଉଥିବା ବିଭିନ୍ନ ଅବହେଳା ନିମନ୍ତେ ଏଭଳି ଶିଶୁ ମୃତ୍ୟୁହାର ବଢ଼ିଛି। ଶିଶୁ ଗର୍ଭରେ ରହିବା ପରଠୁ ଏହାର ଦେଖାରଖାରେ ତଳସ୍ତରରେ କର୍ମଚାରୀ ଠିକ୍ ଭାବେ କାମ କରୁ ନ ଥିବା, ଶିଶୁ ଜନ୍ମ ବେଳେ ଆବଶ୍ୟକ ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ ନ ଥିବା, କମ୍ ଓଜନର ଶିଶୁ ଜନ୍ମ ହେବା, ଅପରିପକ୍ୱ ଶିଶୁ ଜନ୍ମ ହେବା ଓ ସଂକ୍ରମଣ ଏହାର ମୁଖ୍ୟ କାରଣ ହୋଇଛି। ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବା ନିମନ୍ତେ କମ୍ୟୁନିଟି ଚେକ୍‌ଅପ୍ ଓ ମେଡିକାଲ ଫ୍ୟାସିଲିଟିକୁ ସୁଦୃଢ଼ କରିବା ନିମନ୍ତେ ମତାମତ ମିଳିଛି। କେରଳ, ଦିଲ୍ଲୀ, ତାମିଲନାଡୁ, ମହାରାଷ୍ଟ୍ର, ଜାମ୍ମୁ ଓ କଶ୍ମୀର, ପଞ୍ଜାବ ପ୍ରଭୃତି ୬ ରାଜ୍ୟ ଏଭଳି ଶିଶୁ ମୃତ୍ୟୁହାର ଏସ୍‌ଡିଜି ପୋଲ୍ ଲକ୍ଷ୍ୟ ଧାର୍ଯ୍ୟ ମୁତାବକ ୧୨ ତଳେ ରହିଛି। ତେଣୁ ଏହି ରାଜ୍ୟମାନଙ୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ଯୋଗଦେଇଥିବା ବିଶେଷଜ୍ଞମାନେ ମତ ରଖିଥିଲେ। ଏହାକୁ ଦେଖି ଆଗକୁ ଓଡ଼ିଶାରେ ଏଭଳି ଶିଶୁ ମୃତ୍ୟୁହାର ରୋକିବାକୁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି।

# ଚମକିବ ଲୋକନାଥ, ଅଲାରନାଥ ପୀଠ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀର ଶ୍ରୀ ଲୋକନାଥ ମନ୍ଦିର ଓ ବ୍ରହ୍ମଗିରିର ଅଲାରନାଥ ପୀଠର ଉନ୍ନତି ପାଇଁ ପ୍ରସ୍ତାବିତ ମାଷ୍ଟରପ୍ଲାନକୁ ଅନୁମୋଦନ କରିଛନ୍ତି। ଶ୍ରୀ ଲୋକନାଥ ମନ୍ଦିରର ବିକାଶ ପାଇଁ ୨୮ କୋଟି ଟଙ୍କା ଅଟକଳ ରଖାଯାଇଥିବା ବେଳେ, ଅଲାରନାଥଙ୍କ ପାଇଁ ୮ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଉଭୟ ମନ୍ଦିରର ପୁନଃ-ଉନ୍ନୟନ କାର୍ଯ୍ୟ ୧ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ହେବ। ଶ୍ରୀ ଲୋକନାଥ ମନ୍ଦିର ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଶୈବପୀଠ। ପୁରାଣ ଅନୁଯାୟୀ, ପ୍ରଭୁ ଶ୍ରୀରାମଚନ୍ଦ୍ର ମାତା ସୀତାଙ୍କ ଅନ୍ୱେଷଣରେ ଆସି ଏଠାରେ ପ୍ରଭୁ ଲୋକନାଥ ସ୍ଥାପନା କରି ପୂଜାଅର୍ଚ୍ଚନା କରିଥିଲେ। ଶ୍ରୀ ଲୋକନାଥଙ୍କୁ ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ରକ୍ଷକ ବୋଲି ବିଶ୍ୱାସ ରହିଛି। ଶ୍ରୀ ଲୋକନାଥ ମନ୍ଦିରର ମାଷ୍ଟରପ୍ଲାନ ଅନୁଯାୟୀ ମନ୍ଦିରର ଭିତର ବେଢା, ବାହାର ବେଢାର ଉନ୍ନତିକରଣ ହେବା ସହିତ ସେବାୟତ ଓ ଭକ୍ତ ମାନଙ୍କ ପାଇଁ ବିଭିନ୍ନ ସୁବିଧାର ବ୍ୟବସ୍ଥା କରାଯିବ। ଏହାବ୍ୟତୀତ ପାର୍କିଂ, ଆଧୁନିକ ଧାଡି ପରିଚଳନା ବ୍ୟବସ୍ଥା, ଆପ୍ରୋଚ ରୋଡର ଉନ୍ନତିକରଣ ଏବଂ ପଶ୍ଚିମ ଦ୍ୱାରରେ ସେବାୟତ ମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯିବ। ଭିତର ବେଢାରେ ପୁରୁଣା ମାର୍ବଲ ପଥର ସବୁ କଢାଯାଇ ଖଣ୍ଡାଲାଇଟ୍‌ସ ପଥର ଲଗାଯିବ। ମନ୍ଦିରର ବଗିଚାର ଉନ୍ନତିକରଣ କରାଯାଇ ଲ୍ୟାଣ୍ଡ ସ୍କେପିଂ କରାଯିବ। ଏହାଛଡା ମନ୍ଦିର ପାଚେରୀର ମରାମତି ସହିତ ଆଲୋକୀକରଣର ବ୍ୟବସ୍ଥା କରାଯିବ। ବାହାର ବେଢାକୁ ସଂପ୍ରସାରିତ କରାଯିବା ସହିତ ଭାଙ୍ଗିଯାଇଥିବା ସ୍ଥାନ ଗୁଡିକର ମରାମତି, ନୂତନ ରାସ୍ତା, ଲ୍ୟାଣ୍ଡ ସ୍କେପିଂ, ଆଲୋକୀକରଣ, ବସାଉଠା କରିବାପାଇଁ ସ୍ଥାନ ଓ ଦୁଇଟି ମୁଣ୍ଡନ ମଣ୍ଡପର ବିକାଶ କରାଯିବ। ଡ୍ରେନେଜ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ, ମନ୍ଦିର ଭିତର ଓ ବାହାର, ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥାକୁ ସୁଦୃଢ କରାଯିବ। ମନ୍ଦିରର ପୁଷ୍କରଣୀ ପାର୍ବତୀସାଗରର ମଧ ଉନ୍ନତିକରଣ କରାଯିବ। ଏହାର ଚାରିପଟେ ୨୬୭ ମିଟରର ସୁଉନ୍ନତ ପାଚେରୀ, ପୁଷ୍କରଣୀର ବିଶୋଧନ, ପାହାଚ, ଲ୍ୟାଣ୍ଡ ସ୍କେପିଂ, ଆଲୋକୀକରଣ ଓ ବସାଉଠା ପାଇଁ ସ୍ଥାନ ରହିବ। ପାର୍କିଂ ପାଇଁ ମଧ ବ୍ୟବସ୍ଥା କରାଯିବ। ମନ୍ଦିରକୁ ଯାଇଥିବା ୪୦୦ ମିଟର ଆପ୍ରୋଚ ରୋଡର ଉନ୍ନତିକରଣ କରାଯିବା ସହିତ ୪ଟି ରାସ୍ତାର ବିକାଶ କରାଯିବ। ମନ୍ଦିରକୁ ସଂଯୋଗ ହୋଇଥିବା ୪ଟି ପ୍ରମୁଖ ରାସ୍ତାର ଉନ୍ନତିକରଣ ମଧ୍ୟ କରାଯିବ। ସେହିପରି ବ୍ରହ୍ମଗିରିର ପ୍ରସିଦ୍ଧ ଅଲାରନାଥ ମନ୍ଦିରର ମଧ ବିକାଶ କରାଯିବ। ପୁରୀ ଠାରୁ ୨୪ କି.ମି ଓ ସାତପଡା ଠାରୁ ୨୫ କି.ମି ଦୂରରେ ଥିବା ଏହି ପୀଠ ପଞ୍ଚଦଶ ଓ ଷୋଡଶ ଶତାବ୍ଦୀର ନିର୍ମିତ ହୋଇଥିବା ବିଶ୍ୱାସ କରାଯାଏ। ଶ୍ରୀ ଅଲାରନାଥଙ୍କୁ ଶ୍ରୀ ଜଗନ୍ନାଥଙ୍କର ପ୍ରତିରୂପ ବୋଲି ବିଶ୍ୱାସ ରହିଛି। ଶ୍ରୀ ଜଗନ୍ନାଥଙ୍କ ଅଣସର ସମୟରେ ଅଲାରନାଥ ଦର୍ଶନ ପାଇଁ ଭକ୍ତମାନେ ଯାଇଥାନ୍ତି। ମାଷ୍ଟରପ୍ଲାନ ଅନୁଯାୟୀ ଏହାର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ, ସ୍ଥାନୀୟ ଭିତର ରାସ୍ତା, ଅରୁଣ ସ୍ତମ୍ଭ, ଚନ୍ଦନ ପୋଖରୀ ଆଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହିତ ପୁରା ଅଞ୍ଚଳକୁ ବିକଶିତ କରାଯାଇ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ। ଏହାର ପ୍ରବେଶ ଦ୍ୱାରକୁ ପ୍ରଶସ୍ତ କରାଯାଇ ୪୦ ଫୁଟ ଚଉଡା ଓ ୧୮ ଫୁଟ ଉଚ୍ଚ କରାଯିବ। ଏଥିରେ ଖଣ୍ଡାଲାଇଟସ ପଥର ଲଗାଯିବ। ମନ୍ଦିରକୁ ଯାଇଥିବା ରାସ୍ତାକୁ ୪୦ ଫୁଟ ଚଉଡା କରାଯାଇ ଏଥିରେ ପେଭର ବ୍ଲକ ଲଗାଯିବ ଏବଂ ଦୁଇପଟେ ଡ୍ରେନର ବ୍ୟବସ୍ଥା ରହିବ। ଏହାସହିତ ୨ ଚକିଆ ଓ ୪ ଚକିଆ ଗାଡି ପାଇଁ ପାର୍କିଂ ବ୍ୟବସ୍ଥା କରାଯିବ। ମନ୍ଦିର ସମ୍ମୁଖ ସ୍ଥାନକୁ ଏକ ସୁନ୍ଦର ପ୍ଲାଜାରେ ପରିଣତ କରାଯାଇ ସେଥିରେ ଖଣ୍ଡାଲାଇଟ୍‌ସ ଓ ପେଭର ବ୍ଲକ ଲଗାଯିବା ସହିତ ଡ୍ରେନର ବ୍ୟବସ୍ଥା ମଧ୍ୟ କରାଯିବ। ମନ୍ଦିରର ସବୁ ସ୍ଥାନରୁ ମାର୍ବଲ କଢାଯାଇ ଖଣ୍ଡାଲାଇଟ୍‌ସ ଲଗାଯିବ। ପୁରୁଣା କବାଟ ବଦଳରେ ନୂଆ କାଠ କବାଟ ଲଗାଯିବ। ଚନ୍ଦନ ପୋଖରୀ ଓ ତୁଳସୀ ବନର ସୌନ୍ଦର୍ଯ୍ୟକରଣ କରାଯାଇ ଲ୍ୟାଣ୍ଡ ସ୍କେପିଂ କରାଯିବ। ଡ୍ରେନ ବ୍ୟବସ୍ଥାକୁ ସୁଦୃଢ କରାଯିବ। ଏହି ପୀଠର ବିକାଶ ପାଇଁ ୮ କୋଟି ଟଙ୍କା ଖର୍ଚ୍ଚ ହେବ ଓ କାମ ସଂପୂର୍ଣ୍ଣ ହେବା ପାଇଁ ୧ ବର୍ଷ ସମୟ ଲାଗିବ। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଶ୍ରୀ ଭି.କେ. ପାଣ୍ଡିଆନ ନିକଟରେ ଉଭୟ ଲୋକନାଥ ମନ୍ଦିର ଓ ଅଲାରନାଥ ମନ୍ଦିର ଗସ୍ତ କରି ଏହାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ମନ୍ଦିରର ପୂଜକମାନେ ପୁରୀ ଜିଲ୍ଲାପାଳଙ୍କ ସହିତ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ମନ୍ଦିରର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ମନ୍ଦିର ଗସ୍ତ କରି ଠାକୁରଙ୍କୁ ଦର୍ଶନ କରିବା ପାଇଁ ନିମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଉଭୟ ମନ୍ଦିର ଦର୍ଶନ କରିବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଉଭୟ ମନ୍ଦିର ଗସ୍ତ ସମୟରେ ସେବାୟତ ମାନଙ୍କ ସହିତ ହୋଇଥିବା ତାଙ୍କର ଆଲୋଚନା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ଏହି ବୈଠକରେ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଆୟୋଜିତ ଏକ ବୈଠକରେ ପୂର୍ତ୍ତ ବିଭାଗ ସଚିବ ଭି.ଭି.କେ ଯାଦବ ଏଥିପାଇଁ ଉପସ୍ଥାପନା ରଖିଥିଲେ। ଓଡିଶା ବ୍ରିଜ କନ୍‌ଷ୍ଟ୍ରକସନ କର୍ପୋରେସନ ଦ୍ୱାରା ଉଭୟ ମନ୍ଦିରର ଉନ୍ନତିକରଣ କାର୍ଯ୍ୟର କାର୍ଯ୍ୟାନ୍ୱୟନ କରାଯିବ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୮ ନଭେମ୍ବର - ୪ ଡିସେମ୍ବର, ୨୦୨୨

# ସମୟ କହିବ କିଏ ଜିତିବ

ପଦ୍ମପୁର ଉପନିର୍ବାଚନ ଯେତିକି ଯେତିକି ପାଖେଇ ଆସୁଛି, ରାଜ୍ୟ ରାଜନୀତିରେ ସେତିକି ସେତିକି ନୂଆ ଦୃଶ୍ୟ ଦେଖିବାକୁ ମିଳୁଛି। ଅର୍ଚ୍ଚନା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପ୍ରବେଶ ପରେ ଲୋକଙ୍କ ମନରେ ଉତ୍କଣ୍ଠା ସେତିକି ମଧ ବଢ଼ିଚାଲିଛି। ଏହାର ବିଭିନ୍ନ କାରଣ ମଧ୍ୟରୁ ମାୟାବିନୀର ମାୟା ଜାଲରେ କେଉଁ କେଉଁ ନେତା, ମନ୍ତ୍ରୀ, ବ୍ୟବସାୟୀ ଓ ଅଫିସର ଫସିଛନ୍ତି ଓ ଇଡି କାହାକୁ କେବେ ଡାକିବ, କଣ ପଚାରିବ ତାହା ହିଁ ଉତ୍କଣ୍ଠାର ବଡ଼ କାରଣ। ଏଇଥିପାଇଁ ବଡ଼ କାରଣ ଯେ, ଏବେ ବିଜେଡି ଭିତରେ ବିଦ୍ରୋହ ଆରମ୍ଭ ହୋଇଯାଇଛି ଏବଂ ବହୁ ଅସନ୍ତୁଷ୍ଟ ନେତା ମନ୍ତ୍ରୀ ଏଥିରେ ସାମିଲ ହେଲେଣି। ପୂର୍ବତନ ମନ୍ତ୍ରୀ ଓ ଦଳର ତୁଙ୍ଗ ସଂଗଠକ ସଞ୍ଜୟ କୁମାର ଦାସବର୍ମା ବିଜେଡିର ଗୁମର ଖୋଲିଦେଇଛନ୍ତି।କେବଳ ଏତିକି ନୁହେଁ ସଞ୍ଜୟ ଖୋଲାଖୋଲି କହିଛନ୍ତି, ପ୍ରାକୃତିକ ସମ୍ପଦଭରା ଓଡ଼ିଶାର ମୂଲ୍ୟବାନ ଖଣିଜ ସମ୍ପଦ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଉପରେ ବିଦେଶୀଙ୍କ ଲୋଲୁପ ଦୃଷ୍ଟି ପଡିଛି, ସେମାନେ ଏହାକୁ ଲୁଣ୍ଠନ କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ତେବେ ପ୍ରଶ୍ନ ଉଠେ କିଏ ବିଦେଶୀ ଚକ୍ରାନ୍ତକାରୀ ଯିଏ ଆମ ଓଡିଶାକୁ ଲୁଣ୍ଠନ କରିବାର ନୀଳ ନକ୍ସା ପ୍ରସ୍ତୁତ କରିଛନ୍ତି। ସଞ୍ଜୟଙ୍କ ସ୍ୱର ପରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ମଧ ବିଜେଡିରେ ପରିଚାଳନାଗତ ତ୍ରୁଟି ରହିଥିବା ଦର୍ଶାଇବା ସହିତ ଅତୀତରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ଦକ୍ଷତା କଥା ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ବିଜେଡିରେ ଥାଇ ସୁଦ୍ଧା ବରିଷ୍ଠନେତା ପ୍ରଭାତ ତ୍ରିପାଠୀ ବାଲିଯାତ୍ରା ଆର୍ଥିକ ଅନିୟମିତତାକୁ ନେଇ ପ୍ରଶ୍ନ ଉଠାଇବା ପରେ ବିଜେଡିରେ ଗୋଷ୍ଠୀ କନ୍ଦଳ ରହିଥିବା ପଦାକୁ ଜଳଜଳ ଦିଶିଲାଣି। ସେପଟେ ପୂର୍ବତନ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ଥିବା ପ୍ରଦୀପ ପାଣିଗ୍ରାହୀ ବିଜେଡି ବିରୋଧରେ ଖୋଲାଖୋଲି ସ୍ୱର ଉଠାଇବାରୁ ଜଣାପଡୁଛି, କିଛି ତ ନିଶ୍ଚୟ ରହିଛି। ନଚେତ ଦୀର୍ଘବର୍ଷ ହେଲା ଶାସନ କ୍ଷମତାରେ ରହିଥିବା ନବୀନ ବାବୁଙ୍କ ଦଳ ବିରୋଧରେ ସ୍ୱର ଉଠୁଛି କାହିଁକି ? ତେଇଶ ବର୍ଷ କ୍ଷମତାରେ ରହିଥିବା ଦଳ ଭଲ ବୋଲି ସମସ୍ତେ କହିବେ। କାରଣ ଜଣେ ବ୍ୟକ୍ତି ଯିଏ କି ଦଳର ସର୍ବମୟ କର୍ତ୍ତା ତାଙ୍କର କିଛି ଭଲ ଗୁଣ ଅଥବା ଭଲ କାର୍ଯ୍ୟ ପାଇଁ ତାଙ୍କୁ ଲୋକ ନିର୍ବାଚିତ କରୁଥିବା କଥା ଅନେକ କହିବେ। ତେବେ ଜଣେ ଭଲ ବ୍ୟକ୍ତିଙ୍କୁ କିଏ କାହିଁକି ଖରାପ କହିବେ। ତେବେ ଅସଲ କଥା ଏଇଠି ହିଁ ରହିଛି। ବିଜୁ ବାବୁଙ୍କ ଦେହାନ୍ତ ପରେ ଗଠିତ ଏକ ଆଞ୍ଚଳିକ ରାଜନୈତିକ ଦଳ ଯେଉଁ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ଗଠିତ ହୋଇଥିଲା ଏବଂ ଯେଉଁମାନେ ଏହି ଦଳ ଗଠନ ପଛରେ ରହିଥିଲେ ସେମାନେ ଆଜି ଦଳରେ ଅଛନ୍ତି ତ ? ଅନ୍ୟକଥା ହେଲା ବିଜୁ ବାବୁଙ୍କ ଆଦର୍ଶ କଥା କହି ଯେଉଁ ଦଳ ପ୍ରତିଷ୍ଠା ହୋଇଥିଲା ତାହା ଏବେ ବିଜୁଙ୍କ ନୀତି ଆଦର୍ଶରେ ଚାଲିଛି ତ ! ସଞ୍ଜୟ କାହା ଉଦ୍ଦେଶ୍ୟରେ ନିଜ କ୍ଷୋଭ ବା କ୍ରୋଧ ପ୍ରଦର୍ଶନ କରିଛନ୍ତି ତାହା ସ୍ପଷ୍ଟ ହେଉନଥିଲା ବେଳେ ପଦ୍ମପୁର ଉପନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ବର୍ଷା ସିଂ ବରିହାଙ୍କୁ ଏବେ ବିଦେଶିନୀ ବୋଲି ଅଭିଯୋଗ କରୁଛନ୍ତି ସ୍ଥାନୀୟ ଲୋକ। କାରଣ ବର୍ଷା ପଦ୍ମପୁରର କନ୍ୟା ହୋଇଥିଲାବେଳେ ପୁରୀର



ସମ୍ପାଦକୀୟ
ତାରକ ମହାନ୍ତି

ବୋହୂ ଅଟନ୍ତି ଏବଂ ତାଙ୍କ ଶ୍ୱଶୁର ବିଜେପିର ଜଣେ ଟାଣୁଆ ନେତା। ଏଭଳି ଏକ ସମୟରେ ପଦ୍ମପୁର ଉପନିର୍ବାଚନ ଅନୁଷ୍ଠିତ ହେଉଛି, ଯେତେବେଳେ ସେଠାରେ ଚାଷୀ ଆନ୍ଦୋଳନ କରୁଛନ୍ତି ଏବଂ ସ୍ଥାନୀୟ ଲୋକ ଅବହେଳିତ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦାବି କରିଛନ୍ତି। କେବଳ ସେତିକି ନୁହେଁ ବିଜେଡି ସରକାର ପଦ୍ମପୁରକୁ ଦେଇଥିବା ପ୍ରତିଶୃତି ପାଳନ ହୋଇନଥିବା ଅଭିଯୋଗ କରୁଛନ୍ତି। ବିଜେଡି ମଧ ନିଜର ଏଜେଣ୍ଡା ଜରିଆରେ କେନ୍ଦ୍ରୀୟ ଅବହେଳାର ଶିକାର କଥା ଲୋକଙ୍କୁ ବୁଝାଉଛନ୍ତି। ଗତଥର ନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏଠାରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କଂଗ୍ରେସର ଯିଏ ପ୍ରାର୍ଥୀ ହୋଇଛନ୍ତି ସେ ଜଣେ ଟାଣୁଆ ନେତା। କାରଣ ସତ୍ୟଭୂଷଣ ସାହୁ ଏଠାରୁ କଂଗ୍ରେସ ଟିକଟରେ ତିନି ଥର ନିର୍ବାଚିତ ହୋଇଥିଲେ। ପ୍ରଦୀପ ବାବୁ ମଧ ଗୋଟିଏ ଥର ବିଜେପି ଟିକଟରେ ଏହି ଆସନରୁ ଜିଣି ବିଧାୟକ ହୋଇଥିଲେ। ୨୦୧୯ରେ ପୁଣି ବିଜୟ ବାବୁ ଏଠାରୁ ବିଜେଡି ଟିକଟରୁ ଜିତି ବାଜିମାତ କଲେ। ହେଲେ ବର୍ତ୍ତମାନ ଉପନିର୍ବାଚନରେ ଯେମିତି ଅନ୍ୟ ଉପନିର୍ବାଚନରେ ବିଜେଡି ପରିବାର ଭିତରୁ ଜଣଙ୍କୁ ପ୍ରାର୍ଥୀ କରି ନିର୍ବାଚନ ଜିଣୁଥିଲା, ସେଇ ଧାରା ଏଠାରେ ରହିଲା ନାହିଁ। ସ୍ୱର୍ଗତ ବରିହାଙ୍କ ପତ୍ନୀଙ୍କୁ ଟିକଟ ଦେବା ବଦଳରେ ତାଙ୍କର ବିବାହିତା କନ୍ୟାଙ୍କୁ ଟିକଟ ଦେବା ପଛରେ କଣ କାରଣ ରହିଛି ତାହା ଚିନ୍ତା କରିବାର କଥା। ଏହା ପଛରେ ବିଜେଡିର ମହିଳାଙ୍କ ସଶକ୍ତିକରଣ ଚିନ୍ତାଧାରା, ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଭୋଟ ହାତେଇବା ଲକ୍ଷ୍ୟ ଥାଇପାରେ। ଧାମନଗର ଉପନିର୍ବାଚନ ପରାଜୟକୁ ସହଜରେ ଗ୍ରହଣ କରିନଥିବା ବିଜେଡି ଯେକୌଣସି ଉପାୟରେ ପଦ୍ମପୁର ହାତେଇବା ଲକ୍ଷ୍ୟରେ ରହିଛି। ତେବେ ଗତ ନିର୍ବାଚନରେ ଫୁଲ-ଶଙ୍ଖ ବ୍ୟବଧାନ ସେତେ ଅଧିକ ନଥିଲା, ଯାହାକି ଉପନିର୍ବାଚନରେ ଜିତିବା ସହଜ ହେବ। ଅନ୍ୟପକ୍ଷେ କଂଗ୍ରେସର ଏଠାରେ ଭଲ ଭୋଟ ରହିଛି ଏବଂ ପ୍ରାର୍ଥୀ ମଧ ଖୁବ ଟାଣୁଆ। ଦୁଇ ଅନୁଭବୀ ନେତାଙ୍କ ବିରୋଧରେ ଜଣେ ନବାଗତଙ୍କୁ ପ୍ରାର୍ଥୀ କରିବା ପଛରେ ବିଜେଡିର ଆଭିମୁଖ୍ୟ ବିଷୟ ଯେତିକି ଜଣାପଡେ ଏହି ଆସନଟି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିଲାବେଳେ ସ୍ୱର୍ଗତଃ ବିଜୟ ସିଂ ବରିହା ୧୯୯୦ ମସିହାରୁ ଏହି ଆସନରୁ ପାଞ୍ଚ ଥର ନିର୍ବାଚନ ଜିଣିଛନ୍ତି। ତାଙ୍କ ପଛରେ ଆଦିବାସୀଙ୍କ ସମର୍ଥନ ରହିଥିଲା ବୋଲି ଜଣାପଡିଛି। ତେଣୁ ବିଜେଡି ସୁପ୍ରିମୋଙ୍କ ସହ ଏହି ଗୋଷ୍ଠୀର ପରାମର୍ଶ ପରେ ବର୍ଷାଙ୍କ ପ୍ରାର୍ଥୀତ୍ୱ ଉପରେ ମୋହର ଲାଗିଥିବା ଜଣାପଡିଛି। ଏଥିସହ ବର୍ଷା ଉଚ୍ଚ ଶିକ୍ଷିତା ଏବଂ ଜଣେ ଆଇନଜୀବୀ। ବାପା ବିଜୟ ସିଂ ବରିହାଙ୍କ ବଡ଼ଝିଅ ହିସାବରେ ସେ ସିଧାସଳଖ ରାଜନୀତି କରିନଥିଲେ ମଧ ତାଙ୍କର ରାଜନୈତିକ ଅଭିଜ୍ଞତା ନାହିଁ ବୋଲି କହିହେବନାହିଁ। ତେଣୁ ବିଜେଡି ମୁଖିଆ ତାଙ୍କୁ ଉତ୍ତମ ପ୍ରାର୍ଥୀ ଭାବେ ଚୟନ କରିବା ପଛରେ ଅନେକ କାରଣ ମଧ ରହିଛି। ଷ୍ଟ୍ରାଟେଜି ଦୃଷ୍ଟିରୁ ବିଚାର କଲେ ଅନୁକମ୍ପା ଓ ମହିଳା କାର୍ଡ଼ ଖେଳିଛି ବିଜେଡି। ଗୋଟିଏ ପରାଜୟର ଭରଣା ନହେଲେ ଏହା ଆଗକୁ ବିଜେଡି ପାଇଁ ଅଡୁଆ ସୃଷ୍ଟି କରିବାର ଆଶଙ୍କାକୁ ଏଡାଇ ଦେଇହେବନି। ଯେଉଁଥିପାଇଁ ପଦ୍ମପୁରରେ ବିଜେଡିର ତୁଙ୍ଗନେତା ଡେରା ପକାଇଛନ୍ତି। ହେଲେ ଏଠାରେ ବିଜେପିର ଘନଘନ ପ୍ରଚାର ଏବଂ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ସୁରେଶ ପୂଜାରୀଙ୍କ ସମେତ ରାଜ୍ୟ ବିଜେପିର ବଛାବଛା ନେତାମାନେ ପଦ୍ମପୁର ଶାସନ ହାତେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ ପଦ୍ମପୁର ଲଢ଼େଇରେ ସାମିଲ ହେବେ ବୋଲି ଜଣାପଡିଛି। କଂଗ୍ରେସ ମଧ ନିଜ ପ୍ରଚାରକୁ ତ୍ୱରାନ୍ୱିତ କରିଛି। ତିନି ପ୍ରମୁଖ ରାଜନୈତିକ ଦଳର ପଦ୍ମପୁର ଆସନ ପାଇବାକୁ ଜୋରଦାର ସଙ୍ଘର୍ଷ ଚାଲିଥିଲା ବେଳେ ସମୟ କହିବ କିଏ ଜିତିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସଫଳତା ପାଇଁ ମାତୃଭାଷାର ଆବଶ୍ୟକତା



ଡା. ଇପ୍ସିତା ପ୍ରଧାନ

୧୦ ନଭେମ୍ବର ୨୦୨୨ ନିହାତି ଆମ ସବୁ ଓଡ଼ିଆଙ୍କ ପାଇଁ ଗୋଟିଏ ସ୍ମରଣୀୟ ଦିନ ହୋଇ ରହିବ। ସେହିଦିନ ଆମ ଦେଶର ରାଷ୍ଟ୍ରପତି ମହାମହିମ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆମ ବଡ ଠାକୁର, କାଳିଆର ଦର୍ଶନ ପାଇଁ ଆସିଥିଲେ। ଦେଶର ରାଷ୍ଟ୍ରପତି ଜଗନ୍ନାଥଙ୍କ ଦର୍ଶନ କରିବା କିଛି ନୂଆ କଥା ନୁହେଁ, ପ୍ରତ୍ୟେକ ରାଷ୍ଟ୍ରପତି ତାଙ୍କ କାର୍ଯ୍ୟକାଳ ଭିତରେ କରନ୍ତି। ହେଲେ ବର୍ତ୍ତମାନର ରାଷ୍ଟ୍ରପତି ଯେହେତୁ ଆମ ଓଡ଼ିଆ ମାଟିର ଝିଅ, ତେଣୁ ତାଙ୍କର ଦର୍ଶନ କରିବାଟା ନିହାତି ଆମ ପାଇଁ ମନ ଆଉ ଭାବପ୍ରବଣତା ସହ ଯୋଡା। ହେଲେ ମୋତେ ସବୁଠାରୁ ଖୁସି ଲାଗିଥିଲା ଜଗନ୍ନାଥ ଦର୍ଶନ ପରେ ରାଷ୍ଟ୍ରପତିଙ୍କ ହାତଲେଖା ପତ୍ର ଖଣ୍ଡେ ଦେଖି। ଭାରି ସୁନ୍ଦର, ନିର୍ମଳ ଏବଂ ନିର୍ଭୁଲ ଓଡ଼ିଆରେ ଲେଖା ହୋଇଥିବା ରାଷ୍ଟ୍ରପତିଙ୍କ ଜଗନ୍ନାଥ ଦର୍ଶନ ପରର ଅନୁଭୂତି। ଲେଖାଟିକୁ ଦେଖି ଅଳ୍ପ ଦିନ ତଳେ ହସ୍ପିଟାଲରେ ଭେଟିଥିବା ଜଣେ ଭଦ୍ର ମହିଳାଙ୍କ କଥା ମନେ ପଡିଯାଇଥିଲା। ଉକ୍ତ ମହିଳାଙ୍କ ଶ୍ୱଶୁର ଚିକିତ୍ସା ପାଇଁ ଆଡମିଟ୍ ହୋଇଥା'ନ୍ତି। ପେସାରେ ମହିଳା ଏବଂ ତାଙ୍କ ସ୍ୱାମୀ ଉଭୟ ଶିକ୍ଷକ, ଘର କଟକ। ସେଦିନ ଥାଏ ରବିବାର। ତେଣୁ ତାଙ୍କ ନବମ ଶ୍ରେଣୀରେ ପଢୁଥିବା ଝିଅ ଆସିଥାଏ ଜେଜେଙ୍କୁ ଭେଟିବାକୁ। ମୁଁ ରାଉଣ୍ଡ୍ ସାରି ବାହାରିଲା ବେଳକୁ ମହିଳା ଜଣକ ତାଙ୍କ ଝିଅ ସହ ମୋର ପରିଚୟ କରାଇ ଦେଲେ। ତାକୁ ପାଠପଢା ପାଇଁ ପରାମର୍ଶ ଦେବାକୁ କହିଲେ। ଝିଅଟି ସହ କିଛି ସମୟ କଥା ହେଲା ପରେ ଜାଣିଲି ତା'ର ସ୍କୁଲ୍ ଛଡା ବାକି ସମୟ ବିତେ ଟ୍ୟୁସନରେ। ସକାଳେ ସ୍କୁଲ ଆରମ୍ଭ ପୂର୍ବରୁ ୬ - ୯ ଭିତରେ ୨ଟି ଏବଂ ସ୍କୁଲ ସରିଲା ପରେ ୫ଟାରୁ କୋଚିଂ। ଘରକୁ ରାତି ୮:୩୦ରେ ଫେରିଲା ପରେ ଥାଏ ପୁଣି ହୋମୱାର୍କ, ପ୍ରୋଜେକ୍ଟ, ଆସାଇନମେଣ୍ଟ୍ କାମ ଆଉ ସାମ୍ପଲ ପ୍ରଶ୍ନପତ୍ର ସମାଧାନ। ସବୁ ଶୁଣି ସାରି ମୁଁ ପଚାରିଲି, 'ଝିଅ ତମେ ନିଜେ କେତେବେଳେ ପଢୁଛ ତା' ହେଲେ?' ମୋ ମୁହଁକୁ ବଲବଲ କରି ଚାହିଁଲା ଝିଅଟି। କହିଲା 'ହୋମୱାର୍କ କରୁଛି ବା ଫେରିକି।' ତା' ପରେ ମୁଁ ପଚାରିଲି, 'ଆଚ୍ଛା କ'ଣ କ'ଣ ବହି ପଢିଛ ଏ ଭିତରେ? କୋଉ କୋଉ ନ୍ୟୁଜ୍ ପେପର ଆଉ ମ୍ୟାଗାଜିନ୍ ପଢ ସବୁ? କିଛି ଓଡ଼ିଆ ବହି ପଢ?' ଉତ୍ତରରେ ଝିଅଟି ଯେଉଁ ସବୁ ମ୍ୟାଗାଜିନ୍ ନାଁ କହିଲା ସେ ସବୁ ପରୀକ୍ଷା କିମ୍ବା ସାମ୍ପଲ ପ୍ରଶ୍ନ ପାଇଁ ଏବଂ ବହି ଅର୍ଥାତ୍ କେବଳ ତାର ପାଠ୍ୟକ୍ରମରେ ଥିବା ପୁସ୍ତକର ହିଁ ନାଁ ଗୁଡା ଗାଇଗଲା। ଆଉ ଯୋଡିଲା ଯେ, ନ୍ୟୁଜପେପର ପଢିବାକୁ ତାକୁ ସମୟ ହୁଏନି କି ଓଡ଼ିଆ ସେ ଭଲରେ ପଢିପାରେନି !

ମୁଁ ଆଶ୍ଚର୍ଯ୍ୟ ହୋଇ ତା' ମା'ଙ୍କ ଆଡକୁ ଚାହିଁଲି। ଆଉ ଝିଅଟିକୁ କହିଲି, 'କିନ୍ତୁ ତମେ ଯଦି କେବଳ ପାଠ୍ୟପୁସ୍ତକ ପଢିବ ଆଉ ଅଲଗା କିଛି ବି ପଢିବନି ତା' ହେଲେ ତମର ଭାଷାଜ୍ଞାନ କେମିତି ବଢିବ? ଖବରକାଗଜ ନପଢିଲେ ତମେ ଦେଶ-ଦୁନିଆ ବିଷୟରେ ଜାଣିବ କେମିତି? ନିଜ ମାତୃଭାଷାକୁ ଠିକ୍ ରେ ନଜାଣିଲେ ତମେ ଆଗକୁ ବଢିବ କେମିତି କିମ୍ବା ଅଲଗା ଭାଷା ଶିଖିବ କେମିତି?'

ମୋ' କଥା ଶୁଣି, ଝିଅଟି କିଛି କହିବା ଆଗରୁ ଭଦ୍ର ମହିଳା ଜଣକ କହିଲେ, 'ହେଃ! ଲିଟରେଚର ପଢିବା କ'ଣ ଦରକାର କହିଲେ? ତାକୁ ପଢି କ'ଣ ସେ ମେଡିକାଲ କି ଇଞ୍ଜିନିୟରିଂ ଏଣ୍ଟ୍ରାନ୍ସ ପାଇବ? ସେ ସବଜେକ୍ଟ ଗୁଡା ଟିକେ ପରୀକ୍ଷା ପୂର୍ବରୁ ଦେଖିଦେଲେ ମାର୍କ ପଳେଇଆସିବ। ଭାଷା କ'ଣ ଇମ୍ପୋର୍ଟାଣ୍ଟ କହିଲେ? ସେଥିରେ ପୁଣି ଓଡ଼ିଆ ଭାଷା ଜାଣି ତା'ର କ'ଣ ଲାଭ ହେବ? ସେଥିରେ କ'ଣ ତାକୁ ଭଲ ଜବ୍ ମିଳିବ ନା ଫରେନ୍ ଗଲେ ଚଳିପାରିବ? ଆପଣ କହୁ ନାହାନ୍ତି ଆପଣ ଡକ୍ଟର ହେଲା ପରେ ଆପଣଙ୍କର ଭାଷାଜ୍ଞାନ କ'ଣ ଦରକାର?'

ମହିଳାଙ୍କ କଥା ଶୁଣି ବିରକ୍ତି ଯେତିକି ଲାଗିଲା ତାଠୁ ଅଧିକ ହସ ଲାଗିଲା। ହେଲେ 'ଠୋ ଠୋ' ହସିଲା ପରି ପରିସ୍ଥିତିରେ ନଥିଲି ମୁଁ। ଖାଲି ଅଳ୍ପ ହସି କହିଲି, 'ମାଡାମ୍ ଆପଣ ଯେଉଁ ମ୍ୟାଥେମେଟିକ୍ସ, ଫିଜିକ୍ସ, କେମିଷ୍ଟ୍ରି, ବାୟୋଲୋଜି ବହି ପଢୁଛନ୍ତି କିମ୍ବା ଯେଉଁ ମେଡିକାଲ କି ଇଞ୍ଜିନିୟରିଂ ବହି ଦେଖୁଛନ୍ତି ତାକୁ ଲେଖିବା ପାଇଁ ଆଉ ବୁଝିବା ପାଇଁ ମଧ ଭାଷା ହିଁ ଦରକାର। ଆଉ ରହିଲା 'ଓଡ଼ିଆ' ଜାଣିବା ଦରକାର କି ନାହିଁ, ସେଇଟା ଆପଣଙ୍କ ଝିଅ ଫରେନ୍ ଗଲେ ବୁଝିବେ। ମୁଁ ଦେଖିଛି ଯେଉଁ ବନ୍ଧୁମାନେ ଓଡିଶା ବାହାରେ କିମ୍ବା ଫରେନରେ ରୁହନ୍ତି କେମିତି ଏକାଠି ହେବା ପାଇଁ ଓଡ଼ିଆ ପର୍ବପର୍ବାଣିର ସାହାରା ନିଅନ୍ତି। ଆମ ରାଜ୍ୟ ଓ ଜାତିର ନାଁ ବା ଭାଷା ଭିତ୍ତିରେ।' ମୋ ଆଡକୁ ତଥାପି ଯୁକ୍ତି କଲା ଢଙ୍ଗରେ ଚାହିଁ ମହିଳା ଜଣକ ପଚାରିଲେ, 'ଆଚ୍ଛା ଆପଣ କହିଲେ, ଆପଣଙ୍କ ପ୍ରଫେସନରେ ଭାଷାଜ୍ଞାନ କି ଓଡ଼ିଆ କ'ଣ କାମରେ ଆସୁଛି?'

ମହିଳାଙ୍କ ଆଡକୁ ଅନେଇ କହିଲି, 'ଓଡ଼ିଆ ଜାଣିଛି ବୋଲି ଆପଣଙ୍କ ଶ୍ୱଶୁରଙ୍କ କ'ଣ ଅସୁବିଧା ହେଉଛି ଶୁଣି ବୁଝିପାରୁଛି। ତାଙ୍କର 'ବିନ୍ଧା' ହେଉଛି କି 'ଦରଜ' ଅଛି ଫରକ କରି ପାରୁଛି। ଓଡ଼ିଆ ଜାଣିଛି ବୋଲି ମେଡିକାଲ ବହିରେ ପଢିଥିବା କଥା ଆଉ ତଥ୍ୟକୁ ସାଧାରଣ ଲୋକଙ୍କୁ ବୁଝାଇ ପାରୁଛି। ଓଡ଼ିଆ ଜାଣିଛି ବୋଲି ମୋ ରାଜ୍ୟରେ, ମୋ ଲୋକଙ୍କ ଭିତରେ ପ୍ରାକ୍ଟିସ୍ କରି ପାରୁଛି। କେବଳ ଇଂରାଜୀ ଜାଣି ପର ଦେଶରେ ଯାଇ ଦ୍ୱିତୀୟ ଶ୍ରେଣୀର ନାଗରିକ ହୋଇ ବଞ୍ଚିବା ଅପେକ୍ଷା ମୋ ନିଜ ମାଟିରେ ମୋ ଭାଷାରେ କଥା ହୋଇ ମୁଣ୍ଡଟେକି ବଞ୍ଚିବା ଢେର୍ ଭଲ। ମୋ ଦେଶ ମୋ ପାଠପଢା ଆଉ ବଞ୍ଚିବା ଉପରେ ଏତେ ଖର୍ଚ୍ଚ କଲା ପରେ ମୁଁ ଯାଇ ଅଧିକ ଟିକେ ପଇସା ପାଇଁ ଅନ୍ୟ ଦେଶରେ ଶ୍ରମଦାନ କରିବା ଅପେକ୍ଷା ଏଇଠି ମୋ ବୋଉ-ବାପାଙ୍କ ପାଖରେ ରହି, ମୋ ଦେଶର ଲୋକଙ୍କ ପାଇଁ କାମ କରିବା ହିଁ ମୋ ପାଇଁ ଗର୍ବର କଥା।' ମହିଳା ଜଣକ ତଥାପି ଯୁକ୍ତିର ମୁଡରେ ଥିଲେ। ହେଲେ କାଲ ଆଗରେ ମୂଳା ଚୋବାଇ କି ଲାଭ! ମୁଁ ଅଲଗା ବେଡ୍ ପାଖକୁ ବଢିଲି।

ଆଜି ଲେଖିବା ବେଳେ ଭାବୁଛି, ସେଦିନ ସେହି ମହିଳାଙ୍କର ଠିକଣା କିମ୍ବା ଫୋନ୍ ନମ୍ବର ରଖିଥିଲେ ଆଜି ତାଙ୍କୁ ଆମ ରାଷ୍ଟ୍ରପତିଙ୍କ ହାତଲେଖା ନିହାତି ଦେଖେଇଥା'ନ୍ତି। ଆମ ରାଷ୍ଟ୍ରପତି ବି ସରକାରୀ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢିଛନ୍ତି ଏବଂ ସେ ହେଉଛନ୍ତି ଏଯାବତ ଆମ ଦେଶରେ ରାଷ୍ଟ୍ରପତି ପଦ ଗ୍ରହଣ କରିଥିବା ସର୍ବକନିଷ୍ଠ ରାଷ୍ଟ୍ରପତି। ବୃତ୍ତିରେ ସେ ବି ଶିକ୍ଷକ। ରାଷ୍ଟ୍ରପତି ହେବା ଆଗରୁ ସେ ଝାରଖଣ୍ଡ ରାଜ୍ୟର ରାଜ୍ୟପାଳ ରହିସାରିଛନ୍ତି। ତା' ପୂର୍ବରୁ ସେ ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୦୦ ଓଡ଼ିଶା ବିଧାନସଭା ନିର୍ବାଚନରେ ଜିତିଥିଲେ ଏବଂ ୨୦୦୦ ରୁ ୨୦୦୯ ମଧ୍ୟରେ ଓଡିଶା ବିଧାନସଭାରେ ଦୁଇଟି ପଦବୀରେ କାର୍ଯ୍ୟ କରିଥିଲେ। ଓଡିଶାରେ ବିଜେପି ଏବଂ ବିଜେଡି ମିଳିତ ସରକାର ସମୟରେ ସେ ୬ ମାର୍ଚ୍ଚ ୨୦୦୦ ରୁ ୬ ଅଗଷ୍ଟ ୨୦୦୨ ପର୍ଯ୍ୟନ୍ତ ବାଣିଜ୍ୟ ଏବଂ ପରିବହନ ପାଇଁ ଚାର୍ଜରେ ଥିବା ବେଳେ ୬ ଅଗଷ୍ଟ ୨୦୦୨ ରୁ ୧୬ ମଇ ୨୦୦୪ ପର୍ଯ୍ୟନ୍ତ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଥିଲେ। ଏ ସବୁ ସଫଳତା ପଛରେ ତାଙ୍କର ଭାଷାଜ୍ଞାନ ଏବଂ ମାତୃଭାଷା ପାଇଁ ଭଲପାଇବା ଗୋଟିଏ ପ୍ରମୁଖ ଉପାଦାନ। କାରଣ ଜଣେ ଭଲ ଏବଂ ଲୋକପ୍ରିୟ ଜନନେତା ହେବା ପାଇଁ ଲୋକଙ୍କ କଥା ଏବଂ ମନ ବୁଝିବା ନିହାତି ଦରକାର। ଆଉ ଏ କାମ ପାଇଁ ଭାଷାଜ୍ଞାନ ନିହାତି ଦରକାର। ଆଜି ଜଣେ ଓଡ଼ିଆ ଆମ ଦେଶର ରାଷ୍ଟ୍ରପତି ଅଛନ୍ତି କହି ଆମ ଛାତି କୁଣ୍ଢେମୋଟ ହୋଇଯାଉଛି। ଆମେ ରାଷ୍ଟ୍ରପତିଙ୍କ ରାଜ୍ୟର ଲୋକ ବୋଲି ସବୁଆଡେ କହି ବୁଲୁଛେ। ଗର୍ବରେ ତାଙ୍କ ଫଟୋ ଆମ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଷ୍ଟାଟସରେ ରଖୁଛେ। ଆଉ ଯିଏବି ତାଙ୍କର ଭାଷଣ ଶୁଣିଥିବେ ସେ ଠିକ୍ ଲକ୍ଷ୍ୟ କରିଥବେ ଯେ କେବଳ ଓଡ଼ିଆ ନୁହେଁ ସେ ହିନ୍ଦୀ ଏବଂ ଇଂରାଜୀରେ ମଧ ଦେଶକୁ, ବିଭିନ୍ନ ସଭାକୁ ଏବଂ ଲୋକଙ୍କୁ ସମାନ ଭାବରେ ସମ୍ବୋଧନ କରିପାରନ୍ତି। ଓଡ଼ିଶାରେ ମଞ୍ଚ ଉପରେ ଠିଆ ହୋଇ ଓଡ଼ିଆରେ, ଝାରଖଣ୍ଡର ମଞ୍ଚରେ ହିନ୍ଦୀରେ ଏବଂ ଦିଲ୍ଲୀ ଆଇ ଆଇଆଇଟିର ମଞ୍ଚରେ ଠିଆ ହୋଇ ଇଂରାଜୀରେ ସମ୍ବୋଧନ କରି ପାରନ୍ତି। ଆଜି ଆମ ରାଷ୍ଟ୍ରପତି ହିଁ ଆମ ଯୁବପିଢ଼ି ପାଇଁ ଉଦାହରଣ ପାଲଟି ଯାଇଛନ୍ତି ଯେ, ତମ ବୃତ୍ତି ଯାହା ବି ହେଉ ସଫଳତା ପାଇବା ପାଇଁ ଭାଷାଜ୍ଞାନ ଆଉ ନିଜ ମାତୃଭାଷା ପାଇଁ ଭଲପାଇବା ଏବଂ ମାତୃଭାଷାରେ ଦକ୍ଷତା ନିହାତି ଆବଶ୍ୟକ।

ଭୁବନେଶ୍ୱର
ଦୂରଭାଷ : ୮୦୧୮୦୫୩୩୯୫

# ଶିକ୍ଷା ଏକ ବ୍ୟବସାୟ ନୁହେଁ



ଶ୍ରୀବତ୍ସ ନାୟକ

ଶିକ୍ଷା ହେଉଛି ଭାରତୀୟ ମାନଙ୍କର ମୌଳିକ ଅଧିକାର। ଭାରତୀୟ ସମ୍ବିଧାନର ଭାଗ ୩ର ଅନୁଚ୍ଛେଦ ୧୨-୩୫ରେ ଉଲ୍ଲେଖ ୬ଟି ମୌଳିକ ଅଧିକାର ମଧ୍ୟରୁ ଶିକ୍ଷା ହେଉଛି ଅନ୍ୟତମ। ଶିକ୍ଷା ହେଉଛି ଏକ ଜାତିର ଆତ୍ମା ଓ ମୂଳପିଣ୍ଡ। ଯେମିତି ଯେଉଁ ବୃକ୍ଷର ମୂଳ ଭାଗ ଯେତେ ମଜବୁତ ସେ ବୃକ୍ଷ ସେତେ ସୁଦୃଢ ଠିକ୍ ସେହିପରି ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ ସେ ଦେଶ ସେତେ ଶକ୍ତିଶାଳୀ। ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ନାଗରିକ ତାର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ନେଇ ଗର୍ବ ଅନୁଭବ କରେ।

ଗତ ନଭେମ୍ବର ସାତ ତାରିଖରେ ମାନ୍ୟବର ସୁପ୍ରିମ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରି ଏକ ସୁପ୍ରିମ ରାୟ ଦେଇଛନ୍ତି। ରାୟଟି ହେଲା ଶିକ୍ଷା ଏକ ବ୍ୟବସାୟ ନୁହେଁ ତେଣୁ ଶିକ୍ଷାକୁ ନେଇ କେହି ବ୍ୟବସାୟ କରି ଲାଭ ଅର୍ଜନ କରିପାରିବେ ନାହିଁ। ଶିକ୍ଷାଦାନ କରି ପ୍ରଚୁର ଅର୍ଥ ଉପାର୍ଜନ କରିବା ଯୁକ୍ତିସଙ୍ଗତ ନୁହେଁ। ଆହୁରି ମଧ କହିଛନ୍ତି କି କୋର୍ସ ଫି କିମ୍ବା ଟ୍ୟୁସନ୍ ଫି' ସର୍ବଦା ଶସ୍ତା ହେବା ଦରକାର। ମାମଲାଟି ଥିଲା ଆନ୍ଧ୍ରପ୍ରଦେଶର। ଆଡମିଶନ ଆଣ୍ଡ ଫି ରେଗୁଲେଟୋରି କମିଟିଙ୍କ ଅନୁମୋଦନ କ୍ରମେ ଶିକ୍ଷାବର୍ଷ ୨୦୧୧-୧୨,୨୦୧୨-୧୩, ୨୦୧୩-୧୪ ପାଇଁ ଆନ୍ଧ୍ରପ୍ରଦେଶ ସରକାର ବର୍ଦ୍ଧିତ ଫି ଲାଗୁ କରିଥିଲେ। କିନ୍ତୁ ଶିକ୍ଷା ବର୍ଷ ୨୦୧୭-୧୮ ପାଇଁ କମିଟିର ବିନାନୁମୋଦନରେ ରାଜ୍ୟ ସରକାରଙ୍କର ଆଦେଶନାମା ତା ୦୬ ସେପ୍ଟେମ୍ବର ୨୦୧୭ରେ ଡାକ୍ତରୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ କୋର୍ସ ଫି'କୁ ବୃଦ୍ଧି କଲେ। ବିଶେଷ କରି ଘରୋଇ ମେଡିକାଲ କଲେଜ ନିଜର ମେଡିକାଲ କୋର୍ସ ଫି' ବାବଦକୁ ବର୍ଷକୁ ୨୪ ଲକ୍ଷ ଟଙ୍କା ସ୍ଥିର କଲେ ଯାହାକି ପୂର୍ବ ନିର୍ଦ୍ଧାରିତ ଫି' ଠାରୁ ଏହା ଥିଲା ୭ ଗୁଣ ଅଧିକ। ଆନ୍ଧ୍ରପ୍ରଦେଶ ସରକାରଙ୍କର ଏହିଭଳି ମନମାନି ନିଷ୍ପତ୍ତିକୁ ଚାଲେଞ୍ଜ କରି ଉଚ୍ଚ ନ୍ୟାୟାଳୟରେ କିଛି ରିଟ୍ ପିଟିସନ ଦାୟର କରାଗଲା ଫଳ ସ୍ୱରୂପ ସରକାରଙ୍କର ଏହିଭଳି ନିଷ୍ପତ୍ତିରେ ରୋକ ଲଗାଇଲେ ମାନ୍ୟବର ଉଚ୍ଚ ନ୍ୟାୟାଳୟ। ପରବର୍ତ୍ତୀ ପର୍ଯ୍ୟାୟରେ ଉଚ୍ଚ ନ୍ୟାୟାଳୟଙ୍କ ରିଟ୍ ପିଟିସନ ନମ୍ବର ୩୩୬୫୬/୨୦୧୮ ଓ ୮୨୧୦/୨୦୧୯ ନିଷ୍ପତ୍ତିକୁ ଚାଲେଞ୍ଜ କରି ଘରୋଇ ମେଡିକାଲ କଲେଜ (ନାରାୟଣ ମେଡିକାଲ କଲେଜ) ମାନ୍ୟବର ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ କୋର୍ଟର ବିଚାରପତି ଜଷ୍ଟିସ ଏମ. ଆର. ଶାହା ଓ ଜଷ୍ଟିସ ସୁଧାଂଶୁ ଧୂଳିଆଙ୍କୁ ନେଇ ଗଠନ ହୋଇଥିବା ବେଞ୍ଚ, ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିକୁ କାଏମ ରଖି ରାୟ ଦେଇଥିଲେ କି ଶିକ୍ଷା ଏକ ଲାଭ ଦାୟକ ବ୍ୟବସାୟ ନୁହେଁ କି ଶିକ୍ଷାନୁଷ୍ଠାନ ବ୍ୟବସାୟିକ ଲାଭ ପାଇଁ ନୁହେଁ। ଶିକ୍ଷାକୁ ଲାଭ ଉଦ୍ଦେଶ୍ୟରେ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ। କୋର୍ସ ଫି' କିମ୍ବା ଟ୍ୟୁସନ ସର୍ବଦା ଉଚିତ ମୂଲ୍ୟର ହେବା ଦରକାର ଯାହା ସମାଜର ସବୁ ବର୍ଗଙ୍କୁ ସୁହାଇବ। ମାତ୍ରାଧିକ ଫି' ଛାତ୍ର ଛାତ୍ରୀଙ୍କ ଉପରେ ମାନସିକ ଚାପ ସୃଷ୍ଟି କରୁଛି। ଏତଦ୍ ବ୍ୟତିତ ଘରୋଇ ମେଡିକାଲ କଲେଜ ନେଇଥିବା ଅଧିକ ଅର୍ଥକୁ ଛାତ୍ରଛାତ୍ରୀଙ୍କୁ ଫେରସ୍ତ କରିବା ସହ ସଂପୃକ୍ତ କଲେଜ ଓ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ୬ ସପ୍ତାହ ମଧ୍ୟରେ ୨.୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ଦଣ୍ଡ ଦାଖଲ କରିବା ପାଇଁ ଆଦେଶ ଦେଇଛନ୍ତି। ୨୦୦୬ରେ ଆନ୍ଧ୍ରପ୍ରଦେଶ ସରକାର ପ୍ରଫେସନାଲ କୋର୍ସ ପାଇଁ କୋର୍ସ ଫି' ସ୍ଥିରୀକୃତ ସମ୍ବନ୍ଧରେ ଏକ ଆନ୍ଧ୍ର ପ୍ରଦେଶ ଆଣ୍ଡ ଫି' ରେଗୁଲେଟରି କମିଟି ଗଠନ କରିଥିଲେ। ୨୦୦୬ର ସେହି ରୁଲ ୪ ଅନୁସାରେ କୋର୍ସ ଫି' ସ୍ଥିରୀକୃତ ସମ୍ପର୍କରେ ନିର୍ଦ୍ଦିଷ୍ଟ ମାପଦଣ୍ଡ ସ୍ଥିର କରାଯାଇଥିଲା। ସେହି ରୁଲ ଅନୁସାରେ ବୃତ୍ତିଗତ ଘରୋଇ ଅଣ-ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକର ଫି' ନିର୍ଦ୍ଧାରଣ ସାଧାରଣତଃ ଶିକ୍ଷାନୁଷ୍ଠାନର ଅବସ୍ଥିତ, ଭିତ୍ତିଭୂମିର ସରଞ୍ଜନା, ପରିଚାଳନା ରେ ଖର୍ଚ୍ଚ ହେଉଥିବା ଅର୍ଥ ଇତ୍ୟାଦି ଆଧାରରେ ହେବାର ବିଧି ବ୍ୟବସ୍ଥା ଅଛି। ଏହି ରୁଲର ଆଧାରରେ ଶିକ୍ଷାନୁଷ୍ଠାନ ଗୁଡିକ କୋର୍ସ ଫି' ସ୍ଥିର କରିବା ଉଚିତ୍ ବୋଲି ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନିଷ୍ପତି ଶୁଣାଇଛନ୍ତି।

ସାମ୍ପ୍ରତିକ ପରିସ୍ଥିତିରେ ଯଦି ଆମେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଦେଖିବା ତେବେ ଏହା ସବୁଠାରୁ ଅବହେଳିତ ଏବଂ ସମସ୍ୟାବହୁଳ। ସରକାରଙ୍କର ଏହି ବ୍ୟବସ୍ଥା ପ୍ରତି ବୈମାତୃକ ମନଭାବର ତାହା ନୁହେଁ କିନ୍ତୁ ଯୋଜନା ପ୍ରସ୍ତୁତ କରି ଉପଯୁକ୍ତ ଭାବେ ଯୋଜନାର ବିଧିବଦ୍ଧ ପ୍ରୟୋଗ କରାଗଲେ ହୁଏତ କେତେକାଂଶରେ ଏହାର ସୁଫଳ ମିଳିପାରନ୍ତା। ନିକଟରେ ସାରା ବିଶ୍ୱ କୋଭିଡ ମହାମାରୀ ସହ ସଂଗ୍ରାମ ଚଳାଇଥିଲା। ସେ ସମୟରେ ଲକ୍ ଡାଉନ୍, ସଟ ଡାଉନ୍ ଓ କର୍ଫ୍ୟୁ ଭଳି ପନ୍ଥା ଆପଣାଇ ବାକୁ ପଡ଼ିଲା। ଅତ୍ୟାବଶ୍ୟକ ସାମଗ୍ରୀ କୁ ଛାଡ଼ିଦେଲେ ଅନ୍ୟାନ୍ୟ ସମସ୍ତ ବିଭାଗକୁ ବନ୍ଦ କରିଦିଆଗଲା। ଏଥିରୁ ଅନୁମେୟ କି ଶିକ୍ଷା ବୋଧ ହୁଏ ଅତ୍ୟାବଶ୍ୟକ ସାମଗ୍ରୀ ନୁହେଁ। ଯେଉଁ ଶିକ୍ଷା ଦେଶର ମେରୁଦଣ୍ଡ ତା ପ୍ରତି ଏଭଳି ମନୋଭାବ ହିଁ ଦର୍ଶାଇଥିଲା ଆମର ପରିଚୟ। ବିଳମ୍ବରେ ହେଉପଛେ ଶିକ୍ଷାଦାନର ବିକଳ୍ପ ବ୍ୟବସ୍ଥାକୁ ଆମେ ଆପଣେଇଥିଲେ ମଧ ଏହାର ପ୍ରୟୋଗାତ୍ମକ ଚିତ୍ରର ବାସ୍ତବତା ଆମକୁ ବେଶ୍ ଭଲ ଭାବେ ଜଣା। କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ ଠିକ୍ ସେହିପରି ଶିକ୍ଷା ହେଉଛି ଏକ ଜାତିର ଉତ୍ସ ଏବଂ ଏହାର ପରିଚୟ। ଏହି ବ୍ୟବସ୍ଥାରେ ଯଦି ସୁଧାର ନ ଆସେ ତାହେଲେ ଭବିଷ୍ୟତ ଅନ୍ଧକାର ମୟ ଏଥିରେ ସନ୍ଦେହ ନାହିଁ। ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ଭିନ୍ନ ଭିନ୍ନ ସମୟରେ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଶିକ୍ଷା କମିଶନ, ଶିକ୍ଷା କମିଟି, ସର୍ବଶିକ୍ଷା ଅଭିଯାନ, ଶିକ୍ଷା ଅଧିକାର ଆଇନ୍ ପ୍ରଣୟନ କରିଥିଲେ ମଧ ଆମେ ଆଜି ଶିକ୍ଷା କ୍ଷେତ୍ରରେ କୌଣସି ଖାସ୍ ସଫଳତା ପାଇନାହୁଁ। ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଓଡ଼ିଶା ସରକାର ଶିକ୍ଷା ବ୍ୟବସ୍ଥାରେ ଗତ ଆର୍ଥିକ ବ୍ୟବସ୍ଥା ତୁଳନାରେ ୧୨ ପ୍ରତିଶତ ଅଧିକ ବ୍ୟୟ ବରାଦ କରିଛନ୍ତି। ସମଗ୍ର ଶିକ୍ଷା, ମଧ୍ୟାହ୍ନ ଭୋଜନ, ମୋ ସ୍କୁଲ, ମୋ କଲେଜ, ବେସରକାରୀ ଅନୁଦାନ ପ୍ରାପ୍ତ କଲେଜ, ୧୦୦ଟି ଉତ୍କର୍ଷ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ୍, ଆଦର୍ଶ ବିଦ୍ୟାଳୟ, ଓ ଛାତ୍ର ବୃତ୍ତି ଆଦି କ୍ଷେତ୍ରରେ ମଧ ବ୍ୟାପକ ଅର୍ଥ ବିନିଯୋଗ କରିବାପାଇଁ ନିଷ୍ପତି ନେଇଛନ୍ତି। ଶିକ୍ଷା କ୍ଷେତ୍ରରେ ରୂପାନ୍ତରୀକରଣ, ଦରିଦ୍ରରୁ ଦରିଦ୍ର୍ୟତମଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ମଧ ବ୍ୟବହାର, ମୋ ସ୍କୁଲ ଓ ମୋ କଲେଜ ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଭିତିଭୂମି ର ବ୍ୟାପକ ପୁନରବିନ୍ୟାସ କରିବା ସହ ଶୈକ୍ଷିକ ପରିବେଶର ସୃଷ୍ଟି କରିବା ପାଇଁ ଲକ୍ଷ୍ୟ କରାଯାଇଛି। ଦୁର୍ବଳ ମାନସିକତା, ଭିତିଭୂମିର ଅଭାବ, ଶିକ୍ଷାର ପ୍ରଚାର ପ୍ରସାର, ଉପଯୁକ୍ତ ଯୋଜନାର ଅଭାବ ହିଁ ଆମ ବିଫଳତାର ମୁଖ୍ୟ କାରଣ। କୌଣସି ଏକ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଏହାର ସମ୍ଭାବ୍ୟ ସମସ୍ୟା ତଥା ଯୋଜନାଟି କାର୍ଯ୍ୟକାରୀ ପରେ ଏହାର ପୂର୍ଣ୍ଣାଙ୍ଗ ରୂପରେଖକୁ ପୁଙ୍ଖାନୁପୁଙ୍ଖ ଭାବେ ପର୍ଯ୍ୟାଲୋଚନା କରିବା ଦରକାର।

ସରକାରୀ ଶିକ୍ଷାନୁଷ୍ଠାନର ବିକଳ ଚିତ୍ର ତଥା ଉପଯୁକ୍ତ ଭିତିଭୂମିର ଅଭାବ କଥା ହେଉ କିମ୍ବା ୧୯୯୧ ମସିହାର ନୂତନ ଅର୍ଥନୈତିକ ପଲିସି ଅନୁସାରେ ଉଦାରୀକରଣ, ଜଗତୀକରଣ ଓ ଘରୋଇକରଣ କଥା ହେଉ ଶେଷରେ ଶିକ୍ଷା ବ୍ୟବସ୍ଥାରେ ଅନେକ ଗୁଡ଼ିଏ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକୁ ସରକାର ଅନୁମୋଦନ ଦେଲେ। ବର୍ଣ୍ଣାଢ୍ୟ ପରିବେଶ ଓ ଉପଯୁକ୍ତ ପରିଚାଳନା ବ୍ୟବସ୍ଥା ମଧ୍ୟରେ ଅନେକ ଗୁଡ଼ିଏ ସ୍ୱୟଂଅର୍ଥ ପରିଚାଳନା କଲେଜ ଗୁଡ଼ିକ ମଧ ଗଢି ଉଠିଲା। ଖାଲି ଆନ୍ଧ୍ରପ୍ରଦେଶ ନୁହେଁ ଅଧିକାଂଶ ରାଜ୍ୟରେ ଏହିଭଳି ଅନେକ ଘରୋଇ ଶିକ୍ଷାନୁଷ୍ଠାନର ଅଭ୍ୟୁଦୟ ଫଳରେ ଯଦିଓ ଶିକ୍ଷା ବ୍ୟବସ୍ଥାରେରେ କିଛି ମାତ୍ରାରେ ଆଶ୍ୱସ୍ତି ଆସିଛି କିନ୍ତୁ ଘରୋଇ ଅନୁଷ୍ଠାନ ଗୁଡ଼ିକ ପାଇଁ ସରକାରଙ୍କର କୌଣସି ସ୍ୱତନ୍ତ୍ର ଗାଇଡଲାଇନ୍ର ବ୍ୟବସ୍ଥା ନାହିଁ। ସରକାରୀ ବାବୁ ମାନଙ୍କ ଉଦାସୀନତା କାରଣରୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଲାଭଜନକ ସଂସ୍ଥାରେ ପରିଣତ ହୋଇଗଲାଣି। କୋର୍ସ ଫି' ସ୍ଥିରୀକୃତ କରିବା ପାଇଁ ମଧ କୌଣସି ଏକବିଦ୍ଧ ନୀତି ପ୍ରଣୟନ ହୋଇନାହିଁ। ଏହା ମଧ ନଜର ଅଛି କି କେତେକ ଘରୋଇ କଲେଜ ଓ ବିଦ୍ୟାଳୟ ପାଇଁ ସରକାର ଉପଯୁକ୍ତ ଜମି ଯୋଗାଇଦେଇ ଥିଲେ ମଧ କଲେଜ ଗୁଡ଼ିକ ସମାଜର ହିତ ସାଧନା କଥା ଭୁଲି ଯାଇଛନ୍ତି। ସଦ୍ୟ ସଦ୍ୟ ଭୁବନେଶ୍ୱରର ଛାତ୍ରଛାତ୍ରୀ ମାନେ ମଧ କିଛି ଘରୋଇ ଶିକ୍ଷାନୁଷ୍ଠାନର ଆର୍ଥିକ ହିଂସାର ଶିକାର ହୋଇଛନ୍ତି। ଯେଉଁଠି ଭାରତୀୟ ସମ୍ବିଧାନ ମାଗଣା ଶିକ୍ଷାର ମୌଳିକ ଅଧିକାର କଥା କହୁଛି ସେଠି ଶିକ୍ଷା ପାଇଁ ଦେବାକୁ ପଡୁଛି ଆଶାଠାରୁ ଅନେକ ଅଧିକ। ଯଦି ଏହିଭଳି ପ୍ରକ୍ରିୟା ଲାଗି ରହେ ତାହାଲେ ଅନେକ ମେଧାବୀ ଓ ଗରିବ ଛାତ୍ର ଉପଯୁକ୍ତ ଅର୍ଥ ଅଭାବରୁ ଶିକ୍ଷାରୁ ବଞ୍ଚିତ ହେବେ ଏଥିରେ ସନ୍ଦେହ ନାହିଁ। ଏହି ପରିସ୍ଥିତିରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଏହିଭଳି ନିଷ୍ପତି ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ। ନିକଟରେ ୧୦ ପ୍ରତିଶତ ଆର୍ଥିକ ଦୁର୍ବଳ ସବର୍ଣ୍ଣ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା କରିଛନ୍ତି ନ୍ୟାୟାଳୟ। ଏହା କୁହା ଯାଇପାରେ କି ଶିକ୍ଷାଦାନକୁ ନିଜର ଲାଭଜନକ ଭାବେ ନ ନେଇ ଉପଯୁକ୍ତ ଫି' ମାଧ୍ୟମରେ ଶିକ୍ଷାଦାନ କଲେ ନିଶ୍ଚିତ ରୂପେ ଗରିବ ଏବଂ ମେଧାବୀ ଛାତ୍ରଛାତ୍ରୀ ମାନେ ଅନ୍ୟୁନ ପକ୍ଷେ ଉପକୃତ ହେବେ। ଶିକ୍ଷା ଏକ ଲାଭଜନକ ବ୍ୟବସାୟ ନୁହେଁ ବୋଲି ଦେଇଥିବା ମନ୍ତବ୍ୟକୁ ସରକାର ହୃଦୟଙ୍ଗମ କରିବା ଦରକାର। ଉପଯୁକ୍ତ ସମୟରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିଷ୍ପତି ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସଂଜୀବନୀ ସଦୃଶ। ଆମ ଦେଶରେ ଶିକ୍ଷାର ଗୁଣାତ୍ମକ ମାନର ବିକାଶ ନିମନ୍ତେ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ପାଇଁ ଯେଉଁ ପ୍ରୟାସ ଜାରି ରହିଛି ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ।

ଅଧ୍ୟାପକ, ବାଣିଜ୍ୟ ବିଭାଗ
କଟକ

## ଧାରାବାହିକ ଉପନ୍ୟାସ

ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୩୫




*(ପୂର୍ବପ୍ରକାଶ ଉତ୍ତାରୁ)*

ତେଣୁ ଏଥିପାଇଁ ମୋତେ ଚୟନ କରିବା ବାସ୍ତବିକ୍ ମୋ ପାଇଁ ଗୋଟେ ବିରାଟ ଝଟକା, ଯାହାକୁ ଧୀରେଧୀରେ ବିଶ୍ୱାସ କରିବା ହିଁ ଠିକ୍ ହେବ।

ନା ଅନିମେଶ୍ ମୁଁ ତୁମକୁ ଠକୁନି। ସତ କହୁଛି। ଏଥର ଦିଲ୍ଲୀରୁ ମୁଁ ଖାସ୍ ତୁମରି ପାଇଁ ହିଁ ଆସିଛି। ତୁମକୁ ମୋର ମନକଥା କହିବାକୁ ଆସିଛି।

ଅନିମେଶ୍ ଆଶ୍ଚର୍ଯ୍ୟ ହୋଇ ଚାହିଁଲା ମନିଷାକୁ..ନା ସେ ସତକହୁଛି। ତା ଆଖିରୁ ଜଣାପଡୁଛି। ହେଲେ ମୋପରି ଏମିତି ଅନାମଧେୟ ମଣିଷଟିକୁ କାହିଁକି?

ପ୍ରେମରେ ଏସବୁର ମୂଲ୍ୟ କଣ ଅନିମେଶ୍। ତୁମେ ଖାଲି ଏତିକି କୁହ ତୁମେ ରାଜି ନା ନାହିଁ ଏଥିରେ?

ମୋ ଅରାଜିର ପ୍ରଶ୍ନ ହିଁ ଉଠୁନି। ମୋର ବି କିଛି ଦୁର୍ବଳତା ରହିଥିଲା ତୁମପାଇଁ ଓ ଏବେ ମଧ୍ୟ ଅଛି।

ସତ କହୁଛ ଅନିମେଶ୍..ତନ୍ମୟତାର ସହିତ ପଚାରିଲା ମନିଷା।

ହଁ ନିରାଟ ସତ କଥା କହୁଛି। ତୁମେ ହିଁ ମୋର ପ୍ରଥମ ପ୍ରେମ!

ଠିକ୍ ସେତିକିବେଳକୁ ମନିଷାର ବାପା ମାଆ, ଦାଦା ଓ ଖୁଡ଼ୀ ପ୍ରବେଶ କରିଥିଲେ ସେମାନଙ୍କ କଥା ଓ ପ୍ରସଂଗର ପରିସର ଭିତରକୁ। ସେମାନେ ଅନିମେଶର ବ୍ୟବସାୟ, ଭଲମନ୍ଦ ଘର ଦ୍ୱାର ବିଷୟରେ ପଚାରି ବୁଝିଥିଲେ। ପ୍ରକୃତରେ ପିଲାଟି ବେଶ୍ ନିରୀହ। ମନିଷା କଥାରେ ସେ ଉଠ୍ ବସ୍ ହୋଇପାରିବ। ତାକୁ ସୁଖୀ ରଖିବାକୁ ସେ ଆପ୍ରାଣ ଉଦ୍ୟମ କରିବ। କାରଣ ତାର ସଂସ୍କୃତି ଓ ପରଂପରାଗତ ପ୍ରାଣ ମନିଷାର ଅତ୍ୟାଧୁନିକତାକୁ ବାଧ୍ୟ ହୋଇ ସହ୍ୟ କରିବ। କାରଣ ଏମାନେ ଭାରି ଖୁବ୍ ଭାବପ୍ରବଣ.. ନିଜ ସମ୍ମାନ ପାଇଁ ସବୁ ପ୍ରକାରର ବିଷକୁ ଏମାନେ ହଜମ କରିପାରନ୍ତି। ମନିଷା ଏଭଳି ମେଣ୍ଢା ଛୁଆଟି ସହିତ ବେଶ୍ ସୁଖୀ ରହିପାରିବ। ବିବାହ ପୂର୍ବରୁ ତା ସହିତ ମାତ୍ର କିଛି ଥର ଭେଟ ହୋଇଥିଲା ଅନିମେଶର। ତା ପୂର୍ବରୁ ସେ ହିଁ ପ୍ରଥମେ ଅନିମେଶଙ୍କୁ ପ୍ରେମ ନିବେଦନ କରିଥିଲା। ତାକୁ ଦଣ୍ଡେ ନଦେଖିଲେ ମନିଷା ଶାନ୍ତିରେ ରହିପାରୁ ନଥିଲା।

ଆଜିକାଲି ଅନିମେଶ ବିବାହ ବ୍ୟସ୍ତତା ଭିତରେ ହଜିଯାଇଛି। ବିବାହର କାର୍ଯ୍ୟ ସହିତ ଘରର ବ୍ୟବସାୟ ବି ବୁଝିବାକୁ ପଡୁଛି। ଏ ବୟସ ପାଠପଢ଼ି ଜୀବନକୁ ଗଢ଼ିବାର ବୟସ..ସ୍ୱପ୍ନ ସହିତ ଖେଳିବାର ବୟସ..ଅସଂଭବ ସହିତ ଲଢେଇ କରିବାର ବୟସ। ଅଥଚ ଅନିମେଶ୍ ତାଙ୍କ ଘରର ସମସ୍ତ ଦାୟିତ୍ୱକୁ ସୁନା ପୁଅଟି ପରି ମୁଣ୍ଡାଇ ଚାଲିଛନ୍ତି। ଏତେ ମେଧାବୀ ଛାତ୍ର କିନ୍ତୁ ନିଜଘରର ବ୍ୟବସାୟରେ ଛନ୍ଦି ହୋଇ ନିଜର ଭବିଷ୍ୟତକୁ ନଷ୍ଟ କରିଦେଲେ ବୋଲି କ୍ଷୋଭ ସୃଷ୍ଟି ହେଉଛି ମନ ତଳେ। ସେ କାହିଁକି ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷା ନଦେଲେ ବୋଲି ମନତଳେ ପ୍ରଶ୍ନ ସୃଷ୍ଟି ହେଉଛି। କାରଣ ଏପର୍ଯ୍ୟନ୍ତ ଯେକୌଣସି ଦାମିକିଆ ସରକାରୀ ଚାକିରୀଟିଏ ତାଙ୍କର ହସ୍ତଗତ ହୋଇ ସାରନ୍ତାଣି। ସେ ମେଡିକାଲ କିମ୍ୱା କମ୍ପ୍ୟୁଟର୍ ସାଇନ୍ସ, ଇଞ୍ଜିନିୟରିଂ କିମ୍ବା ସିଭିଲ୍ ସର୍ଭିସ୍ ଯେକୌଣସିଟି ପାଇସାରନ୍ତେଣି।

ଅଥଚ ଘରପାଇଁ କି ବିଚିତ୍ର ମାନସିକତା ଯେ ନିଜ କ୍ୟାରିଅର, ପରିଚୟ ବନାମ୍ ପରିବାର ଭିତରେ ସେ ଆଖି ମୁଦି ପରିବାରକୁ ହିଁ ଗ୍ରହଣ କରିନେଲେ। ଜାଣିଶୁଣି ବାନ୍ଧି ହୋଇଗଲେ ଜଂଜାଳ ଓ ଜୀବନ ଯନ୍ତ୍ରଣା ଭିତରେ। ଆଉ ତାଂକ ଘରଲୋକମାନେ ବି କେତେ ସ୍ୱାର୍ଥପର! ପୁଅ ଯୋଗ୍ୟ ନହେଉଣୁ ଜଂଜାଳ ମୁହଁକୁ ଠେଲିଦେଲେ ଖୁସିରେ! ସେ କିନ୍ତୁ ଅନିମେଶଙ୍କୁ ଏପରି ଭାବରେ ଛାଡିଦେବନି! ସେ ଦୁନିଆଁର ନୂତନରଙ୍ଗରେ ରଙ୍ଗିନ୍ କରିବ ତାଙ୍କୁ। ଜୀବନର ଭିନ୍ନ ଏକ ଦିଗ ପ୍ରତି ସଚେତନ କରାଇବ। ବିବାହ ପୂର୍ବରୁ ଖୁବ୍ ଶୀଘ୍ର ଅନିମେଶ୍ ବି ତାକୁ ତା ଘରଲୋକମାନଂକ ସହିତ ପରିଚିତ କରାଇ ଦେବେ ବୋଲି କଥା ଦେଇଛନ୍ତି। ଆଜିକାଲି ସେ ଅନିମେଶଙ୍କୁ ଆଉ ଟିକେ ଭଲ କରି ଚିହ୍ନିବାରେ ଲାଗିଛି।

ସାନବାବୁଙ୍କ ବାହାଘର ସରିଛି। ଘରେ ଖୁସିର ମାହୋଲ୍। ବନ୍ଧୁବାନ୍ଧବ ଓ ଅତିଥି ଅଭ୍ୟାଗତମାନଙ୍କ କଥା ବୁଝୁବୁଝୁ ଲୀନା ଜେଜେମା' କଥା ଠିକ୍‌ରେ ବୁଝି ପାରୁନି। ବିବାହ ପରଠାରୁ ତାକୁ ଖୁବ୍ ଜ୍ୱର। ପୁଣି ଘରକୁ ନୂଆ ମଣିଷଟିଏ..ସାନବାବୁ ସାନମାଲିକାଣୀଙ୍କ ଦାୟିତ୍ୱ ବି ତାରି ହାତରେ ସମର୍ପି ଦେଇଛନ୍ତି। ସେ କେମିତି ଏ ଅସମୟରେ ମଠ କରିବ ଯେ? ସତରେ ଭାରି ସୁନ୍ଦର ସାନ ମାଲିକାଣୀ..ସାନବାବୁଙ୍କୁ ପୁରା ଫିଟ୍। ସତେଯେପରି ଏ ଯୋଡିଟିକୁ ଭଗବାନ୍ ସମୟଦେଇ ତିଆରିଛନ୍ତି! ଏଭଳି ଅପରୂପ ସୌନ୍ଦର୍ଯ୍ୟ ତ ଦେବତାଙ୍କୁ ବି ଭ୍ରମିତ କରିବ।

*(କ୍ରମଶଃ)*

---

*(ପୂର୍ବପ୍ରକାଶ ଉତ୍ତାରୁ)*

ଗର୍ଭ ଧାରଣ କରିବାର ଛ'ମାସ ଚାଲିଥିବା ବେଳେ ସରକାରୀ ଶିକ୍ଷା ବିଭାଗର ପ୍ରବେଶିକା ଦେଇଥିଲା ମାନସୀ। ଯାହାର ତିନି ମାସ ପରେ ମାନେ କୁନି ଜନ୍ମ ହେବାର ସପ୍ତାହକ ପରେ ସେ ସଫଳ ହୋଇ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଲା। କୁଆଁରୀ ମା' ହେବାର ଦୁଃଖ କିଛି ମାତ୍ରାରେ ଲାଘବ ହେଇଯାଇଥିଲା।

ଏଥର ମାନସୀର ବାପା ମା ତାଙ୍କ ଝିଅର ନିଷ୍ଠା ଏକାଗ୍ରତା ସହିତ କୁଆଁରୀ ମା' ହେବାର ନିଷ୍ପତ୍ତିକୁ ସମ୍ମାନ ଦେଇ ତାର ଧର୍ଯ୍ୟକୁ ସଲାମ କରିଥିଲେ। ପରିବାର ସହ ଏକୋସିଆ , ଖଡ଼ିଛୁଆଁ କରାଇଥିଲେ ମାନସିର ବାପା ସ୍ନେହରେ ନାତୁଣୀର ନାଁ ରଖିଥିଲେ କୁନି। ସେଇ କୁନି ଆଜି ଶିଶୁ ପ୍ରତିଭା ସମ୍ବର୍ଦ୍ଧନା ବାର୍ଷିକ ଉତ୍ସବର ତର୍କ ପ୍ରତିଯୋଗିତାରେ ପ୍ରଥମ ହୋଇଛି ଏବଂ କଲେକ୍ଟରଙ୍କ ଦେବ ବାବୁଙ୍କ କର କମଳରୁ ପୁରସ୍କାର ଗ୍ରହଣ କରିଛି।

ଅନ୍ୟ ମନସ୍କ ଥିବା ଦେବବାବୁଙ୍କୁ ମାନସୀ ତାଙ୍କ ପରିବାର ବିଷୟରେ ପଚାରିବୁଝିଲେ।

:'ତୁମର ମିସେସ ଆଉ ପିଲାଙ୍କୁ କାହିଁକି ଆଣିଲନି ଯେ! ଦେଖା ହେଇଥାନ୍ତା। ତୁମ ଭଳି ବଡ଼ ଲୋକଙ୍କର କଣ ଆଉ ଦେଖା ମିଳିବ ?'

: ' ମୋତେ ଆଉ ଲଜ୍ୟା ଦିଅନି। ବଡ଼ ତୁମେ.. ମୁଁ ନୁହେଁ। ତୁମ ପାଖେ ମୁଁ ବହୁତ ଛୋଟ ହେଇଯାଇଛି।' ଦେବ୍ ବାବୁ କୋହ ଭରା ସ୍ୱରରେ କହିଥିଲେ।

: 'ସେ ବଡ଼ ଛୋଟ ଛାଡ଼ ..ତୁମ ପିଲା ଆଉ ତାଙ୍କ ମା' ବିଷୟରେ କିଛି କୁହ।' ପଚାରିଲେ ମାନସୀ।

:'ପାଞ୍ଚ ବର୍ଷର ପୁଅଟିଏ..ମା ଛେଉଣ୍ଡ ପୁଅ। ଗତ ବର୍ଷ କାର ଆକ୍ସିଡେଣ୍ଟ ରେ ତା' ମାଆ ଚାଲିଗଲା ତା' ମାଆ କୁ ଝୁରି ଝୁରି ବାରମ୍ବାର ରୋଗରେ ପଡୁଛି। ତା' ପିଉସୀ ମା ତାକୁ କିଛି ମାସ ହେଲା ଦେଖୁଛି'। ଛଳ ଛଳ ଆଖିରୁ ଲୁହ ଦୁଇ ଟୋପା ଝରି ପଡିଲା ଦେବ୍ ବାବୁଙ୍କର।

# ପ୍ରେମର ପରିଧି

### ବିଜୟ କୁମାର ପଣ୍ଡା





: 'ଓଃ.. ଆଇଏମ ଭେରି ସରି।' ବସିଥିବା ଚେୟାର ରୁ ଉଠିଯାଇ ଦେବ୍ ତାଙ୍କ ହାତ ଉପରେ ହାତ ରଖି ସାନ୍ତ୍ୱନା ଦେଲେ। କିଛି ସମୟ ଗମ୍ଭୀର ପରିବେଶ ଅତିକ୍ରମ ପରେ..

: 'ମୁଁ ଜାଣେ ତୁମ ସ୍ତୀର ଜାଗା ଆଉ କେହି ନେଇ ପାରିବେନି କିନ୍ତୁ ତୁମ ପୁଅ ପାଇଁ ମା' ଟିଏ ପାଇଁ କେବେ ଚିନ୍ତା କରିନ ?' ପଚାରିଲେ ମାନସୀ।

:'ଚିନ୍ତା କରିଛି ହେଲେ ଆଜିକାଲି ସାବତ ମା'ଙ୍କ କଥା ତ ସମସ୍ତଙ୍କୁ ଜଣା ..ସେଥିପାଇଁ ସାହସ କରିନି ଏଯାଏଁ। ଦେବ ଉତ୍ତର ଦେଇଥିଲେ।

: 'ଦଶ ବର୍ଷ ତଳେ କରଥିବା ଭୁଲ ସୁଧାରିବାକୁ ମୋତେ ଆଉ ଗୋଟେ ଚାନ୍ସ ଦେବ ମାନସୀ ?'

: 'ମାନେ.. ? କିଛି ବୁଝିପାରିଲିନି..' ଦ୍ୱନ୍ଦରେ ପଡ଼ି ମାନସୀ କହିଲେ।

: 'ମାନେ ..ମୁଁ କଣ କହୁଥିଲି କି!' ଜିଭ ପାଖକୁ କଥାଟା ଆସି ଅଟକି ଗଲା ଦେବ୍ ବାବୁଙ୍କର।

ମାନସୀଙ୍କ ଆଖିରେ ଆଖି ମିଶାଇ କିଛିକ୍ଷଣ ଅନାଇରହିଲେ ଦେବ୍ ବାବୁ।

ମାନସୀ ବୁଝି ଯାଇଥିଲେ ଦେବ୍ ବାବୁ କହିବାକୁ ଚାହୁଁଥିବା କଥା।

: 'ଆଉଥରେ ମୋ ଭାଲେଣ୍ଟାଇନ ହେବ କି ?' ମାନସୀଙ୍କ ହାତ ଧରି ପ୍ରୀତି ଭରା ଅନୁରୋଧ କରିଥିଲେ ଦେବ୍ ବାବୁ।'

ଦଶବର୍ଷ ତଳର ପୁରୁଣା ସ୍ମୃତି ପୁଣି ଥରେ ତାଜା ହେଇଥିଲା ମାନସୀଙ୍କ ପାଇଁ। ତାଙ୍କର ଇପ୍ସିତ ମଣିଷକୁ ପୁଣିଥରେ ନିଜ ପାଖେ ପାଇ ମାନସୀ ହାତଛଡ଼ା କରିବାକୁ ଚାହିଁ ନଥିଲେ ମାନସୀ।

'ଭାଲେଣ୍ଟାଇନ ଡେ'ରେ ନିଜର ପୁରୁଣା ପ୍ରେମୀକୁ ଫେରି ପାଇ ଦୁଇଜଣଙ୍କ ଜୀବନରେ ପୁଣିଥରେ ଖୁସିର ଜୁଆର ଉଠିଥିଲା।

*ସମ୍ପାଦକ 'କନକପ୍ରଭା'*
*ସବଂଗ, ସିମୁଳିଆ , ବାଲେଶ୍ୱର ,*
*ଦୂରଭାଷ : ୯୭୩୯୫୯୧୮୧୬*

---

# କବିତାର କଥା

(ଭାଗ-୯୭)



### ଉମାକାନ୍ତ ରାଉତ



# ସ୍ଥାନ-କାଳ-ପାତ୍ର ହିଁ କବିତାର ମଞ୍ଜି

ପୂର୍ବରୁ କୁହାସରିଛି ଯେ ଭାବସତୀତ୍ୱ ରକ୍ଷା କରି କବିକର୍ମ କରୁଥିବା କବିସତ୍ତା ହାତଗଣତା, ଯଦିଓ ଆଜିକାଲି କବିତାର ଉଜାଣି ଯମୁନା ବେଶ୍ ପ୍ରବାହିତ। ପୁଣି ବି କୁହାସରିଛି ବିଶ୍ୱାସଜନିତ ଅନୁଭବ ଓ ଅନୁଭବଜନିତ ବିଶ୍ୱାସର କଥା।

ଉପରୋକ୍ତ କଥାକୁ ସଠିକ୍ ଭାବେ ବୁଝିବାକୁ ହେଲେ ଆମକୁ ଦେଶ, କାଳ, ପାତ୍ରକୁ ବୁଝିବାକୁ ପଡ଼ିବ। ଦେଶ କାଳ ପାତ୍ରର ସମସ୍ୟାକୁ ହୃଦୟଙ୍ଗମ କଲେ ତଦନୁଯାୟୀ ସେଥିସହ ଖାପ ଖାଉଥିବା ସମାଜ ଅଭିମୁଖୀ ଲେଖା (ଏହା ହୋଇପାରେ ଭୂମିଦୃଷ୍ଟି, ମେଦିନୀ ଦୃଷ୍ଟି ଅବା ପରିବ୍ୟାପ୍ତ ଭୂମିଦୃଷ୍ଟି, ଭୂମିରେ ପାଦ ଥାଇ ତତ୍ ସଂଲଗ୍ନ ଭୂମାଦୃଷ୍ଟି ଅବା ସେମିତି ଆଉକିଛି.......) ହିଁ ସ୍ୱତଃ ନିର୍ଗତ ହେବ। ସେଥିରେ ନିଶ୍ଚିତଭାବେ ଦେଶ-କାଳ-ପାତ୍ର ଆଧାରିତ ଅନୁଭବସୃଷ୍ଟ ଅନ୍ତର୍ଧ୍ୱନିର ଉଚ୍ଚାରଣ ରହିବ ରହିବ। ସନ୍ଦେହମୁକ୍ତଭାବେ ତାହା କାଳୋତ୍ତୀର୍ଣ୍ଣ ହେବ ହିଁ ହେବ।

ଆସନ୍ତୁ ସଂକ୍ଷେପରେ ବୁଝିବା ଦେଶ କାଳ ପାତ୍ରର ସମସ୍ୟା। ଆପଣାର ପାରିପାର୍ଶ୍ୱ, ପରିବେଶ, ଜନ୍ମଭୂମି ତଥା ନିଜର ମାଟି ହିଁ ନିଜର ଦେଶ। କାଳ କହିଲେ ଅସୀମ ସମୟ ପ୍ରବାହରୁ ଏକ କାଳଖଣ୍ଡ ଯେଉଁ ସମୟଖଣ୍ଡରେ ଆମେ ବଞ୍ଚିଛୁ, ଆତଯାତ ହେଉଛୁ। ଆମେ ଏହାକୁ ସମକାଳ ବୋଲି କହୁ। ଆଉ, ପାତ୍ର କହିଲେ ଆମେ ନିଜେ ଅର୍ଥାତ୍ ସମକାଳରେ ଥିବା ମଣିଷ। ଏସବୁକୁ ଆଧାର ନକଲେ, ସର୍ଜନାକୁ ଏଥିସହ ସଂଲଗ୍ନ ନକଲେ, ଏସବୁକୁ ପ୍ରସଙ୍ଗ ନକଲେ କବିତା ଯୁଗପୋଯୋଗୀ ହୋଇପାରେନା। ଯୁଗପୋଯୋଗୀ ନ ହେଉଥିବା କବିତା ତା'ର ସମକାଳର ବୃକ୍ଷ ଓ ଶାଖାପ୍ରଶାଖା ସହ ଯେତେବେଳେ ଦୃଢଭାବେ ଡେମ୍ଫାୟିତ ହୋଇ ରହୁନାହିଁ, ତାହା କାଳୋତ୍ତୀର୍ଣ୍ଣ ହେବ କିପରି ?

ଉଦାହରଣ ସ୍ୱରୂପ ସାରଳା ଦାସଙ୍କ ମହାଭାରତ, ଅତିବଡ଼ି ଜଗନ୍ନାଥ ଦାସଙ୍କ ଶ୍ରୀମଦ୍‌ଭାଗବତ୍, ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଏବଂ ତାଙ୍କ ସହ ଅନ୍ୟ ପଞ୍ଚ ସଖାଙ୍କର ରଚନା ଆଦିକୁ ନିଆଯାଇପାରେ। ସଂସ୍କୃତ ମହାଭାରତର ପ୍ରାୟ ୧୫୦୦ ବର୍ଷ ପରେ ସାରଳା ଦାସ ଓଡିଆ ମହାଭାରତ ଲେଖିଥିଲେ ହେଁ ସେ ଦେଶ କାଳ ପାତ୍ରର ଭୂମିକାକୁ ଖୁବ୍ ଭଲ ଭାବରେ ବୁଝିଥିଲେ ଏବଂ ନିଜର ଅଭିଜ୍ଞତା, ଜ୍ଞାନ ଓ ସର୍ଜନଶକ୍ତିକୁ ପୂର୍ବୋକ୍ତ ସଂସ୍କୃତ ମହାଭାରତର ପଚ୍ଛଭୂମିରେ ନୁହେଁ, ବରଂ ତାଙ୍କ ବେଳର ସ୍ଥାନ କାଳ ପାତ୍ରର ଆଧାରରେ ଅର୍ଥପୂର୍ଣ୍ଣ ଢଙ୍ଗରେ ଉପଯୁକ୍ତ ଭାବେ ବ୍ୟବହାର କରିଥିଲେ। ସେଥିପାଇଁ ତାହା ସମୟର ଡାକକୁ ଶୁଣୁଥିବା ଓ ଉତ୍ତର ଫେରାଉଥିବା କାଳଜୟୀ କାବ୍ୟ ଭାବେ ରହିଛି ଓ ରହିଥିବ ମଧ୍ୟ।

ସଂସ୍କୃତ ଭାଷାର ପ୍ରାବଲ୍ୟ ଯୋଗୁ ଯେତେବେଳେ ଓଡ଼ିଆ ଭାଷାର ପ୍ରବାହ ଶୁଖି ଶୁଖି ଯାଉଥିଲା, କିମ୍ବା ଏପରି କୁହାଯାଇପାରେ ଯେ ଯେତେବେଳେ ଓଡ଼ିଆ ଭାଷାକୁ ସଂସ୍କୃତ ଗ୍ରାସ କରିବାକୁ ବସିଥିଲା, ସେଇ ଘଡିସନ୍ଧି କାଳରେ ଆଦିକବି ସାରଳା ଦାସ ଆମର ମହାନ ଭାଷାକୁ ପୁନରୁଦ୍ଧାର କରିବାର ପ୍ରମୁଖ ଭୂମିକା ନିଭାଇଥିଲେ। ଆଜି ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇ ଏକ ଗୌରବମୟ ଭାଷା ଭାବେ ସର୍ବସ୍ୱୀକୃତ ହେବାର ପ୍ରଥମ ଓ ପ୍ରଧାନ ଶ୍ରେୟ ଶୁଦ୍ରମୁନୀ ସାରଳାଙ୍କର ପ୍ରାପ୍ୟ। ଯଥାର୍ଥରେ ସାରଳା ମହାଭାରତ ଉତ୍କଳୀୟ ସଂସ୍କୃତି ଓ ସଭ୍ୟତାର ଏକ ମହାନ ଜୟଗୀତିକା। ଓଡିଆ ଭାଷା,ଓଡିଆ ଜାତି, ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ସାହିତ୍ୟର ବୁନିଆଦୀ ତିଆରି କରିବାର ସର୍ବାଧିକ ଗୁରୁତ୍ୱ ବହନ କରନ୍ତି ଆମ ସାହିତ୍ୟର ଜନକ, ମାଟିର ଏଇ ମହାକବି। ଯଦି ସେ ଏଥିରେ ସାଧାରଣ କଥିତ ଭାଷାରେ ବୋଧଗମ୍ୟ ଢଙ୍ଗରେ ଓଡ଼ିଆ ଜାତିର ସଂସ୍କୃତି, ଇତିହାସ, ଭୂଗୋଳ, ସାମାଜିକ ତଥା ପାରିପାର୍ଶ୍ୱିକ ଅବସ୍ଥାର ମୌଳିକତା ଭରିନଥାନ୍ତେ, ଆଜି ଏହା ଏକ କ୍ଲାସିକ୍ ଭାବେ ପରିଗଣିତ ହୋଇ ନଥାନ୍ତା କି ପରବର୍ତ୍ତୀ କାଳ ଉପରେ ଏହାର କୌଣସି ପ୍ରଭାବ ପଡିନଥା'ନ୍ତା। ଏହା କେଉଁ କାଳରୁ ମହାସାଗରର ଅତଳ ଗର୍ଭରେ ଲୀନ ହୋଇ ସାରନ୍ତାଣି।

ଆଜିର କବିକୁ ଏକଥା ବୁଝିବାକୁ ପଡ଼ିବ। କେବଳ ସର୍ବଜନ ହିତାୟ,ସର୍ବଜନ ସୁଖାୟ ନୁହେଁ; ସର୍ବଜନ ଗ୍ରହଣୀୟ ଭାଷାରେ ବୋଧଗମ୍ୟ କବିତାର ବର୍ଣ୍ଣାଳୀ ସୃଷ୍ଟି କରିବାକୁ ପଡ଼ିବ। ଯୋଗଜନ୍ମା ସାରଳା ଏବଂ ତାଙ୍କର ଓଡ଼ିଆ ମହାଭାରତକୁ ତନ୍ନ ତନ୍ନ କରି ବୁଝି ସାଙ୍କେତିକତାର ପରିଭାଷା ଓ ଆବଶ୍ୟକୀୟ ଉପଯୁକ୍ତ ପ୍ରୟୋଗର କୌଶଳ ଜ୍ଞାନ ଆହରଣ କରିବାକୁ ପଡିବ। ଗୋଟିଏ ଧାଡ଼ିରେ କହିଲେ ଆପଣାର ମାନ (ଅହଂ, ତୁଚ୍ଛା ଯଶଲାଭର ମୋହ) ପାଇଁ ନୁହେଁ : ଦେଶ କାଳ ପାତ୍ରର ସମସ୍ୟାକୁ ଧ୍ୟାନ ଦେବାକୁ ପଡିବ। ତେବେ ଯାଇ କାଳଜୟୀ କବିତା ଗଢଣର ସମ୍ଭାବନା ସୃଷ୍ଟି ହୋଇପାରିବ। ନୋହିଲେ କବିତା ଏକ ଧୂଆଁବାଣ ଏବଂ କବିଟିଏ ବାଲ୍ମିକୀ ନହୋଇ କେବଳ କ୍ରୋଞ୍ଚ ମୈଥୁନର ଚିତ୍ରକୁ ବୋହି ବୋହି ଦେହସର୍ବସ୍ୱତାର ବାହ୍ୟ ଉତ୍ତେଜନାରେ ନିଜେ ବିଚରା ମିଥୁନମଗ୍ନ କ୍ରୋଞ୍ଚଟିଏ ସାଜିଯାଉଥିବ, ଯେଉଁଠୁ ବିରହାନ୍ତକ ଦୃଶ୍ୟର ସମ୍ବେଦନାର କଳାତ୍ମକ ପରିପ୍ରକାଶ ଓ ତତ୍ ସୃଷ୍ଟ ସାମାଜିକ ଚିତ୍ରର ପରିକଳ୍ପନା ଆଶା କରିବା ଏକ ଦିବାସ୍ୱପ୍ନ!

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

---

## ବିଶେଷ କବିତା



# ନଷ୍ଟ ନକ୍ସା

### ରକ୍ଷକ ନାୟକ



ନଇ ପାଣି ନଇକୁ ଗଲା,
ମୋ ସିଲଟ ଶୁଖିଗଲା।
କାଇଁ ନଇରେ ତ ପାଣି ନାହିଁ
ତେବେ ଗଲା କୁଆଡ଼େ?
ସମୁଦ୍ର ମନା କରୁଛି
ଆକାଶ ଆଶାରେ ରହିଛି
ନଇ ପାଣିରେ ଅବଶ୍ୟ
ସେମାନଙ୍କର ପଣ ଅଛି।
କିଏ ବଞ୍ଚିତ କରୁଛି ସେମାନଙ୍କୁ?
ସେମାନଙ୍କ ରୋଷରୁ ବର୍ତିବାକୁ
ବୋଧେ ବାଟ ନାହିଁ କିଛି।
ଯେଉଁ ଚିକ୍‌ଚିକ୍ ଦିଶୁଛି
କାଁଭାଁ, ଏଠି ସେଠି
ସେ ପାଣି ନୁହଁ ହୋ
ନଈର ଲୁହ।
ଏତେ କଥା ଘଟିଗଲା
ଆଖି ପିଛୁଳାକେ
ତା'ର ଆଖି ପିଛୁଳା ମାନେ
ଆମର ଶହେ କି ଦି'ଶ ବର୍ଷ ହେବ
କେତେ ଛୋଟ ଜୀବନ ଆମର
ସେଥିରେ ପୁଣି ଛୋଟ ଛୋଟ
ମରଣ ହଜାର।
ସେ ନାଚ ଶିଖେଇଲା
କିଏ ବାନ୍ଧିଲା ଘୁଂଗୁର ଓହ୍ଲେଇ
ପାଦରେ ବେଡ଼ି
ସେ ଗୀତ ଶିଖେଇଲା
କିଏ ଚିପି ଧରିଛି ତା' ତଣ୍ଟି
ସେ କେତେ ହାଟ ବସେଇଛି
କୂଳରେ କୂଳରେ
କିଏ ତା' ବାଟ ବନ୍ଦ କରିଛି!
ଯେତେସବୁ ଦେଖୁଛ; ଭାଷା, ଭାବ
ଅଖ ଚକ, ମୁକୁଟ, ମନ୍ଦିର, ସିଡ଼ି, ସଡ଼କ
ସବୁ ତା'ର ଖେଳ
ମୂଳକୁ ଅନେଇଲେ ଦେଖିବ
କେହି ନଥିଲେ; ଯାତ୍ରାର ପ୍ରଥମ ପାଦରୁ
ସେ ହିଁ ବାଟ କଢ଼େଇଛି
ଠିକଣା ଆଙ୍କିଛି କପାଳରେ
ସେ ହିଁ ପାଶେ ପାଶେ ଅଛି
ଶିରା ପ୍ରଶିରାରେ।
ଛାଡ଼ିଦିଅ ତାକୁ, ଖୋଲଦିଅ ଫାଶ
ଭାଙ୍ଗିଦିଅ ଯେତେସବୁ ବନ୍ଧବାଡ଼
ଡ୍ୟାମ୍ ବ୍ୟାରେଜ୍ କେନାଲ ରିଜରଭୟର
ହାତ ଲଗାଅନା ତା' ଦେହରେ
ତା'କୁ ବହିବାକୁ ଦିଅ, ତା' ଛନ୍ଦରେ
ହାତ ଯୋଡ଼ି ବସିଯାଅ
ପ୍ରାର୍ଥନା ମୁଦ୍ରାରେ ତା' କୂଳରେ।
ଇଚ୍ଛା ପୂରଣ ପାଇଁ ତା'ର ଗତି
ତା'ର ଗତି ବିନା ଆମର
କିଛି ନାହିଁ ହିଁ ସଂପତ୍ତି।
ଅସନା ଅକ୍ଷର ଲିଭେଇବାକୁ
ମାଗିକରି ଆଣିଥିଲି ଟିକେ ପାଣି
ତାକୁ ତ ଫେରାଇ ଦେଇଛି।
ଏବେ ଅସନା ଅକ୍ଷରରେ
ଭରିଗଲାଣି ସିଲଟ
କେମିତି ପୋଛିବି?
ନଈରେ ତ ପାଣି ନାହିଁ
ଆଖିରୁ ବି ଲୁହ ଶୁଖି ଆସିଲାଣି
ଅବାଟକୁ ନେଇଥିବା,
ବାଟ ରୋକିଥିବା ନଈକୁ
ବାଟକୁ ଫେରାଇ ଆଣ
ମୁଁ ନେହୁରା ହେଉଛି।

ଦୂରଭାଷ : ୯୪୩୭୧୭୧୪୪୦

# ଶୀତର ଶୀତଳ ଛୁଆଁ



### ସ୍ନେହଲତା ନାୟକ

ଶୀତ ଦରହାସୀ ଦୂବଘାସ କେରିକେରି
ପାତାଳ କୁହୁଡ଼ି ପାଚିଲା ଧାନ କିଆରୀ।

ଶୀତ ଅତୀତର ଅପାଶୋରା ସ୍ମୃତି କଡ଼ି
ଶୀତ ମେହେନ୍ଦି ରେ ରଙ୍ଗାହାତ ନାଲି ଚୁଡ଼ି।

ଶୀତ ତ ମୋପାଇଁ ବୁଢ଼ୀ ଅସୁରୁଣୀ ଗପ
ଶୀତ ତ ମୋପାଇଁ ଅନୁଭୂତି ଗଢା ସ୍ତୁପ।

ମହଣ ମହଣ ରୁପାର କୁହୁଡି ମାଖି
ଶୀତ ଫେରିଅଛି ଶୀତଳ ଚାଦର ଢାଙ୍କି।

ନାନାଜାତି ଫୁଲ ରଙ୍ଗ ତା' ର ଭଳି ଭଳି
ଶୀତର ହାଟରେ ଲାଗିଛି ଭଅଁର ମେଳି।

ଶୀତ ଅନୁଭୂତି ଅନୁଭବ ଭରା ପ୍ରାନ୍ତ
ମନ ଉପବନେ ଭାବନାର ଘେରା କାନ୍ଥ।

ଶୀତ ସାଧବାଣୀ ବୋଇତ ବନ୍ଦାଣ ଥାଳି
କଦଳୀ ପଟୁଆ ଧୂପଦୀପ ହୁଳହୁଳି।

ଶୀତ ଚଉଁରା ରେ ମୁରୁଜର ସାତ କୋଠୀ
ଶୀତ ମଗୁଶୁର ବୋଉ ହାତଅଙ୍କା ଝୋଟି।

ଶୀତ କାହାପାଇଁ କୁହୁକ ନଈର ଧାର
ଚାନ୍ଦିନୀ ରାତିରେ ପ୍ରଣୟ ଶୋଳ ଶୃଙ୍ଗାର।

ଶୀତ କାହାପାଇଁ ଗୋପନ ପ୍ରେମର ଗୀତ
ସଞ୍ଜ ଅଭିସାର ମିଳନ ର ମଗ୍ନ ତୁଠ।

ସପନ ମେଖଳା ପିରତୀ ପଖଳା ଦେହ
ଫର୍ଦେ ହସ୍ତାକ୍ଷର ଛାତିରେ ଜମାଟ କୋହ

କିମିଆଁ କରିଛି ଶୀତର ଶୀତଳ ଛୁଆଁ
ସ୍ମୃତି ପଥରରେ ଲେଖାଥିବା କା'ର ନାଆଁ।

ବାରିପଦା

## ପିଲାଙ୍କ ଦୁନିଆ








### ପରୀ ସିଂହ

ଷ୍ଟାଣ୍ଡାର୍ଡ - ୨
ତପୋବନ ଏକାଡେମୀ
ସିରୋଲ, ଟିଟିଲାଗଡ, ବଲାଙ୍ଗିର

# ଦଶମାଇଲ ଛକରେ ସ୍ଥାପନା ହେବ ଗୁରୁ ଭଗବାନ ସାହୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି



**ବରଗଡ଼ :** ନାଟ୍ୟମହର୍ଷି ଗୁରୁ ଭଗବାନ ସାହୁଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ବରଗଡ ଜିଲ୍ଲା ଗୁରୁ ଭଗବାନ ସାହୁ ସ୍ମୃତି କମିଟି ତରଫରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘଠାରେ ପାଳିତ ହୋଇଯାଇଛି। ପ୍ରଥମେ ଗୁରୁ ଭଗବାନ ସାହୁଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଗଲା ପରେ ଅଶୋକ ପଶାୟତ ଗୁରୁବନ୍ଦନା ଗାନ କରିଥିଲେ। ତା'ପରେ ସଭାପତି ଡ. ତପସ୍ୱିନୀ ଗୁରୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଶେଷାନ ବିଶି ସଂଯୋଜନା କରିଥିବା ବେଳେ ସମ୍ପାଦକ ମଳୟ ମହାନ୍ତି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ଅବସରରେ କହିଥିଲେ ଯେ, ଗୁରୁ ଭଗବାନ ସାହୁଙ୍କ ଅବଦାନକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରିବାକୁ ହେଲେ ଯେଉଁ ଯେଉଁ ସ୍ଥାନରେ ସ୍ମରଣିକା ପ୍ରକାଶ ପାଉଛି, ସେଥିରେ ତାଙ୍କ ଉପରେ ଲେଖା ପ୍ରକାଶ କରିବାକୁ ହେବ। ସମ୍ପ୍ରତି ସ୍ମୃତି କମିଟି ଏହାକୁ ଏବେ ଆନ୍ଦୋଳନର ରୂପ ଦେଇଛି। ସମ୍ମାନିତ ଅତିଥି ସାହିତ୍ୟିକ ନାରାୟଣ ସାହୁ ଗୁରୁ ଭଗବାନ ସାହୁଙ୍କ ବିଭିନ୍ନ ବିଷୟକୁ ଅବତାରଣା କରିବା ସହ ତା'ଙ୍କ ପରି ଜଣେ ଅନନ୍ୟ କଳାକାର ଅବହେଳିତ ହୋଇ ରହିବା ଦୁର୍ଭାଗ୍ୟର ବିଷୟ ବୋଲି ମତ ଦେଇଥିଲେ। ସମ୍ମାନିତ ବକ୍ତା ବିଶିଷ୍ଟ ସମାଲୋଚକ ରଞ୍ଜନ କୁମାର ପଣ୍ଡା ପ୍ରକାଶ କରିଥିଲେ ଯେ ବିଶିଷ୍ଟ ସଙ୍ଗଠକ ରବିଶଙ୍କର ପ୍ରଧାନଙ୍କ ଉଦ୍ୟମରେ ଦଶମାଇଲ ଛକଠାରେ ଗୁରୁ ଭଗବାନ ସାହୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ତଥା ତା'ଙ୍କ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହେବ। ମୁଖ୍ୟବକ୍ତା ସାହିତ୍ୟିକ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ଗୁରୁ ଭଗବାନ ସାହୁ ସମସ୍ତ ପିଢୀ ପାଇଁ ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ବିପ୍ଳବୀକବି ନୀତିଶ ଆଚାର୍ଯ୍ୟ ଗୁରୁ ଭଗବାନ ସାହୁଙ୍କୁ ଭାଷା ଆନ୍ଦୋଳନର ଅଗ୍ରପୁରୋଧା, ସାରଥୀ ବୋଲି ଅଭିହିତ କରିଥିଲେ। ତା'ଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଆଗକୁ ନେବାକୁ ହେଲେ ଆମକୁ ବହୁତ କଛି କରିବାକୁ ହେବ ବୋଲି କହିଥିଲେ। ବରଗଡ ସହରରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପିତ କରାଯିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ସଭାପତି ଡ. ତପସ୍ୱିନୀ ଗୁରୁ ଶବ୍ଦନୃତ୍ୟର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହାକୁ ସ୍ଥାନିତ କରାଯିବାକୁ ଉଦ୍ୟମ କରିବାକୁ ହେବ ବୋଲି ମତ ପ୍ରକାଶ କରିଥିଲେ। ପରିଶେଷରେ ବରିଷ୍ଠ ସଦସ୍ୟ ପଞ୍ଚାନନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଧିବାବନ ଶତପଥୀ, ଗବେଷକ ମୋହନ ସାହୁ, ଅଶୋକ କୁମାର ସାହୁ, ରବିଶଙ୍କର ପ୍ରଧାନ, ରକ୍ଷାକାରୀ ବିଶି, କୃଷ୍ଣ ଚନ୍ଦ୍ର ପଣ୍ଡା, ଅକ୍ଷୟ କୁମାର ଭୋଇ, ତୁଳସୀ ଚରଣ ଦାଶ, ଉଦ୍ଧବ ବେହେରା, ମାମରାଜ ସ୍ୱାଇଁ, ଶିବାନନ୍ଦ ମଟାରୀ, ନୂରାବତୀ ସାହୁ, ଡ. ରବିନାରାୟଣ ସାହୁ, ତେଜରୁ ବାରିକ, ଲାଲବିହାରୀ ମିଶ୍ର, ଶଙ୍କର ପଟ୍ଟନାୟକ, ଜୟନ୍ତ ମହାରଣା, ଭବାନୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେଉଁ ଆଧାରରେ ...

ମିଶାଇ ୮୪ ଜଣ ସାମ୍ବାଦିକଙ୍କୁ ପାସ୍ ଦିଆଯାଇଛି। ୧୨୨ ଜଣ ସାମ୍ବାଦିକଙ୍କୁ ବାର୍ଷିକ ପାସ୍ ଦିଆଯାଇଛି। ଆବେଦନକାରୀଙ୍କ ସଂଖ୍ୟା ଅନୁସାରେ ପ୍ରେସ୍ ଗ୍ୟାଲେରୀରେ ସାମ୍ବାଦିକଙ୍କ ପାଇଁ ବସିବା କମ୍ ଥିବା କାରଣରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଏଭଳି କି ବିଧାନସଭା ସଚିବ ମଧ୍ୟ ସମାନ କାରଣ ଦର୍ଶାଇଥିଲେ। ଯାହାଫଳରେ ସାମ୍ବାଦିକଙ୍କୁ ନିରାଶ ହେବାକୁ ପଡିଥିଲା। ତେବେ କେଉଁ ସାମ୍ବାଦିକ ବିଧାନସଭା ପ୍ରବେଶ ପାସ୍ ପାଇପାରିବେ ତାହା କିଭଳି ଓ କେଉଁ ଆଧାରରେ ନିଷ୍ପତ୍ତି ନିଆଯାଉଛି ତାକୁ ନେଇ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି। କାରଣ ପୂର୍ବରୁ ବିଧାନସଭା ପ୍ରେସ ପରାମର୍ଶଦାତା କମିଟି ଏହି ନିଷ୍ପତ୍ତି ନେଉଥିଲା ଯାହା ଦୀର୍ଘ ବର୍ଷ ହେବ କାର୍ଯ୍ୟ କରୁ ନାହିଁ। ପୂର୍ବରୁ ଏହି କମିଟିରେ ଥିବା ବରିଷ୍ଠ ସାମ୍ବାଦିକ ରବି ଦାସ କହିଛନ୍ତି, ବିଧାନସଭା ଅଧିବେଶନ ପାଇଁ ପ୍ରବେଶ ପାସ୍ ପ୍ରଦାନ କରିବା ଦାୟିତ୍ୱ ଏହି କମିଟି ହାତରେ ଥିଲା। ସାମ୍ବାଦିକଙ୍କୁ ପାସ୍ ଦବା ନିଷ୍ପତ୍ତି କମିଟି ନିର୍ଦ୍ଧାରଣ କରୁଥିଲା। ସେତେବେଳେ ପ୍ରତ୍ୟେକ ଦୈନିକ ଖବରକାଗଜକୁ ଦୁଇଟି ଲେଖାଏଁ ପାସ୍ ଦିଆଯାଉଥିଲା। ପ୍ରେସ୍ କ୍ୟାଲେରୀ ପାଇଁ ଅଧିକ ଏବଂ ଖୁବ୍ କମ୍ ସାମ୍ବାଦିକଙ୍କୁ ଲବିରେ ପାସ୍ ଦିଆଯାଉଥିଲା। ବିଧାନସଭା ବାଚସ୍ପତିଙ୍କ ଅଧକ୍ଷତାରେ କିଛି ବରିଷ୍ଠ ସାମ୍ବାଦିକଙ୍କୁ ନେଇ ଏହି କମିଟି ଗଠନ କରାଯାଇଥିଲା। ଅଦ୍ୟାବଧି ମହେଶ୍ୱର ମହାନ୍ତି ବାଚସ୍ପତି ଥିବା ପର୍ଯ୍ୟନ୍ତ କମିଟି ସକ୍ରିୟ ଥିଲା। ଶ୍ରୀ ଦାସ କହିଛନ୍ତି, ସାମ୍ବାଦିକମାନଙ୍କୁ ବିଧାନସଭା ପାସ୍ ପ୍ରଦାନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରେସ୍ ପରାମର୍ଶଦାତା କମିଟିର ସକ୍ରିୟତା ନିହାତି ଆବଶ୍ୟକ; ଏହା କାର୍ଯ୍ୟକାରୀ ହେବା ଉଚିତ୍। ସେହିଭଳି ଲୋକସଭାରେ ସାମ୍ବାଦିକଙ୍କୁ ପାସ୍ ପ୍ରଦାନ ପାଇଁ ମଧ୍ୟ ଏକ ପ୍ରେସ ଉପଦେଷ୍ଟା କମିଟି ଗଠନ ହୋଇଛି। ବରିଷ୍ଠ ସାମ୍ବାଦିକଙ୍କୁ ନେଇ ଏକ ୨୭ ଜଣିଆ କମିଟି କରାଯାଇଛି। ଲୋକସଭାର ବାଚସ୍ପତିଙ୍କ ସମେତ ଉପାଧ୍ୟକ୍ଷ, ସଚିବ ଏବଂ ଯୁଗ୍ମ ସଚିବ କମିଟି ସଦସ୍ୟ ଚୟନ କରନ୍ତି। ଏହି କମିଟି ସାମ୍ବାଦିକଙ୍କୁ ପ୍ରେସ୍ ଗ୍ୟାଲେରୀରେ ପ୍ରବେଶ ପାଇଁ ସ୍ୱୀକୃତି ପ୍ରଦାନ କରିଥାଏ।

### ଶ୍ରୀମନ୍ଦିର ପୋଲିସଙ୍କୁ ...

ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ମଧ୍ୟ କରାଯାଇଛି। ହେଲେ ଏହାକୁ ଶ୍ରୀମନ୍ଦିର ପ୍ରଶାସନ ହେଉ କିମ୍ବା ପୋଲିସ ପ୍ରଶାସନ ଲାଗୁ କରିବାରେ ଫେଲ ମାରିଛି। ସେପଟେ ଶ୍ରୀମନ୍ଦିର ପ୍ରଶାସନର ଏକ ଆରଟିଆଇ ତଥ୍ୟ ଅନୁସାରେ ଶ୍ରୀମନ୍ଦିରରେ କେବଳ ଜିଲ୍ଲାପାଳ, ଏସ୍‌ପି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ସୂଚନା ଅଧିକାରୀ, ଶ୍ରୀମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ ମୋବାଇଲ ବ୍ୟବହାର କରିପାରିବେ। ଅନ୍ୟମାନେ ମୋବାଇଲ ବ୍ୟବହାର କଲେ ଆଇନ ଅନୁଯାୟୀ ବେଆଇନ ବୋଲି ଧରାଯିବ। ହେଲେ ବାଡ଼ ଫସଲ ଖାଇବା ଭଳି ଶ୍ରୀମନ୍ଦିରରେ ଅନେକ ପୋଲିସ କର୍ମଚାରୀ, ଜେଟିପି, ସେବାୟତ, ସେବାୟତ ସହାୟକମାନେ ଖୁଲମଖୁଲ ମୋବାଇଲ ବ୍ୟବହାର କରୁଛନ୍ତି। କଟକଣାକୁ ମାନି କେତେକ ଭକ୍ତ ମୋବାଇଲ ଷ୍ଟାଣ୍ଡରେ ମୋବାଇଲ ରଖି ଯାଉଥିବା ବେଳେ କିଛି ଜଣାତ କିମ୍ବା ଅଜାଣତରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେଇ ଯାଉଛନ୍ତି। ସେଠାରେ ଠାକୁରଙ୍କର କିମ୍ବା ଠାକୁର ଦର୍ଶନ ଓ ପରିଦର୍ଶନ ସମୟର ଫଟୋ ନେଇ ପରବର୍ତ୍ତି ସମୟରେ ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଛନ୍ତି। ଅତିତରେ ଅନେକ ପୋଲିସ କର୍ମଚାରୀ ଓ ଅଧିକାରୀମାନେ ଏଭଳି ଘଟଣାରେ ଅଲୋଚନାକୁ ଆସିଛନ୍ତି। ଯାହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନିକ ବ୍ୟବସ୍ଥା ସମାଲୋଚନାକୁ ଆସୁଛି। ଶ୍ରୀମନ୍ଦିର କର୍ମଚାରୀ ଓ ପୋଲିସ କର୍ମଚାରୀମାନେ ମୋବାଇଲ ବ୍ୟବହାର କରୁଥିଲେ ହେଁ ସେମାନଙ୍କ ଗୁଣ୍ଡାମୀ କରିବା ଭୟରେ ସାଧାରଣ ଭକ୍ତ ମୁହଁ ଖୋଲନ୍ତିନି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କୁ ବିନା କ୍ୟାମେରା ଫୋନ୍ ଯୋଗାଇ ଦେବାକୁ ପଦକ୍ଷେପ ନେଇଥିଲେ ହେଁ, ଏହା ବି ଫେଲ ମାରିଛି। ଫଳତଃ ଅନେକ ସେବାୟତ ଶ୍ରୀମନ୍ଦିରରେ ଖୁଲମ ଖୁଲା ସ୍ମାର୍ଟ ମୋବାଇଲ ବ୍ୟବହାର କରୁଛନ୍ତି। ତେଣୁ ଶ୍ରୀମନ୍ଦିର ଫଟୋ କିମ୍ବା ଭିଡ଼ିଓ ଭାଇରାଲ ନେଇ ଗଣମାଧ୍ୟମରେ ଅଲୋଚନା ହେଲେ ଶ୍ରୀମନ୍ଦିର ପ୍ରଶାସନ କେବଳ ଏତଲା କରି ବସି ଯାଉଛି।

### ସର୍ବଦଳୀୟ ...

ହେବା ନିମନ୍ତେ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ବିଜେପି ସଦସ୍ୟମାନେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ବିରୁଦ୍ଧରେ ଫେରାଦ ହୋଇଛନ୍ତି। ସେହିପରି କଂଗ୍ରେସ ସଦସ୍ୟମାନେ ଇନପୁଟ ସବସିଡିରେ ବିଳମ୍ବ ଓ ମଣ୍ଡି ଅବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବାବେଳେ ଫସଲବୀମା ମିଳିବାରେ ବିଳମ୍ବ ପାଇଁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଅର୍ଚ୍ଚନା ନାଗ ପେଡ଼ି ଖୋଲିଯିବା ଭୟରେ ଶାସକ ବିଜେଡି ସଦସ୍ୟମାନେ ଗୃହରେ ଏଭଳି ହଟ୍ଟଗୋଳ କରୁଛନ୍ତି ବୋଲି କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ବିଧାନସଭାରେ ୪ଟି ଦଳ କଂଗ୍ରେସ, ବିଜେଡି, ବିଜେପି ଓ ସିପିଆଇର ପ୍ରତିନିଧିମାନେ ଚାଷୀଙ୍କ ସମସ୍ୟା ପାଇଁ ଏକଜୁଟ ହୋଇଥିଲେ। ଯାହାକି ବିଧାନସଭାରେ ଇତିହାସ ସୃଷ୍ଟି କରିଛି। ସମସ୍ତଙ୍କର ହୃଦୟ ଚାଷୀଙ୍କ ସମସ୍ୟାକୁ ନେଇ କାନ୍ଦୁଛି। ସମସ୍ତେ ଚାଷୀଙ୍କ ସପକ୍ଷରେ ଅଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ସବୁ ଦଳର ନେତାଙ୍କୁ ଡାକି ଚାଷୀ ସମସ୍ୟାର ସମାଧାନ ପାଇଁ ଆଲୋଚନା କରନ୍ତୁ, ଚାଷୀଙ୍କ ଦାବିକୁ ଗ୍ରହଣ କରି ବିଧିବଦ୍ଧ ଭାବେ ଦିନେ ଦୁଇଦିନ ମଧ୍ୟରେ ଆଇନ ତିଆରି କରାଯାଉ ବୋଲି ସେ କହିଛନ୍ତି। ଏପରିକି କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ। ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ସର୍ବଦଳୀୟ ବୈଠକରେ ସବୁ ଆଲୋଚନା ହୋଇପାରିବ। ସମସ୍ତେ ଏକାଠି ବସି ଆଲୋଚନା କରିବା, ଚାଷୀ ଆଉ କାନ୍ଦିବ ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

### ତାଲିକାରେ ...

ମୁଖ୍ୟ ସୂତ୍ରଧର କୁହାଯାଉଥିବା ଶ୍ରଦ୍ଧାଞ୍ଜଳି ବେହେରା। ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଅଭିଯୋଗ ଆଧାରରେ ଇଡ଼ି ଶ୍ରଦ୍ଧାଞ୍ଜଳିକୁ ଦ୍ୱିତୀୟ ଥର ଜେରା କରିଛି। କେମିତି ହେଉଥିଲା ବ୍ଲାକମେଲ୍ ଓ ଆର୍ଥିକ କାରବାର? କାହା ମାଧ୍ୟମରେ ଟଙ୍କା ଆସୁଥିଲା ଅର୍ଚ୍ଚନାଙ୍କ ପାଖକୁ? ଆଦାୟ ଅର୍ଥରୁ ଶ୍ରଦ୍ଧାଞ୍ଜଳିଙ୍କ ଭାଗ କେତେ ରହୁଥିଲା? ଯଦି ସେ ଅର୍ଚ୍ଚନା, ଜଗବନ୍ଧୁ ଆଉ ଖଗେଶ୍ୱର୍ ଦ୍ୱାରା ବ୍ଲାକମେଲ୍ର ଶିକାର ହୋଇ ମୋହରା ସାଜୁଥିଲେ, ତେବେ ଏତେଦିନ ପରେ ବିଳମ୍ବରେ ଏତଲା ଦେବା ପଛର ରହସ୍ୟ କଣ? ଏମିତି କିଛି ସମ୍ଭାବ୍ୟ ପ୍ରଶ୍ନ ପଚାରି ଇଡ଼ି ତଥ୍ୟ ହାତେଇଥିବା ସୂଚନା ମିଳିଛି। ସେହିପରି ଅର୍ଚ୍ଚନାଙ୍କ ଗସ୍ତ ବିବରଣୀ ହାସଲ କରିବାକୁ ଡ୍ରାଇଭର ଚନ୍ଦନଙ୍କୁ ଇଡ଼ି ପଚରାଉଚରା କରିଛି। ଅର୍ଚ୍ଚନା କୁଆଡ଼େ ଯାଉଥିଲେ? କାହା ସହ ମିଶୁଥିଲେ? କିଏ କିଏ ତାଙ୍କୁ ସତ୍ୟ ବିହାର ସ୍ଥିତ ବିଳାସମୟ କୋଠାକୁ ଭେଟିବାକୁ ଆସୁଥିଲେ? ସେନେଇ ଜାଣିବାକୁ ଇଡି ପ୍ରଶ୍ନ କରିଥିବା ସୂଚନା ମିଳିଛି। ନାଗ-ଚାନ୍ଦଙ୍କ ଅନୁଗତ ଓ ଘନିଷ୍ଠ କୁହାଯାଉଥିବା ଶ୍ରଦ୍ଧାଞ୍ଜଳି, ଖଗେଶ୍ୱର ଓ ଚନ୍ଦନକୁ ଧରି ନାଗ ସାମ୍ରାଜ୍ୟର ତଥ୍ୟ ରେକର୍ଡ କରିଛି ଇଡ଼ି। ସେହିପରି ସିନେ ପ୍ରଯୋଜକ, ବ୍ୟବସାୟୀ ଓ ୩ ଅନୁଗତଙ୍କୁ ଏବେ ଜେରା କରି ଆଉ କିଛି ପ୍ରଭାବଶାଳୀଙ୍କ ନାଁ ପାଇଛି ଇଡ଼ି। ଯେଉଁଥିରେ ରହିଛନ୍ତି ସୁନା ବ୍ୟବସାୟୀ, ଖଣି ବ୍ୟବସାୟୀ ଏବଂ ହୋଟେଲ୍ ବ୍ୟବସାୟୀ। ଏପରିକି ନେତା, ସରକାରୀ ବାବୁଙ୍କ ନୂଆ ନାଁ ବି ଚର୍ଚ୍ଚା ହେଉଛି। କାରଣ ସତ୍ୟବିହାରରେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର କିଣିଥିବା ଜମିକୁ ନେଇ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି ଇଡି। ଯେଉଁ ବ୍ୟକ୍ତିଙ୍କଠୁ ଜମି କିଣିଥିଲେ, ସେହି ବ୍ୟକ୍ତିଙ୍କୁ ବି ଇଡି ନୋଟିସ୍ କରିଛି। ତେଣୁ ଆଗକୁ ଏଭଳି ଅନେକ ବ୍ୟକ୍ତିଙ୍କ ଇଡ଼ି ଅଫିସରେ ଧାଡ଼ି ଲାଗିପାରେ ବୋଲି ଚର୍ଚ୍ଚା ହେଉଛି।

### ଗୋଟିଏ ଛାତ ...

କରୁଛୁ ଯେ, କୋର୍ଟ ପରିସର ନିକଟରେ ସମସ୍ତ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲାଯାଉ। ଏହି ପ୍ରସଙ୍ଗକୁ ନେଇ ବରିଷ୍ଠ ଆଇନଜୀବୀ ଆତ୍ମପ୍ରକାଶ ମହାନ୍ତି କହିଛନ୍ତି ଯେ, ସବ୍‌ରେଜିଷ୍ଟ୍ରାର ଅଫିସ ବିଭାଜନ ହେଉ, କିନ୍ତୁ ଏହା ଗୋଟିଏ ଛାତ ତଳେ ରହୁ। ନିକଟରେ ଜୁଡିସିଆଲ ସିଷ୍ଟମରେ ପରିବର୍ତ୍ତନ ଅଣାଯାଇ ତିନୋଟି ଥାନାକୁ ନେଇ ଗୋଟିଏ ଏସ୍‌ଡିଜେଏମ୍ କୋର୍ଟ ଗୋଟିଏ ଛାତ ତଳେ ହୋଇପାରୁଥିଲା ବେଳେ ସରକାର ନୂଆ, ପୁରୁଣା ସବ୍‌ରେଜିଷ୍ଟ୍ରାର ଅଫିସକୁ ଗୋଟିଏ ସ୍ଥାନରେ ରଖନ୍ତୁ। ସେହିପରି ଆଇନଜୀବୀ ପ୍ରଦୀପ କୁମାର ସାହୁ କହିଛନ୍ତି, ବର୍ତ୍ତମାନ ଭୁବନେଶ୍ୱରରେ ଦୁଇଟି ସବ୍‌ରେଜିଷ୍ଟ୍ରାର ଅଫିସ ଥିଲା ବେଳେ ସରକାର ଆଉ ତିନୋଟି ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ ହୋଇଥିଲେ ବି ସମସ୍ତ ସବ୍‌ରେଜିଷ୍ଟ୍ରାର ଅଫିସ କୋର୍ଟ ନିକଟରେ ରହିଲେ ଏଥିରେ ଜନସାଧାରଣ ଓ ସରକାର ଉପକୃତ ହେବେ। କାରଣ ଜାଗାବାଡି ପଞ୍ଜୀକରଣ ପୂର୍ବରୁ ଜଣେ ବ୍ୟକ୍ତି ପ୍ରଥମେ ଟାଇଟଲ ଠିକ୍ କି ଭୁଲ ଏବଂ ଅନ୍ୟାନ୍ୟ ରେକର୍ଡ ଯାଞ୍ଚ କରେ, ଯାହାକି ଜଣେ ଓକିଲ ଦ୍ୱାରା ହିଁ ସମ୍ଭବ। କାରଣ ସେ ହିଁ ଆଇନଗତ ଦୃଷ୍ଟିରୁ କାଗଜପତ୍ରର ଭୁଲ ତ୍ରୁଟି ବାଛିବା ସହିତ କ୍ରେତାଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହିତ ଏଥିରେ ସହଯୋଗ କରିଥାନ୍ତି। ଦ୍ୱିତୀୟରେ ଜମି ପଞ୍ଜୀକରଣ ପାଇଁ ଡିଡ୍ ରାଇଟର, ଷ୍ଟାମ୍ପ ଭେଣ୍ଡର ଓ ମୋହରୀର ମାନଙ୍କର ଆବଶ୍ୟକତା ରହିଛି। ଯାହାକି କୋର୍ଟ ପରିସରରେ ସହଜରେ ହୋଇପାରିବ। ପାଞ୍ଚଟି ସ୍ଥାନରେ ସବ୍‌ରେଜିଷ୍ଟ୍ରାର ଅଫିସ ରହିଲେ ଓକିଲ, ଡିଡ୍ ରାଇଟର, ଷ୍ଟାମ୍ପ ଭେଣ୍ଡର ଓ ମୋହରୀର କିଭଳି ଏହି କାର୍ଯ୍ୟକୁ ସହଜରେ କରିବେ? ଏପଟୁ ସେପଟ ଧାଇଁ ଧାଇଁ ସମୟ ଚାଲିଯିବ। ସାଧାରଣ ଲୋକଟିଏ ମଧ୍ୟ କୌଣସି ନଥି ଯାଞ୍ଚ କରିବା ପାଇଁ ପ୍ରଥମେ କୋର୍ଟକୁ ଆସି ପୁଣି କୋର୍ଟ ଠାରୁ ଦୂରରେ ଥିବା ସବ୍‌ରେଜିଷ୍ଟ୍ରାର ଅଫିସକୁ ଯାଇ କାମ କରିବା ଆଦୌ ସମ୍ଭବପର ନୁହେଁ। ଏହାଦ୍ୱାରା ଅର୍ଥହାନୀ ଓ ପ୍ରାଣପୀଡା ବଢ଼ିଯିବ। ତେଣୁ ସରକାର ଯେତେଇଚ୍ଛା ସେତେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲନ୍ତୁ ଓକିଲ ମାନଙ୍କର ଆପତ୍ତି ନାହିଁ। କିନ୍ତୁ ଜନସାଧାରଣଙ୍କ ସ୍ୱାର୍ଥ ଓ ସୁରକ୍ଷା ପ୍ରସଙ୍ଗକୁ ଏଡାଇ ଯାଇ କିଛି ନିଷ୍ପତ୍ତି ନେବା ଆଦୌ ଯଥାର୍ଥ ନୁହଁ। ସେହିପରି ଅଲ ଓଡ଼ିଶା ଡିଡ୍ ରାଇଟର ସଂଘର ସଭାପତି ବଂଶୀଧର ବେହେରା କହିଛନ୍ତି, ସରକାର ସବ୍‌ରେଜିଷ୍ଟ୍ରାର ଅଫିସ ବିଭାଜନ କରନ୍ତୁ ହେଲେ ଏହାକୁ ଗୋଟିଏ ଛାତ ତଳେ ରଖନ୍ତୁ। ଯାହାଫଳରେ ଏହି ବୃତ୍ତିରେ ଥିବା ବ୍ୟକ୍ତି ଏବଂ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେନାହିଁ। ଏହା କୋର୍ଟ ନିକଟ ବ୍ଲକ ଅଫିସରେ କରାଗଲେ ସମସ୍ତଙ୍କ ପାଇଁ ସୁବିଧାଜନକ ହୋଇପାରନ୍ତା।

### ରାଜ୍ୟର ଋଣ ...

ବ୍ୟୟବରାଦ କରାଯାଇଛି। ଏହି ଅତିରିକ୍ତ ବଜେଟ ସହ ରାଜ୍ୟରେ ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ରାଜ୍ୟ ଘରୋଇ ଉତ୍ପାଦର ୩ ପ୍ରତିଶତ ମଧ୍ୟରେ ଓ ରାଜ୍ୟର ଋଣ ବୋଝ ମଧ୍ୟ ସର୍ବାଧିକ ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ବଜେଟରେ ଆକଳନ କରାଯାଇଛି। ବିଧାନସଭାରେ ଆଗତ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଅନୁସାରେ ପ୍ରଶାସନିକ ବ୍ୟୟ ବାବଦରେ ୪୯୩୪ କୋଟି, କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୯୨୦୦କୋଟି ଟଙ୍କା, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବାବଦରେ ୨୬୧୦.୪୬ କୋଟି ଟଙ୍କା ଓ ରାଜ୍ୟ ବଜେଟରୁ ସ୍ଥାନାନ୍ତର ବାବଦରେ ୫୫.୫୪କୋଟି ଟଙ୍କାର ଏଭଳି ମୋଟ ୧୬୮୦୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ଜନସାଧାରଣଙ୍କ ଆଶା-ଆକାଂକ୍ଷାକୁ ଦୃଷ୍ଟିରେ ରଖି ଉପଲବ୍ଧ ସମ୍ବଳର ପୁନଃବିନିଯୋଗ ତଥା ବିଭିନ୍ନ ସୂତ୍ରରୁ ମିଳିବାକୁ ଥିବା ସମ୍ବଳ ମାଧ୍ୟମରେ ଏହି ଅତିରିକ୍ତ ବଜେଟ ପାଇଁ ବ୍ୟୟବରାଦ ହୋଇଛି। ୨୦୨୧ ଖରିଫ ଫସଲ କ୍ଷୟକ୍ଷତିରେ ପ୍ରଭାବିତ ଚାଷୀଙ୍କୁ ସହାୟତା ଦେବା ନିମନ୍ତେ ୨୦୦କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେହିପରି ପ୍ରଶାସନିକ ବ୍ୟୟ ବାବଦରେ ମୋଟ ୪୯୩୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥିରୁ ବଜେଟ୍ ସ୍ଥିରୀକରଣ ପାଣ୍ଠି ପାଇଁ ୩୭୦୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ସେହିପରି କାର୍ଯ୍ୟକ୍ରମ ବ୍ୟୟ ବରାଦରେ ମୋଟ ୯୨୦୦କୋଟି ଟଙ୍କା ମଧ୍ୟରୁ ୭୧୩୪ କୋଟି ଟଙ୍କାକୁ ଅତିରିକ୍ତ ରାଜସ୍ୱ ତଥା ବିଭିନ୍ନ ବିଭାଗର ଅର୍ଥ ସର୍ମପଣରୁ ଭରଣା କରାଯିବ ଏବଂ ବାକି ୨୦୬୬କୋଟି ଟଙ୍କା ସହବନ୍ଧିତ ସମ୍ବଳ ସୂତ୍ରରୁ ମିଳିବ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଖରିଫ-୨୦୨୧ କ୍ଷତିପୂରଣ ପାଇଁ ୨୦୦କୋଟି ଟଙ୍କାର ବରାଦ ମଧ୍ୟ ହୋଇଛି। ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ ୨୦୮୪କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏଥିରେ ମୋ ସ୍କୁଲ ଅଭିଯାନ ପାଇଁ ୩୦୬ କୋଟି ଟଙ୍କା, ଅଣସରକାରୀ କଲେଜକୁ ଅନୁଦାନ ପାଇଁ ୧୩୫କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୦୧ କୋଟି ଉଚ୍ଚଶିକ୍ଷା ବିଭାଗରେ ସ୍କଲାରସିପ ପାଇଁ ୨୬କୋଟି, କ୍ରୀଡ଼ା ଭିତ୍ତିଭୂମି ବିକାଶ ଓ ପରିଚାଳନା ପାଇଁ ୫୦୮କୋଟି, ଓଡ଼ିଶା ରାଜ୍ୟ ସ୍ୱୟଂ ନିଯୁକ୍ତ ମିଶନ ପାଇଁ ୨୫କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପାଇଁ ୫୫୦କୋଟି ଟଙ୍କା, ପର୍ଯ୍ୟଟନର ପ୍ରଚାର ପ୍ରସାର ଓ ପର୍ଯ୍ୟଟକଙ୍କ ସୂଚନା ପାଇଁ ୯୯କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଟଙ୍କିକିଆ ଚାଉଳ ବାବଦରେ ୧୬୪ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ କୃଷି ସଂଚାଇ ଯୋଜନାରେ ୯୧କୋଟି, ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଅନୁଦାନ ପାଇଁ ୫୩ କୋଟି, ସ୍କୁଲ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ୧୭୩କୋଟି, ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ଲୋକସେବା ଆୟୋଗ ଓ ଷ୍ଟାଫ ସିଲେକ୍ସନ ଆୟୋଗଙ୍କୁ ୧୯କୋଟି, ମାଧ୍ୟମିକ ଶିକ୍ଷା ବୋର୍ଡକୁ ୧୨କୋଟି ଟଙ୍କା ଅନୁଦାନ, ମେଡିକାଲ ଶିକ୍ଷା,ଗବେଷଣା ଓ ତାଲିମ ପାଇଁ ୫୨କୋଟି ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ପାଇଁ ୬୩୮କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୫୧କୋଟି, ମିଶନ ଶକ୍ତିର ସମ୍ବଳ କାର୍ଯ୍ୟକ୍ରମ ପାଇଁ ୩୩କୋଟି, ଅଙ୍ଗନବାଡ଼ି ଓ ପୋଷଣ-୨.୦ ପାଇଁ ୨୭କୋଟି ଟଙ୍କା, ଆଇସିଡିଏସ୍ ଯୋଜନାରେ ଅଙ୍ଗନବାଡ଼ି କର୍ମୀ ଓ ସହାୟକଙ୍କ ଭତ୍ତା ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ନୂଆ ଗ୍ୟାସ ସଂଯୋଗ ପାଇଁ ୬୦କୋଟି, ଆଶୀର୍ବାଦ ଯୋଜନା ପାଇଁ ୧୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗ ବିଭାଗ ପାଇଁ ମୋଟ ୪୩୮କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସହରୀ ପରିମଳ ପାଇଁ ୩୩୭ କୋଟି, ସ୍ମାର୍ଟସିଟି ଯୋଜନାରେ ୨୯୬କୋଟି ଟଙ୍କା, ଛୋଟ ବନ୍ଦର ବିକାଶ ପାଇଁ ୨କୋଟି, ବସ ଟର୍ମିନାଲ ବିକାଶ ପାଇଁ ୧୮୮କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପଦ୍ମପୁର ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯାଇ ଥିବାରୁ ତାଙ୍କ ପରିବର୍ତ୍ତେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ୍ ବଜେଟ ଆଗତ କରିଛନ୍ତି, ଯାହାକି ଓଡ଼ିଶା ବିଧାନସଭାରେ ନୂଆ ଏକ ପରମ୍ପରା ସୃଷ୍ଟି କରିଛି।

# ଓଡ଼ିଶା ଲଳିତ କଳା ଏକାଡ଼େମୀର ରାଜ୍ୟ ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ



**ଭୁବନେଶ୍ୱର :** ଓଡ଼ିଶା ଲଳିତ କଳା ଏକାଡ଼େମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ 'ଅସ୍ମିତାର ଲହରୀ' ଶୀର୍ଷକ ରାଜ୍ୟ ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ, ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସଂସ୍କୃତି ଭବନ, ବାଲେଶ୍ୱର ଠାରେ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ପ୍ରଦର୍ଶନୀକୁ ଉଦ୍ ?ଘାଟନ କରିବା ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରର ପ୍ରସଂଶା କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି। ଚିତ୍ରଗୁଡିକ ସୁଦୃଶ୍ୟ ଘଟଣାବଳୀ, ଆଦିବାସୀ କଳ ଓ ସଂସ୍କୃତି, ସ୍ୱାଧୀନତା ସଂଗ୍ରାମୀ, ପୁରାଣ କଥା, ମା ଓ ଶିଶୁ, ଆଧୁନିକ ଶୈଳୀରେ ଆଙ୍କିତ ବିଭିନ୍ନ ଭାବନାକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢଙ୍ଗରେ ଅଙ୍କନ କରିଥିଲେ ଯାହା ମର୍ମସ୍ପର୍ଶୀ ହୋଇଥିଲା। ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୂଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୁର୍ଣ୍ଣ ଚନ୍ଦ୍ର ଜେନାଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱର, ଚିତ୍ରଶିଳ୍ପୀ ଅରୁଣ ଜେନା, ବିଶ୍ୱଜିତ ପ୍ରମାଣିକ, ଆନ୍ତର୍ଯ୍ୟାମି ସାହୁ,କବିତା ଦତ୍ତ,ଜିଲ୍ଲା କ୍ରୀଡ଼ା ଅଧିକାରୀ ପୁର୍ଣ୍ଣ ଚନ୍ଦ୍ର ଜେନା, କ୍ରିଷ୍ଣା ଦେବଗୋସ୍ୱମୀ ପ୍ରମୁଖ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡ଼େମୀର ମରୁତ ରାଉତ ପରିଚାଳନା କରିଥିଲେ। ରେଣ୍ଟା ମାଝୀ,ତପନ ଦାସ, ରମାକାନ୍ତ, ଦେବେନ୍ଦ୍ର ଦାସ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶିବିରରେ ସମୁଦାୟ ୧୨୭ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ଆବାସ ଯୋଜନା ନିମନ୍ତେ ୬୫ଟି, ଜମିଜମା ସମସ୍ୟା ସମ୍ପର୍କିତ ୧୧ଟି, ଗ୍ରାମ୍ୟସମସ୍ୟା ୭ଟି, ରାସନକାର୍ଡ ୩ଟି, ଭତା ସମ୍ପର୍କୀୟ ୮ଟି, ପୋଲିସ ସହାୟତା ନିମନ୍ତେ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୨ଟି ଓ ଅନ୍ୟାନ୍ୟ ୨୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଚିନ୍ମୟୀ ବିଶ୍ୱାଳ, ଉପ-ଜିଲ୍ଲାପାଳ ଧମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଜଗତସିଂହପୁର ବିଡିଓ ସାଗର କୁମାର ନନ୍ଦ, ତହସିଲଦାର ଅଞ୍ଜଳୀ ତରାଇ ପ୍ରମୁଖ ଉପସ୍ଥିତ ଥିବାବେଳେ ବହୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ଦେଖିବାକୁ ମିଳିନଥିଲା।

# ଅବକାରୀ ବିଭାଗ ଲାଞ୍ଚନେଇ ଖୋଲୁଛି ବାର; ଅଞ୍ଚଳରେ ତୀବ୍ର ଅସନ୍ତୋଷ



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱ ଦିନ ହେବ ମୁଖ୍ୟ ବଜାରରେ ଏକ ଠିପି ବନ୍ଦ ମଦ ଦୋକାନ ଥିଲା।ଗତ ସେପ୍ଟେମ୍ବର ୩ତାରିଖ ଦିନ ଅବକାରୀ ବିଭାଗ ଆଉ ଏକ ବାର ଖୋଲିବା ନେଇ ଅନୁମତି ପ୍ରଦାନ କରିଥିଲା।ଉକ୍ତ ବାର ସେପ୍ଟେମ୍ବର୫ ଅତବା ୨ଦିନ ଚିହ୍ନଟ ସ୍ଥାନରେ ବିଧିବଦ୍ଧ ଭାବେ ଖୋଲିଲା। ସେପ୍ଟେମ୍ବର ୭ଦିନ ସେହି ବାର ଠାରୁ ଅଳ୍ପ ଦୂରରେ ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ ଖୋଲିବା ପାଇଁ କଟକ ଅବକାରୀ କମିଶନରଙ୍କ ଶୁଣାଣି ହୋଇ ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ ନ ଖୋଲିବା ନେଇ ଅବକାରୀ କମିଶନର ରୋକଠୋକ୍ ବାର ଆବେଦନକୁ ଖାରଜ କଲେ। ସବୁଠାରୁ ଆଶ୍ଚର୍ଯ୍ୟ ଚିନ୍ତାଜନକ କଥା ଅସ୍ତରଙ୍ଗ ବୀରତ୍ୱର ଗାଥା ବଖାଣୁଥିବା ବେଳେ ସମ୍ମାନୀୟ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଅସ୍ତରଙ୍ଗ ଏକ ଭାଇଚାରାର ଅଞ୍ଚଳ ବୋଲି ବିଗତ ଦିନରେ ନିଜ ଅଭିଭାଷଣ କହିଥିଲେ। ଲବଣ ସତ୍ୟାଗ୍ରହ ପାଇଁ ଜନନାୟକ ମାହାତ୍ମ୍ୟଗାନ୍ଧୀ ଏହି ଅଞ୍ଚଳରେ ରହି ଇଂରେଜମାନଙ୍କ ଠାରୁ ଦେଶକୁ ସ୍ୱାଧୀନ କରିଥିଲେ ଫୁଣି ଏହି ଅଞ୍ଚଳରେ ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ କିଭଳି ଭାବେ ଏକ ଅନସଫ୍ ବାର ଖୋଲିବ ସେଥିପାଇଁ ଅବକାରୀ ବିଭାଗର ଚାଟୁକାରିତା ମାନେ ଗତ ସେପ୍ଟେମ୍ବର ୯ତାରିଖରେ ଅନସଫ୍ ବାରର ତଥ୍ୟ ଲୁଚାଇ ଫୁଣି ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ଅନୁମତି ଦେଲା। ଏଠାରେ ପ୍ରଶ୍ନ ଉଠୁଛି ଅବକାରୀ ବିଭାଗ କାହା ଚାପରେ କାହା ପ୍ରବଚନାରେ କେତେ କୋଟି ଟଙ୍କା ନେଲା ଯେ ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ଅନୁମତି ଦେଲା ଅବକାରୀ ବିଭାଗ କଣ ଅସ୍ତରଙ୍ଗ ଅଞ୍ଚଳର ପରିବେଶ ନଷ୍ଟ କରୁଛି କି ଯଦି ନୂତନ ଭାବେ ଅନୁମତି ପାଇଥିବା ପରିଡ଼ା ବାର କମ୍ ରେଷ୍ଟୁରାଣ୍ଟକୁ ବନ୍ଦ କରାନଯାଏ ଆଗାମୀ ଦିନରେ ଅସ୍ତରଙ୍ଗ ଅଞ୍ଚଳରେ ଅବକାରୀ ବିଭାଗର ଅଧିକାରୀ ମାନେ ହଟହଟା ସମୁଖୀନ ହେବେ ବୋଲି ଚା ଖଟିରେ ଶୁଣିବାକୁ ମିଳୁଛି। ଅସ୍ତରଙ୍ଗ ଅଞ୍ଚଳରେ ଦୁଇ ଦୁଇଟି ମଦଦୋକାନ ଥିବା ବେଳେ ଫୁଣି ଆଉ ଏକ ବାର ପାଇଁ ଅନୁମତି କିଭଳି ପ୍ରଦାନ କରାଗଲା ଭିଜିଲାନ୍ସ, ସିବିଆଇ ଅର୍ଥ ହେରଫେର ର ତଦନ୍ତ କରିବାକୁ ବୁଦ୍ଧିଜୀବି ମାନେ ଦାବିକରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସଚିବ, ଅବକାରୀ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅବକାରୀ ବିଭାଗ କମିଶନରଙ୍କୁ ଲିଖିତ ଅଭିଯୋଗ କରାଯାଇଅଛି।



ସୌମେନ୍ଦ୍ର ଜେନା

# ଜି-୨୦ ଅଧ୍ୟକ୍ଷ ପଦରେ ଭାରତ




ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି୨୦ ବୈଠକରେ ପରବର୍ତ୍ତୀ ଅଧ୍ୟକ୍ଷ ପଦ ଭାରତ ପାଖକୁ ଆସିଛି । ବୈଠକ ଶେଷ ହେବା ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷ ହାତୁଡିକୁ ଇଣ୍ଡୋନେସିଆର ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କଠାରୁ ଗ୍ରହଣ କରିଥିଲେ ମଧ୍ୟ ୧ ଡିସେମ୍ବର ୨୦୨୨ରୁ ବିଧିବଦ୍ଧ ଭାବେ ଭାରତ ଅଧ୍ୟକ୍ଷତା ପଦ ଲାଭ କରିବ । ଫଳରେ ୨୦୨୩ରେ ହେବାକୁ ଥିବା ଜି୨୦ ରାଷ୍ଟ୍ର ସମୂହର ବୈଠକ ଭାରତରେ ଅନୁଷ୍ଠିତ ହେବ । କାଶ୍ମୀର ସମେତ ଦେଶର ଭିନ୍ନ ଭିନ୍ନ ସହରରେ ଏହି ବୈଠକ ଆୟୋଜିତ ହେବ ବୋଲି ଜଣାପଡିଛି । ଭାରତର ବିବିଧ ପ୍ରକାର ପ୍ରାଦେଶିକ ଭାଷା, ସଂସ୍କୃତି ଓ ଐତିହ୍ୟ ସହ ପ୍ରତିନିଧି ରାଷ୍ଟ୍ରଗୁଡିକର ପରିଚୟ ହେବ ବୋଲି କୁହାଯାଉଛି । ଏହି ବୈଠକ ପାଇଁ ଚୀନ-ପାକ୍ ମେଣ୍ଟର ଅଧିକ ଗାତ୍ରଦାହ ହୋଇଛି । କାରଣ ଭାରତ ସରକାର ଏହି ବୈଠକ ପାଇଁ କାଶ୍ମିରକୁ ଏକ ସ୍ଥାନ ଭାବେ ବାଛିଛନ୍ତି । ଜି୨୦ ଗୋଷ୍ଠୀରେ ଏବେ ରହିଥିବା ରାଷ୍ଟ୍ରଗୁଡିକ ହେଲେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ଏବଂ ୟୁରୋପୀୟ ସଂଘ । ଏମାନେ ଆର୍ଥିକ ସ୍ଥିରତା, ନିରନ୍ତର ବିକାଶ, ଆର୍ଥିକ ସଂକଟରୁ ରକ୍ଷା ପାଇବା ପାଇଁ ନୀତି ପ୍ରସ୍ତୁତି ଆନ୍ତର୍ଜାତିକ ସ୍ତରରେ ଆର୍ଥିକ ଢାଞ୍ଚା ନିର୍ମାଣ ପାଇଁ କାର୍ଯ୍ୟ କରିବାକୁ ଲକ୍ଷ୍ୟ ନେଇ କାର୍ଯ୍ୟରତ ରହିଛନ୍ତି ।

ଜି୨୦ ରାଷ୍ଟ୍ର ସମୂହଙ୍କ ହାତରେ ପୃଥିବୀର ମୋଟ ଜିଡିପିର ୯୦ ପ୍ରତିଶତ, ବାଣିଜ୍ୟର ୮୦ ପ୍ରତିଶତ,ଜନସଂଖ୍ୟାର ତିନିଭାଗରୁ ଦୁଇଭାଗ ରହିଛି । ୧୯୯୦ପରେ ବିଶ୍ୱରେ ଆର୍ଥିକ ଶକ୍ତିଭାବେ ନୂଆ ଦେଶଗୁଡିକର ନବୋଦୟ ଯୋଗୁ ଡିସେମ୍ବର ୧୯୯୯ରେ ଆର୍ଥିକ ସମସ୍ୟାର ସମାଧାନ ଏବଂ ପାରସ୍ପରିକ ସହଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଜର୍ମାନୀର ବର୍ଲିନଠାରେ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କର ଆଲୋଚନା ପ୍ରଥମେ ଅନୁଷ୍ଠିତ ହୋଇଥିଲା । ଆର୍ଥିକ ସ୍ଥିରତା ଆଣିବା ସେତେବେଳେ ମୁଖ୍ୟ ଲକ୍ଷ୍ୟ ରହିଥିଲା । ଏମାନଙ୍କର ପ୍ରତିବର୍ଷ ବୈଠକ ଚାଲୁରହିବା ପରେ ୨୦୦୨ରେ ଭାରତ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରଙ୍କ ଏକ ବୈଠକ ଭାରତରେ ଆୟୋଜିତ କରିଥିଲା । ୨୦୦୮ରେ ଆର୍ଥିକ ମାନ୍ଦାବସ୍ଥା ପୃଥିବୀରେ ଦେଖାଦେଲା ପରେ ଏହାକୁ ଏକ ଆନୁଷ୍ଠାନିକ ରୂପ ଦେବା ପାଇଁ ଉଦ୍ୟମ ହେଲା । ତେଣୁ ୨୦୦୮ରେ ପ୍ରଥମଥର ପାଇଁ ରାଷ୍ଟ୍ରମୁଖ୍ୟ ସମ୍ମିଳନୀରେ ଜି୨୦ ସଂଗଠନ ଜନ୍ମ ନେଲା । ଏଥିରେ ସଦସ୍ୟ ରାଷ୍ଟ୍ରଗୁଡିକର ମୁଖ୍ୟମାନେ ଅଂଶଗ୍ରହଣ କରିବା ସହ ୟୁରୋପୀୟ ସଂଘର ମୁଖ୍ୟ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଅଧିକାରୀମାନେ ଯୋଗ ଦେଲେ । ୨୦୦୯ ବୈଠକରେ ଏହାକୁ ଆର୍ଥିକ-ବାଣିଜ୍ୟିକ ସହଯୋଗର ସଂଗଠନ ଭାବେ ଘୋଷଣା କରାଗଲା । ୨୦୦୮ରେ ଏହାର ବୈଠକ ୱାସିଂଟନ ଡିସିଠାରେ ହୋଇଥିଲା । କିନ୍ତୁ ୨୦୦୯ରେ ଏହାର ବୈଠକ ଦୁଇଥର ଲଣ୍ଡନ ଏବଂ ପିଟସବର୍ଗଠାରେ ହେଲା । ସେମିତି ୨୦୧୦ରେ କାନାଡାର ଟରଣ୍ଟୋ ଏବଂ ଦକ୍ଷିଣ କୋରିଆର ସିଓଲଠାରେ ହେବାପରେ୨୦୧୧ରୁ ଫ୍ରାନ୍ସରେ ଅନୁଷ୍ଠିତ ବୈଠକରେ ଏହାର ବୈଠକ ବର୍ଷକରେ ଥରେ ହେବାଲାଗି ସ୍ଥିର ହେଲା । ବିଗତ ଦିନରେ ଚୀନର ହାଙ୍ଗଝାଉ (୨୦୧୭), ଆର୍ଜେଣ୍ଟିନାର ବୁଏନ୍ସ ଏଆର୍ସ (୨୦୧୮), ଜାପାନର ଓସାକା (୨୦୧୯) ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା । କୋରୋନା ଯୋଗୁ ସାଉଦି ଆରବର ରିୟାଦରେ (୨୦୨୦) ବୈଠକ ଆଭାସୀ ମାଧ୍ୟମରେ ହୋଇଥିଲା । ପରେ ଇଟାଲୀର ରୋମ୍ (୨୦୨୧) ଏବଂ ଏବେ ଇଣ୍ଡୋନେସିଆର ବାଲିଠାରେ (୨୦୨୨) ଏହି ବୈଠକ ଅନୁଷ୍ଠିତ ହୋଇଛି । ଏବେ ସଂଗଠନ କେବଳ ରାଷ୍ଟ୍ରମୁଖ୍ୟ ବୈଠକରେ ସୀମିତ ନରହି ବିବିଧ ମନ୍ତ୍ରିସ୍ତରୀୟ ବୈଠକକୁ ମଧ୍ୟ ଜାରି ରଖିଛି । ୨୦୧୬ରେ ସଂଗଠନ ୨୦୩୦ ପାଇଁ ଲକ୍ଷ୍ୟ ସ୍ଥିର କରିଥିଲା । ସଦସ୍ୟ ରାଷ୍ଟ୍ରଗୁଡିକ ୫ଟି ଗ୍ରୁପରେ ରହିଛନ୍ତି । ପ୍ରତିବର୍ଷ ଗୋଟିଏ ଗ୍ରୁପର ରାଷ୍ଟ୍ର ହାତରେ ଏହାର ଅଧ୍ୟକ୍ଷ ପଦ ୧ ଡିସେମ୍ବରରୁ ପରବର୍ଷ ୩୦ ନଭେମ୍ବର ପର୍ଯ୍ୟନ୍ତ ରହିଥାଏ । ଚଳିତବର୍ଷ ୧ ଡିସେମ୍ବରରୁ ଭାରତ ଏହାର ଅଧ୍ୟକ୍ଷ ପଦ ଗ୍ରହଣ କରିବ । ଏହାର ପରବର୍ଷ ବ୍ରାଜିଲ (୨୦୨୪) ଏବଂ ତା ପରବର୍ଷ ଦକ୍ଷିଣ ଆଫ୍ରିକା (୨୦୨୫) ହାତକୁ ଅଧ୍ୟକ୍ଷ ପଦ ଯିବ । ରାଷ୍ଟ୍ରଗୁଡିକର ଗ୍ରୁପ ଏହିପରି ରହିଛି; ଗ୍ରୁପ-୧ ଅଷ୍ଟ୍ରେଲିଆ, କାନାଡା, ଆମେରିକା, ସାଉଦି ଆରବ ; ଗ୍ରୁପ-୨ ଭାରତ, ରୁଷିଆ, ଦକ୍ଷିଣ ଆଫ୍ରିକା, ତୁର୍କୀ; ଗ୍ରୁପ-୩ ଆର୍ଜେଣ୍ଟିନା , ବ୍ରାଜିଲ, ମେକ୍ସିକୋ; ଗ୍ରୁପ-୪ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ; ଗ୍ରୁପ-୫ ଚୀନ, ଇଣ୍ଡୋନେସିଆ, ଜାପାନ, ଦକ୍ଷିଣ କୋରିଆ ।

ଚଳିତବର୍ଷ ବାଲିଠାରେ ଅନୁଷ୍ଠିତ ଜି୨୦ ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା । କାରଣ ୨୦୧୯-୨୦ପର୍ଯ୍ୟନ୍ତ ପୃଥିବୀରେ କୋରୋନା ବ୍ୟାପକ କ୍ଷତିସାଧନ କରିଥିଲା । ଫଳରେ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଜାରି ରହିଛି । ରୁଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ଖାଦ୍ୟସଙ୍କଟ, ଶକ୍ତିର ମୂଲ୍ୟ ବୃଦ୍ଧି, ଯୋଗାଣରେ ଅସୁବିଧା, ଉତ୍ପାଦନରେ ସମସ୍ୟା ଆଦି ଦେଖାଦେଇଛି । ଗୋଟିଏ ପଟେ ରୁଷ-ୟୁକ୍ରେନ ଯୁଦ୍ଧ, ଅନ୍ୟପଟେ ଚୀନ-ଆମେରିକା ବାଣିଜ୍ୟ ଯୁଦ୍ଧ, ଚୀନ- ତାଇୱାନ ଯୁଦ୍ଧର ସମ୍ଭାବନା, ଇରାନ-ଇସ୍ରାଏଲ ଉତ୍ତେଜନା ଜାରି ରହିଛି । ଆର୍ମେନିଆ-ଆଜରବୈଜାନ ଯୁଦ୍ଧରେ ଅନେକ ମୃତାହତ ହୋଇଛନ୍ତି । ଡଲାର ତୁଳନାରେ ଅନେକ ରାଷ୍ଟ୍ରର ମୁଦ୍ରା ବିଯୁକ୍ତାତ୍ମକ ସ୍ଥିତିରେ ରହିଛି । କେବଳ ରୁଷିଆ ଓ ବ୍ରାଜିଲର ମୁଦ୍ରା ଏହି ସମୟରେ ଯୁକ୍ତାତ୍ମକ ସ୍ଥିତିରେ ରହିଛି । ସ୍ପେକ୍ଟାଟର ଇଣ୍ଡେକ୍ସର ହିସାବ ଅନୁଯାୟୀ ବିଗତ ବର୍ଷରେ ଡଲାର ତୁଳନାରେ ମୁଦ୍ରାଗୁଡିକର ସ୍ଥିତି ଏହିପରି (ପ୍ରତିଶତ ହିସାବରେ) ଥିଲା -ରୁଷିଆ (+୧୩), ବ୍ରାଜିଲ (+୬), ବିଯୁକ୍ତାତ୍ମକ ସ୍ଥିତିରେ ସ୍ୱିଜରଲାଣ୍ଡ (୮.୮), ଇଣ୍ଡୋନେସିଆ (୯.୭), ଭାରତ (୯.୮), କାନାଡା (୯.୮), ଚୀନ (୧୩), ୟୁରୋ (୧୩.୮), ଅଷ୍ଟ୍ରେଲିଆ (୧୭.୭), ଦକ୍ଷିଣ ଆଫ୍ରିକା(୧୯), ଦକ୍ଷିଣ କୋରିଆ (୨୧), ଜାପାନ (୨୯), ପାକିସ୍ତାନ (୨୯), ତୁର୍କୀ (୯୩)ର ମୁଦ୍ରା ରହିଥିଲା । ଡଲାର ତୁଳନାରେ ମୁଦ୍ରାର ମୂଲ୍ୟ ହ୍ରାସ ଯୋଗୁ ଆର୍ଥିକ ସ୍ତରରେ ସଂକୋଚନ ଦେଖିବାକୁ ମିଳିଛି । ଖାଉଟୀ ବଜାରରୁ ବିଶ୍ୱବଜାର ପର୍ଯ୍ୟନ୍ତ ସବୁଠି ହାତରହି ଖର୍ଚ୍ଚ କରିବାକୁ ପଡୁଛି । ଆର୍ଥିକ ଅନିଶ୍ଚିତତା ଅନେକ ଦେଶରେ ଦେଖିବାକୁ ମିଳିଛି । ବଡ ବଡ କମ୍ପାନୀମାନେ ଲକ୍ଷଲକ୍ଷ କୋଟି ଡଲାର ହରାଇ ଦେବାଳିଆ ସ୍ଥିତିକୁ ଚାଲିଯାଇଛନ୍ତି । କୋଟିକୋଟି ଲୋକେ ଚାକିରୀ ହରାଇ ବସିଛନ୍ତି , ନିଯୁକ୍ତିରେ ହ୍ରାସ ଘଟିଛି , ଦାରିଦ୍ର୍ୟ ବଢିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ଅନେକ ଦେଶରେ ଝଡି ଓ ବଢି, ଉତ୍ତାପ ବୃଦ୍ଧି ଦେଖାଦେଇଛି । ଯୁଦ୍ଧ ଯୋଗୁ ୟୁକ୍ରେନ ୧ଲକ୍ଷ ବର୍ଗ କିଲୋମିଟର ହରାଇଛି । ରୁଷିଆ ପ୍ରାୟ ୧ଲକ୍ଷ ସେନା, ହଜାର ହଜାର ଟ୍ୟାଙ୍କ, ଯୁଦ୍ଧବାହୀ ଯାନବାହନ, ଅସ୍ତ୍ରଶସ୍ତ୍ର ଆଦି ୟୁକ୍ରେନରେ ହରାଇଛି ।



ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ୧୭ଶ ବୈଠକ ଦି ଅପୂର୍ବା କେମ୍ପିନସ୍କି ହୋଟେଲ, ହାର୍ଡିସ ମଲସ୍, ନୂସା ଡୁଆଠାରେ ହୋଇଥିଲା । ବାଦୁଙ୍ଗ ରିଜେନ୍ସୀରେ ଆୟୋଜିତ ଏହି ବୈଠକ ପାଇଁ କାମ୍ବୋଡିଆ, ଫିଜି, ନେଦରଲାଣ୍ଡ, ରୁଆଣ୍ଡା, ସେନେଗାଲ, ସିଙ୍ଗାପୁର, ସ୍ପେନ, ସୁରିନାମ, ୟୁକ୍ରେନ, ୟୁନାଇଟେଡ୍ ଆରବ ଏମିରେଟ ଆଦି ରାଷ୍ଟ୍ରକୁ ନିମନ୍ତ୍ରିତ କରାଯାଇଥିଲା । ରୁଷିଆର ରାଷ୍ଟ୍ରପତି ପୁଟିନ ନିଜେ ଏଥିରେ ଯୋଗ ନ ଦେଇ ବିଦେଶମନ୍ତ୍ରୀ ଲାଭରୋଭଙ୍କୁ ପଠାଇଥିଲା ବେଳେ ଆସିଆନ୍ ଅଧ୍ୟକ୍ଷ ଏବଂ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ୍‌ସେନ୍ କୋରୋନାରେ ଆକ୍ରାନ୍ତ ହେବା ଯୋଗୁ ବୈଠକ ପୂର୍ବରୁ କାମ୍ବୋଡିଆ ଫେରିଯାଇଥିଲେ । ବୈଠକରେ ଯୋଗ ଦେଇଥିବା ରାଷ୍ଟ୍ରମୁଖ୍ୟମାନେ ଥିଲେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଅଲବର୍ଟୋ ଫର୍ଣ୍ଣାଣ୍ଡେଜ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏଣ୍ଟୋନୀ ଅଲ୍‌ବାନେସ, ବ୍ରାଜିଲ ବିଦେଶମନ୍ତ୍ରୀ କାର୍ଲୋସ ଏଲବର୍ଟୋ ଫ୍ରାଙ୍କା, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ , ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଜର୍ମାନୀର ଚାନସେଲର ଓଲାଫ ସ୍କଲଜ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନୀ, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଡା,ମେକ୍ସିକୋ ବିଦେଶ ସଚିବ ମାର୍ସେଲୋ ଏବରାର୍ଡ, ସାଉଦି ଆରବ ପ୍ରଧାନମନ୍ତ୍ରୀ ମହମ୍ମଦ ବିନ ସଲମାନ, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମଫୋସା, ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍-ୟିଓଲ, ତୁର୍କୀ ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ, ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ, ୟୁରୋପୀୟ ସଂଘ ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେର୍ ଲିୟେନ, ୟୁରୋପୀୟ କାଉନସିଲର ସଭାପତି ଚାର୍ଲସ ମାଇକେଲ ପ୍ରମୁଖ । ଏମାନଙ୍କ ଛଡା ଫିଜି ରାଷ୍ଟ୍ରଦୂତ ଇନୋକେ କୁବୁଆବୋଲା, ନେଦରଲାଣ୍ଡ ପ୍ରଧାନମନ୍ତ୍ରୀ ମାର୍କ ରୁଟ, ରୁଆଣ୍ଡା ରାଷ୍ଟ୍ରପତି ପଲ କାଗାମେ, ସେନେଗାଲ ରାଷ୍ଟ୍ରପତି ମାକୀ ସାଲ, ସିଙ୍ଗାପୁର ରାଷ୍ଟ୍ରପତି ଲି ସିଏନ୍ ଲୁଙ୍ଗ, ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ, ସୁରିନାମ ବିଦେଶମନ୍ତ୍ରୀ ଅଲବର୍ଟ ରାମଦୀନ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦୀମିର ଜିଲେନସ୍କି (ଆଭାସୀ), ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରିଥିଲେ । ଆନ୍ତର୍ଜାତିକ ସଂସ୍ଥା ମୁଖ୍ୟ ଭାବେ ଏସିଆନ ବ୍ୟାଙ୍କର ଅଧ୍ୟକ୍ଷ ମାସାତ୍ ସୁଗୁ ଅସାକାୱା, ଫିଫା ମୁଖ୍ୟ ଗିଆନୀ ଇନ୍‌ଫାଣ୍ଟିନୋ, ବିଶ୍ୱ ଶ୍ରମିକ ସଂଗଠନର ସାଧାରଣ ନିର୍ଦ୍ଦେଶକ ଗିଲବର୍ଟ ହ୍ୟୁଆଙ୍ଗ ବୋ, ଆଇଏମ୍‌ଏଫର ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟିନା ଜିଓର୍ଜିଏଭା, ବିଶ୍ୱ ଅଲିମ୍ପିକ କମିଟି ଅଧ୍ୟକ୍ଷ ଥୋମାସ ବାକ୍, ଇସଲାମିକ ଡେଭଲପମେଣ୍ଟ ବ୍ୟାଙ୍କର ମହମ୍ମଦ ଅଲ-ଜାସେର, ଜାତିସଂଘର ସେକ୍ରେଟାରୀ ଜେନେରାଲ ଆଣ୍ଟୋନିଓ ଗୁଟେରସ, ବିଶ୍ୱ ଆର୍ଥିକ ଫୋରମ୍ ପ୍ରତିଷ୍ଠାତା କ୍ଲର୍ଜ ସ୍କାବ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ରୋସ ଘେବ୍ରେୟେସୁସ, ବିଶ୍ୱ ବାଣିଜ୍ୟ ସଂଗଠନର ନିର୍ଦ୍ଦେଶିକା ନିଗୋଜୀ ଓକାଞ୍ଜୋ ଇୱେଆଲା ଯୋଗ ଦେଇଥିଲେ ।






ମିଳିତ ଘୋଷଣାନାମା ପ୍ରକାଶ ପାଇବା ପୂର୍ବରୁ ରୁଷିଆ ବିଦେଶମନ୍ତ୍ରୀ ଲାଭରୋଭ ବୈଠକସ୍ଥଳୀ ଛାଡି ଚାଲିଯାଇଥିଲେ । ବୈଠକରେ ଅଧ୍ୟକ୍ଷତା ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ କରିଥିଲେ । ୟୁକ୍ରେନ ଯୁଦ୍ଧ ଯୋଗୁ ବିଶ୍ୱରେ ଖାଦ୍ୟ ସଙ୍କଟ, ଆର୍ଥିକ ମାନ୍ଦାବସ୍ଥା, ଯୋଗାଣରେ ଅସୁବିଧା, ଉତ୍ପାଦନରେ ଦୁର୍ବଳତା, ବଜାରରେ ଶିଥିଳତା, ନିଯୁକ୍ତିରେ ହ୍ରାସ, ରୋଜଗାରରେ ଅସ୍ଥିରତା ପରି ବିବିଧ ପ୍ରକାର ସମସ୍ୟା ବିଶ୍ୱବାସୀ ସାମ୍ନା କରୁଥିଲା ବେଳେ ଶକ୍ତିସଙ୍କଟ ଏବଂ ତୈଳ ଦରବୃଦ୍ଧି ଲୋକମାନଙ୍କୁ କଷ୍ଟ ଦେଇଚାଲିଛି । ଏସବୁ ସମସ୍ୟା ନେଇ ନେତୃବୃନ୍ଦ ନିଜ ନିଜ ବକ୍ତବ୍ୟ ରଖିଥିଲେ । ତେବେ ମୋଦୀ-ବାଇଡେନଙ୍କ ମଧ୍ୟରେ ହେଣ୍ଡସେକ କାର୍ଯ୍ୟକ୍ରମରେ ଶୁଭେଚ୍ଛା ଆଦାନ ପ୍ରଦାନ ଏବଂ ଟ୍ରୁଡୋଙ୍କୁ ଜିନପିଙ୍ଗଙ୍କ ଗଣମାଧ୍ୟମ ସମ୍ମୁଖରେ ଗାଳିଦେବା ଘଟଣା ମିଡିଆରେ ଚର୍ଚ୍ଚାର ବିଷୟ ହୋଇଥିଲା । ବୈଠକ ପୂର୍ବରୁ ମୋଦୀ ବାଲିଠାରେ ଭାରତୀୟଙ୍କ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପୁଣି ଥରେ ମ୍ୟାଜିକ ଭାଷଣ ଦେଇ ଦୁଇଦେଶ ଇଣ୍ଡୋନେସିଆ-ଭାରତ ମଧ୍ୟରେ ହଜାର ହଜାର ବର୍ଷର ସଂପର୍କ, କଟକର ବାଲିଯାତ୍ରା, ରାମାୟଣ ମଞ୍ଚନୃତ୍ୟ, ବିଷ୍ଣୁ ଓ ଗରୁଡଙ୍କର ମହତ୍ୱ, ଗଙ୍ଗାପରି ଇଣ୍ଡୋନେସିଆରେ ମଧ୍ୟ ନଦୀପ୍ରତି ଶ୍ରଦ୍ଧା ଆଦି ଅନେକ ବିଷୟର ଅବତାରଣା କରିଥିଲେ । ଏହି ଗସ୍ତ ସମୟରେ ମୋଦୀ ଇଂଲଣ୍ଡ ପ୍ରଧାନମନ୍ତ୍ରୀ ସୁନକଙ୍କ ସହ ଆଲୋଚନା ବେଳେ ୩୦୦୦ ଭାରତୀୟ ଛାତ୍ରଙ୍କୁ ବ୍ରିଟେନ ପକ୍ଷରୁ ଭିସା ପ୍ରଦାନ ଘୋଷଣା ହୋଇଥିଲା । ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ ମୋଦୀଙ୍କ ପାଇଁ ସ୍ୱତନ୍ତ୍ର ଭୋଜୀର ଆୟୋଜନ କରି ଦ୍ୱିପାକ୍ଷିକ ବାଣିଜ୍ୟିକ, ସାମରିକ ସହଯୋଗ ବୃଦ୍ଧି ଉପରେ ଜୋର ଦେଇଥିଲେ । ମୋଦୀଙ୍କ ସହ ବାଇଡେନ, ଇଟାଲୀର ମିଲୋନୀ, ସିଙ୍ଗାପୁର, ଅଷ୍ଟ୍ରେଲିଆ, ଜର୍ମାନୀର ରାଷ୍ଟ୍ରମୁଖ୍ୟଙ୍କ ସହ ଆଲୋଚନା ହୋଇଥିଲା । ମୋଦିଙ୍କୁ ବିଦେଶମନ୍ତ୍ରୀ ଏସ.ଜୟଶଙ୍କର ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଆଲୋଚନାରେ ସାହାଯ୍ୟ କରିଥିଲେ । ଜି୨୦ ଅଧ୍ୟକ୍ଷ ଭାବେ ଭାରତ ସକ୍ରୀୟ, ନିଷ୍ପତ୍ତିମୂଳକ, ସମ୍ଭାବନାପୂର୍ଣ୍ଣ, ସମସ୍ତଙ୍କୁ ସଙ୍ଗରେ ନେଇ କାର୍ଯ୍ୟ କରିବ ବୋଲି ମୋଦୀ ପ୍ରତିଶ୍ରୁତି ଦେଇଥିଲେ । ମିଳିତ ଘୋଷଣାରେ ମୋଦୀଙ୍କ ବକ୍ତବ୍ୟ 'ବର୍ତ୍ତମାନର ସମୟ ଯୁଦ୍ଧ ପାଇଁ ନୁହେଁ' ବୋଲି ସ୍ଥାନ ପାଇଥିଲା । ବସୁଧୈବ କୁଟୁମ୍ବକମ୍‌କୁ ଜି୨୦ ୨୦୨୩ ଲୋଗୋରେ 'ଏକ ବିଶ୍ୱ- ଏକ ପରିବାର-ଏକ ଭବିଷ୍ୟତ' ଭାବେ ସ୍ଥାନ ଦିଆଯାଇଛି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଜିଲ୍ଲାରେ ଜାନୁୟାରୀ ୬ରୁ ଖୋଲିବ ଧାନମଣ୍ଡି

**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ୨୦୨୨-୨୩ ଖରିଫ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବର୍ଷ ଜାନୁୟାରୀ ୬ତାରିଖରେ ରଘୁନାଥପୁର, ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକରେ ଏବଂ ଜାନୁୟାରୀ ୧୩ତାରିଖରେ ଜଗତସିଂହପୁର, ବିରିଡି, ନାଉଗାଁ, ଏରସମା ଓ ବାଲିକୁଦା ବ୍ଲକରେ ଖରିଫ ଧାନ ସଂଗ୍ରହ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ୯୦୮୯୭ ମେଟ୍ରିକ୍ ଟନ୍ ଧାନସଂଗ୍ରହ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଜିଲ୍ଲାରେ ୧୦୫ଟି ପ୍ରାଥମିକ ଚାଷୀ ସମବାୟ ସମିତି ମାଧ୍ୟମରେ ଧାନସଂଗ୍ରହ କରାଯିବ। ପୂର୍ବବର୍ଷ ଧାନସଂଗ୍ରହ ବେଳେ ଯେଉଁ ସବୁ ସମସ୍ୟା ଦେଖାଯାଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ମାନ ଦେଖାଯାଇଥିଲା ସେ ସବୁକୁ ଦୃଷ୍ଟିରେ ରଖି ମିଲରମାନେ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏପରିକି ପ୍ରତ୍ୟେକ ପ୍ରାଥମିକ କୃଷି ସମବାୟ ସମିତିରେ ଡିସେମ୍ବର ୩୦ସୁଦ୍ଧା ଷ୍ଟୋରେଜ ବ୍ୟବସ୍ଥା କରିବାକୁ ଉପ-ନିବନ୍ଧକ ସମବାୟ ସମିତିକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଫଳରେ ଚାଷୀମାନଙ୍କ ଠାରୁ ଧାନସଂଗ୍ରହ କରିବାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇପାରିବ। ନିୟନ୍ତ୍ରିତ ବଜାର କମିଟି ମାନ ଚାଷୀମାନଙ୍କୁ ସଚେତନତା କରିବାପାଇଁ ପୋଷ୍ଟର କିମ୍ବା ବ୍ୟାନର ଓ ମାଇକ ଜରିଆରେ ପ୍ରଚାରପ୍ରସାର ପାଇଁ ପ୍ରାଧ୍ୟାନ ଦିଆଯାଇଥିଲା। ପ୍ରତ୍ୟେକ ସମବାୟ ସମିତି ସମ୍ପାଦକ ନିଯୁକ୍ତି ପାଇଁ ଡିଆରସିଏସ୍‌କୁ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପ୍ରତି




ରବିବାର ଯେପରି କାର୍ଯ୍ୟାଳୟ ବନ୍ଦ ନରହେ, ସେଥିପାଇଁ ଦୃଷ୍ଟିଦେବାକୁ ବି କୁହାଯାଉଥିଲା। ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ ବୈଠକରେ ଯୋଗଦେଇ କହିଥିଲେ ଯେ, ଜଗତସିଂହପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଚଳିତବର୍ଷ ଜିଲ୍ଲାରେ ଧାନର ଅଭାବ ରହିବ ନାହିଁ କିନ୍ତୁ, ଗରିବ ଚାଷୀ ଜଣେ ଯେପରି ମଣ୍ଡିରେ ଧାନଦେବାପାଇଁ ଅସୁବିଧାର ସମ୍ମୁଖୀନ ନହୁଏ ବା ଅଭାବୀ ଧାନ ବିକ୍ରୟ ନକରେ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ କହିଥିଲେ ଯେ ଚାଷୀମାନଙ୍କ ଧାନ ସଂଗ୍ରହ ଓ ତାର ରକ୍ଷଣାବେକ୍ଷଣ ଉପରେ ମିଲରମାନେ ଶୁଭଦୃଷ୍ଟି ଦେଲେ କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀର ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବା ସହିତ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ପୂରଣ ହୋଇପାରିବ। ଏହି ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର କହିଥିଲେ ଯେ, ଚଳିତ ବର୍ଷ ୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଧାନ ସଂଗ୍ରହ ପାଇଁ ଅନୁମତି ପ୍ରଦାନ କରାଯାଇଛି। ସମସ୍ତ ସମବାୟ ସମିତି ମାନଙ୍କରେ ରାଜସ୍ୱ ନୀରିକ୍ଷକ, ଗ୍ରାମ୍ୟକୃଷି ଅଧିକାରୀ, ପଂଚାୟତ ନିର୍ବାହୀ ଅଧିକାରୀ ଓ ୩-୬ ଜଣ ଚାଷୀ ବି ରହି ତଦାରଖ କରିବେ। ଚଳିତବର୍ଷ ରାଜ୍ୟ ସରକାର ସାଧାରଣ ଧାନ କ୍ୱିଂଟାଲ ପିଛା ୨୦୪୦ ଟଙ୍କା ଓ ଗ୍ରେଡ ଏ ଧାନ, କ୍ୱିଂଟାଲ ପିଛା ୨୦୬୦ ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାଷୀମାନଙ୍କ ସମସ୍ୟାକୁ ଆଖି ଆଗରେ ରଖି ଜିଲ୍ଲାସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ଚାଷୀମାନଙ୍କ ସମସ୍ୟା ବୁଝାଯିବା ସହିତ ଏକ ଟୋଲ୍ ଫ୍ରି ନମ୍ବର ୧୯୬୭ ମାଧ୍ୟମରେ ଚାଷୀମାନେ ସେମାନଙ୍କ ଟୋକନ ଓ ପେମେଂଟ ଷ୍ଟାଟସ୍ ଜାଣିପାରିବେ। ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଡିଆରସିଏସ, ଏଆରସିଏସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ମିଲରମାନେ ଉପସ୍ଥିତ ଥିବାବେଳେ ଶାସକ ଦଳର ୪ବିଧାୟକ ଓ ବିଭିନ୍ନ ଚାଷୀ ସଂଗଠନର ଚାଷୀମାନଙ୍କୁ ଦେଖିବାକୁ ମିଳିନଥିଲା କିନ୍ତୁ ପ୍ରତିବର୍ଷ ଚାଷୀମାନେ ଉପସ୍ଥିତ ରହି ସେମାନଙ୍କର ଗୁହାରି କରୁଥିବା ବେଳେ ଚଳିତ ବର୍ଷ ପଦ୍ମପୁର ଉପ-ନିର୍ବାଚନକୁ ନେଇ ସେଠାରେ ଡେରା ପକାଇଥିବା କଥା ଓ ବିଧାୟକମାନଙ୍କ ଅନୁପସ୍ଥିତି କଥା ସବୁଆଡେ ଆଲୋଚନା ବି ହୋଇଥିଲା।

ଭୁବନେଶ୍ୱରରେ ହାପିଏଷ୍ଟ ମାଇଣ୍ଡସ ଗ୍ଲୋବାଲ ଆଇଟି ଡେଭଲପମେଣ୍ଟ ସେଣ୍ଟର

# ଯୁବକମାନଙ୍କ ପାଇଁ ସୃଷ୍ଟି ହେବ ନିଯୁକ୍ତି ସୁଯୋଗ



**ଭୁବନେଶ୍ୱର :** ରାଜ୍ୟରେ ଆଇଟି ଇକୋସିଷ୍ଟମକୁ ଆହୁରି ବିସ୍ତାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରର ଫର୍ଚୁନ ଟାୱାରରେ ହାପିଏଷ୍ଟ ମାଇଣ୍ଡସ ଗ୍ଲୋବାଲ ଆଇ.ଟି. ଡେଭେଲପମେଣ୍ଟ ସେଣ୍ଟର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ନୂତନ କେନ୍ଦ୍ର ଭାରତର ପ୍ରଯୁକ୍ତି ଉତ୍ସ କେନ୍ଦ୍ର ଭାବରେ ଓଡ଼ିଶାର ସ୍ଥିତିକୁ ଆହୁରି ମଜବୁତ୍ କରିବ। ଭାରତ ଏବଂ ଭାରତ ବାହାରେ ଥିବା ଗ୍ରାହକଙ୍କ ସେବାପାଇଁ ଉଦ୍ଦିଷ୍ଟ ଏହି ଇନୋଭେସନ୍ ସେଣ୍ଟରରେ ଏକ ହଜାରରୁ (୧୦୦୦) ଅଧିକ କର୍ମଚାରୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହା ବ୍ୟତୀତ ଆଗାମୀ ବର୍ଷମାନଙ୍କରେ ଓଡ଼ିଶାର ପ୍ରତିଭାବାନ୍ ଇଞ୍ଜିନିୟରମାନଙ୍କ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବ। ଏହି କେନ୍ଦ୍ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, 'ବିଗତ କିଛିବର୍ଷ ଧରି ଓଡ଼ିଶା ଆଇଟି କ୍ଷେତ୍ରରେ ଅନେକ ଦୂରଦୃଷ୍ଟିସମ୍ପର୍ଣ୍ଣ ପଦକ୍ଷେପ ନେଉଛି। ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡ଼ିଶା ନିବେଶକଙ୍କ ପ୍ରଥମ ପସନ୍ଦ ହେବା ସହିତ ଆଇଟି କ୍ଷେତ୍ରରେ ରାଜ୍ୟ ଅଭିବୃଦ୍ଧିର ହାର ତ୍ୱରାନ୍ୱିତ ହୋଇପାରିଛି। ବର୍ତ୍ତମାନ ଓଡ଼ିଶା ଦ୍ରୁତଗତିରେ ଭାରତର ପ୍ରଯୁକ୍ତି ବିଜ୍ଞାନ ଉତ୍ସ କେନ୍ଦ୍ର ଭାବରେ ପରିଗଣିତ ହୋଇଛି ଏବଂ ଆମ ଯୁବପିଢ଼ିଙ୍କ ପାଇଁ ଅନେକ ନିଯୁକ୍ତି ସୃଷ୍ଟି କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି।' ଭୁବନେଶ୍ୱରରେ ଉପଲବ୍ଧ ଆଇଟି ଅନୁକୂଳ ଇକୋସିଷ୍ଟମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନେକ ଆଇଟି କମ୍ପାନୀ ଏଠାରେ ନିବେଶ କରିବା ପାଇଁ ଆଗ୍ରହୀ। 'ଓଡ଼ିଶାର ଅନୁକୂଳ ପରିବେଶ, ସରକାରୀ ସହାୟତା ଏବଂ ବିପୁଳ ମେଧା ନିବେଶକଙ୍କୁ ଅଧିକ ଆକୃଷ୍ଟ କରିଛି। ହାପିଏଷ୍ଟ ମାଇଣ୍ଡସ ଗ୍ଲୋବାଲ ଆଇ.ଟି. ଡେଭେଲପମେଣ୍ଟ ସେଣ୍ଟର ଖୋଲିବାଦ୍ୱାରା ଆଇ.ଟି. କ୍ଷେତ୍ରରେ ଆଉ ଏକ ସ୍ୱତନ୍ତ୍ର ଅଧ୍ୟାୟ ଯୋଗ ହୋଇଛି।' ଏହା ରାଜ୍ୟର ସକ୍ରିୟ ଆଇଟି ଇକୋସିଷ୍ଟମର ସୂଚନା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ସଚିବ, ମନୋଜ କୁମାର ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆମେ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ମଧ ଏକ ଅନୁକୂଳ ପରିବେଶ ଯୋଗାଇବାକୁ ପ୍ରତିବଦ୍ଧ। ଓଡ଼ିଶାର ପରିବର୍ତ୍ତନଶୀଳ କାହାଣୀରେ ଭାଗୀଦାର ହେବାକୁ ନିଷ୍ପତ୍ତି ନେଇଥିବାରୁ ହାପିଏଷ୍ଟ ମାଇଣ୍ଡସ ଗ୍ଲୋବାଲ ଆଇ.ଟି. ଡେଭେଲପମେଣ୍ଟ ସେଣ୍ଟରକୁ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସଚିବ ଏହା ମଧ କହିଥିଲେ ଯେ ଏହି କେନ୍ଦ୍ର ରାଜ୍ୟରେ ଆଇଟି ଇକୋସିଷ୍ଟମକୁ ଆହୁରି ବୃଦ୍ଧି କରିବ ଏବଂ ଓଡ଼ିଶାର ଯୁବକମାନଙ୍କ ପାଇଁ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ହାପିଏଷ୍ଟ ମାଇଣ୍ଡସ ଗ୍ଲୋବାଲ ଆଇ.ଟି. ଡେଭେଲପମେଣ୍ଟ ସେଣ୍ଟରର ନିରବଚ୍ଛିନ୍ନ ଗ୍ରାହକ ଅଭିଜ୍ଞତା, ବ୍ୟବସାୟ ଦକ୍ଷତା ଏବଂ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟି ଉଦ୍ୟୋଗଗୁଡ଼ିକୁ ଡିଜିଟାଲ୍ ପରିବର୍ତ୍ତନ ସମାଧାନ ବିତରଣ କରିବା ଲାଗି କ୍ଷମତା ବିସ୍ତାର କରିବା ପାଇଁ ଏହି ନୂତନ ଶାଖାକୁ ସକ୍ଷମ କରିବ। କମ୍ପାନୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ବ୍ଲକ୍ ଚେନ୍, କ୍ଲାଉଡ୍, ଡିଜିଟାଲ୍ ପ୍ରକ୍ରିୟା ସ୍ୱୟଂକରଣ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ, ରୋବୋଟିକ୍ସ/ଡ୍ରୋନ୍, ସୁରକ୍ଷା ଏବଂ ଭର୍ଚୁଆଲ୍/ଅଗ୍‌ମେଣ୍ଟେଡ୍ ରିଆଲିଟି କ୍ଷେତ୍ରରେ ନିଜର ବଳୟକୁ ସମୃଦ୍ଧ କରିବା ପାଇଁ ଲକ୍ଷ୍ୟ ରଖିଛି।

## ଖୁବ୍‌ଶୀଘ୍ର କାଇ ପିମ୍ପୁଡି ଚଟଣୀକୁ ମିଳିବ ଜିଆଇ ଟ୍ୟାଗ



**ବାରିପଦା :** ଆଦିବାସୀଙ୍କ ଖାଦ୍ୟ କାଇ ପିମ୍ପୁଡିକୁ ମିଳିବ ଜିଆଇ ଟ୍ୟାଗ । ମୟୂରଭଞ୍ଜ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର(୨) ଯଶିପୁର ପକ୍ଷରୁ ଆରମ୍ଭ ହୋଇଥିବା ପ୍ରୟାସ ସଫଳ ହେବାକୁ ଯାଉଛି । ମାନ୍ୟତା ପ୍ରଦାନ ପ୍ରକ୍ରିୟାରେ ଅଗ୍ରଗତି ମଧ ଦେଖିବାକୁ ମିଳିଛି। ଏନେଇ ଡିସେମ୍ବର ୬ତାରିଖରେ ଭୁବନେଶ୍ୱର କୃଷି ବୈଷୟିକ ବିଶ୍ୱବଦ୍ୟାଳୟ(ଓୟୁଏଟି)ରେ ହେବ ପରାମର୍ଶ କମିଟିର ବୈଠକ। କେନ୍ଦ୍ର ସରକାରଙ୍କ ଜେଗ୍ରାଫିକାଲ ଇଣ୍ଡିକେସନ ପକ୍ଷରୁ ପତ୍ର ମାଧ୍ୟମରେ ଏନେଇ ଅବଗତ କରାଯାଇଛି। ଆବେଦନ କରିଥିବା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସହିତ କାଇ ସମାଜର କର୍ମକର୍ତ୍ତା । ବୈଠକରେ ପ୍ରତ୍ୟୁସର ଗ୍ରୁପ ସର୍ବାଧିକ ୫ଜଣ ସଦସ୍ୟ ଯୋଗଦେଇପାରିବେ ବୋଲି ପତ୍ରରେ ଉଲ୍ଲେଖ ରହିଛି। ଆଦିମ ଆଦିବାସୀ ବହୁଯୁଗରୁ ଥଣ୍ଡା, କାଶ, କଫ, ଛିଙ୍କ ଓ ଜ୍ୱର ହେଲେ କାଇ ପିମ୍ପୁଡ଼ି ଚଟଣି ବାଟି ସେବନ କରି ସୁସ୍ଥ ହୋଇଥାନ୍ତି । ଯାହା ଆଜି ମଧ ପ୍ରଚଳିତ । ଆଦିବାସୀଙ୍କ ଏହି ଗାଉଁଲି ଔଷଧର ଗବେଷଣା କଲେ ସମ୍ଭବତଃ କରୋନାର ପ୍ରତିଷେଧକ ମିଳିପାରବ ବୋଲି ମୟୂରଭଞ୍ଜର ଯୁବ ଇଂ ନୟାଧର ପଢ଼ିଆଳ ଯୁକ୍ତି ବାଢ଼ିଛନ୍ତି । ଏନେଇ ଯୁକ୍ତ ସମ୍ବଳିତ ପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ, ଆୟୁଷ, ଆଇସିଏମଆର ଓ ସିଏସଆଇଆରର ଡ଼ାଇରେକ୍ଟର ଜେନେରାଲଙ୍କୁ ପ୍ରଦାନ କରଛନ୍ତି । ପରନ୍ତୁ କୌଣସି ଗଷେଣା କରାନ ଯିବାରୁ ଯନ୍ତ୍ରୀ ଜଣଙ୍କ ଉଚ୍ଚନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ମଧ ଦାଏର କରିଥିଲେ । ତାଙ୍କର ଯୁକ୍ତି ହେଲା, ଆଦିମ ଆଦିବାସୀ ବହୁଯୁଗରୁ ଥଣ୍ଡା, କାଶ, କଫ, ଛିଙ୍କ ଓ ଜ୍ୱର ହେଲେ କାଇ ପିମ୍ପୁଡ଼ି ଚଟଣି ବାଟି ସେବନ କରି ସୁସ୍ଥ ହେଉଥିଲେ। ଯାହା ଆଜି ମଧ ପ୍ରଚଳିତ। ଆଦିବାସୀଙ୍କ ଏହି ଗାଉଁଲି ଔଷଧର ଗବେଷଣା କଲେ ସମ୍ଭବତଃ କରୋନାର ପ୍ରତିଷେଧକ ମିଳିପାରବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ତେବେ ଜିଆଇ ଟ୍ୟାଗ ମାନ୍ୟତା ମିଳିବା ପରେ ଏହାର ଗବେଷଣା ସମ୍ଭାବନା ଅଧିକ ରହିଛି ବୋଲି ଯନ୍ତ୍ରୀ କହିଛନ୍ତି।

## ଡିସେମ୍ବର ୭ରୁ ଶୀତ ଅଧିବେଶନ



**ନୂଆଦିଲ୍ଲୀ :** ଡିସେମ୍ବରରେ ବସିବ ଶୀତକାଳୀନ ଅଧିବେଶନ। ଡିସେମ୍ବର ୭ରୁ ୨୯ତାରିଖ ପର୍ଯ୍ୟନ୍ତ ସଂସଦରେ ଶୀତକାଳୀନ ଅଧିବେଶନ ଚାଲିବ। ଏହା ପୂର୍ବରୁ ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର। ଡିସେମ୍ବର ୬ ତାରିଖ ଦିନ ୧୧ଟାରେ ସର୍ବଦଳୀୟ ବୈଠକ ବସିବ। ଶାନ୍ତି ଶୃଙ୍ଖଳାରେ କିପରି ଶୀତ ଅଧିବେଶ ଚାଲିବ ସେନେଇ ବିଭିନ୍ନ ରାଜନୈତିକ ଦଳମାନଙ୍କର ସହଯୋଗ ଲୋଡିଛନ୍ତି ସରକାର। ଶୁକ୍ରବାର ସଂସଦୀୟ କାର୍ଯ୍ୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଡିସେମ୍ବର ୬ତାରିଖରେ ସର୍ବଦଳୀୟ ବୈଠକ ବସିବା ନେଇ ସୂଚନା ଦେଇଛନ୍ତି। ଚଳିତ ଶୀତ ଅଧିବେଶ ଡିସେମ୍ବର ୭ରୁ ଆରମ୍ଭ ହୋଇ ଡିସେମ୍ବର ୨୯ ତାରିଖରେ ଶେଷ ହେବ। ଏନେଇ ଲୋକସଭା ଓ ରାଜ୍ୟସଭା ପକ୍ଷରୁ ଭିନ୍ନ ଭିନ୍ନ ଅଧିସୂଚନା ଜାରି କରାଯାଇଛି। ୧୦ମ ଲୋକସଭା ଅଧିବେଶନରେ ୧୭ଟି କାର୍ଯ୍ୟ ଦିବସ ରହିଛି। ଶୀତକାଳୀନ ଅଧିବେଶନରେ ବିଭିନ୍ନ ପ୍ରସଂଗ ଉପରେ ଆଲୋଚନା ହେବ। ବିଭିନ୍ନ ମୁଦ୍ଦାକୁ ନେଇ ସରକାରଙ୍କୁ ଘେରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି ବିରୋଧୀ। ସରକାରଙ୍କ ମଧ ବିରୋଧୀଙ୍କୁ ଜବାବ ଦେବା ପ୍ରସ୍ତୁତି କରିଦେଇଛି। ସୂଚନା ଅନୁଯାୟୀ, ଡିସେମ୍ବରରେ ହେବାକୁ ଶୀତ ଅଧିବେଶନ ପୁରୁଣା ସଂସଦ ଭବନରେ ହେବ। ନୂଆ ସଂସଦ ଭବନ ନିର୍ମାଣ କାର୍ଯ୍ୟ ବର୍ଷ ଶେଷରେ ସମ୍ପୂର୍ଣ୍ଣ ହେବ। ଅଧିବେଶକୁ ଶାନ୍ତି ଶୃଙ୍ଖଳା ସହିତ ଚଳାଇବା ବିଭିନ୍ନ ରାଜନୈତିକ ଦଳ ମାନଙ୍କର ସହଯୋଗ ଲୋଡ଼ିଛନ୍ତି ସରକାର।

## ୨୦୨୪ ସୁଦ୍ଧା ଲାଲ କରିଡରରୁ ଉଡିବ ବିମାନ

**ମାଲକାନଗିରି :** ଲାଲ୍ କରିଡରରୁ ଆନ୍ତଃ-ରାଜ୍ୟ ବିମାନ ଉଡ଼ିବ। ଜୋରସୋରରେ ଚାଲିଛି କାମ। ଫାଇଭ ଟି ଇନିସିଏଟିଭ ଅଧିନରେ କାମ ଚାଲିଛି। ଏନେଇ ଫାଇଭ ଟି ସଚିବ ଭିକେ ପାଣ୍ଡିଆନ ଏକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି। ୨୦୨୪ ସୁଦ୍ଧା ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଖର୍ଚ୍ଚ ହେଉଛି ୫୫କୋଟି ଟଙ୍କା। ବିମାନବନ୍ଦର କାମ ମିଶନ ମୋଡରେ ସାରିବାକୁ ଚାଲିଛି କାମ। ବିମାନବନ୍ଦର ପାଇଁ ପ୍ରାୟ ୨୩୪ ଏକର ଜମି ବାଣିଜ୍ୟ ଓ ପରିବହନ ବିଭାଗକୁ ରାଜସ୍ୱ ବିଭାଗ ହସ୍ତାନ୍ତର କରିଛି। ଜଙ୍ଗଲ ଜମିର କିସମ ପରିବର୍ତ୍ତନ ସହ ପୂର୍ତ୍ତ ବିଭାଗ ପକ୍ଷରୁ ପାଚେରି କାମ ସରିବା ଅବସ୍ଥାରେ। ଏଥିରେ ୧୬୨୦ ଲମ୍ବ ଓ ୩୦ ମିଟର ଚଉଡ଼ାର ରନୱେ ରହିବ। ମାଲକାନଗିରିରୁ ଭୁବନେଶ୍ୱରକୁ ବିମାନ ଉଡ଼ିବା ସହ ଅନ୍ୟ ରାଜ୍ୟର ରାଜଧାନୀକୁ ବି ସଂଯୋଗ ହେବ। ଗତ ଏପ୍ରିଲ ମାସରେ ମାଲକାନଗିରି ଗସ୍ତ ସମୟରେ ମୁଖ୍ୟ ଶାସନ ସଚିବ ବିମାନବନ୍ଦର କାମ ଅନୁଧ୍ୟାନ ସହ ତ୍ୱରାନିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ ନିୟମିତ ସମୀକ୍ଷା କରୁଛନ୍ତି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି ଠିକ୍ ସମୟରେ କାମ ସାରିବାକୁ ଗୁରୁତ୍ୱ ଦିଆଯାଇଛି। ଭିତ୍ତିଭୂମି, ଲାଇସେନ୍ସ ଓ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରାଯାଇଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟଦିବସ ପାଳିତ



**ଜଗତ୍‌ସିଂହପୁର :** ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲା ମତ୍ସ୍ୟବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦିପ୍ତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ ମତ୍ସ୍ୟ ଦିବସ ଅବସରରେ ସମସ୍ତ ମତ୍ସ୍ୟ ଚାଷୀ ଓ ମତ୍ସ୍ୟ ବିଭାଗ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ମତ୍ସ୍ୟ ଚାଷ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଆମ ଜିଲ୍ଲାରେ ଖାରି ଜଳ ଓ ମଧୁର ଜଳର ଅଭାବ ନଥିବାରୁ ଭଲ ମତ୍ସ୍ୟ ଚାଷ ବି କରାଯାଇପାରିବ। ଜିଲ୍ଲାରେ ସ୍ୱୟଂ ସହାୟିକା ମହିଳାମାନେ ଭଲ ମତ୍ସ୍ୟଚାଷ କରିବାପାଇଁ ଆଧୁନିକ ବୈଷୟିକ ପ୍ରଣାଳୀରେ ମତ୍ସ୍ୟଚାଷ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରିବା ସହିତ ନିଜେ ବି ଏଥିରେ ଭାଗନେବାପାଇଁ ଆଗକୁ ଆସିବାର ପ୍ରଚେଷ୍ଟା କରନ୍ତୁ ବୋଲି କହିଥିଲେ। ବାୟୋ ଫ୍ଲକ, ରାସ୍ ଫାରମିଙ୍ଗ, ମୋ ପୋଖରୀ ଯୋଜନରେ ମତ୍ସ୍ୟଚାଷ କରାଗଲେ ମତ୍ସ୍ୟଚାଷୀମାନେ ଭଲ ରୋଜଗାର କରିପାରନ୍ତେ। ଜିଲ୍ଲାରେ ଯେଉଁ ସବୁ ଜଳ ଉତ୍ସ ରହୁଛି ତାକୁ ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟ ଚାଷପାଇଁ ଉପଯୋଗୀ କରିପାରିଲେ ଜିଲ୍ଲାରେ ଅଧିକରୁ ଅଧିକ ମତ୍ସ୍ୟ ଉତ୍ପାଦନ ହୋଇପାରିବ। ଏହି ଦିବସ ଅବସରରେ ଅତିଥିଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବୀରକିଶୋର ପରିଡା ଯୋଗଦେଇ କହିଥିଲେ ଯେ ଖାରିଜଳ ଓ ମଧୁରଜଳ ଚାଷ ସମ୍ପର୍କରେ ସମସ୍ତ ଚାଷୀ ଜାଣନ୍ତୁ ଓ ନିଜେ ମତ୍ସ୍ୟ ଉତ୍ପାଦନରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତୁ। ଜିଲ୍ଲାକୁ ବିଭିନ୍ନ ରାଜ୍ୟରୁ ଆସୁଥିବା ମାଛଗୁଡିକ ଖାଇ ବିଭିନ୍ନ ରୋଗର ସୀକାର ହେଉଥିବାରୁ ନିଜ ଜିଲ୍ଲାରେ ମତ୍ସ୍ୟଚାଷ ପାଇଁ ସମସ୍ତେ ମନମିଶାଇ କାର୍ଯ୍ୟକଲେ ବାହାର ରାଜ୍ୟରୁ ଆସୁଥିବା ମାଛଗୁଡିକ ଉପରେ ରୋକ ଲଗାଯାଇପାରନ୍ତା। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଯୋଗଦେଇ କୃଷି ବିଭାଗର ବିଭିନ୍ନ ଯୋଜନା, ଜାତୀୟ ଖାଦ୍ୟ ନିରାପତା ମିଶନ, ରାଜ୍ୟ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସମନ୍ୱିତ କୃଷି, ଜଳନିଧି, ସୌର ଜଳନିଧି, କୃଷକ ଓଡିଶା ପୋର୍ଟାଲ ଏବଂ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରଦୀପ କୁମାର ବଳ ଯୋଗଦେଇ ଉଦ୍ୟାନ ବିଭାଗରେ ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ କରାଯାଉଛି ସେ ବିଷୟରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ମତ୍ସ୍ୟ ସମ୍ପଦ ସରିତା ଦାସ ଯୋଗଦେଇ ମତ୍ସ୍ୟଚାଷ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏରସମା ବ୍ଲକରେ କିଭଳି ଭାବେ ମତ୍ସ୍ୟ ଉତ୍ପାଦନ କରୁଛନ୍ତି ତାହା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଦିବସ ଅବସରରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦିପ୍ତୀକୁମାର ମହାପାତ୍ର ମାଛ ଜାଆଁଳ ଉତ୍ପାଦନ ପାଇଁ ଉନ୍ନତ ପରିଚାଳନା ପଦ୍ଧତି, ଅନୁକୂଳ ଭୂମି ଚିଙ୍ଗୁଡି ଓ ମାଛଚାଷ ଉପରେ ବିଭିନ୍ନ ଯୋଜନା ଉପରେ ଅବଗତ କରାଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ମତ୍ସ୍ୟଚାଷ ଯୋଜନା ଗୁଡିକ ସମ୍ପର୍କରେ ଚାଷୀମାନଙ୍କୁ ଅଧିକରୁ ଅଧିକ ସଚେତନ କରାଇବା ସହିତ ଜିଲ୍ଲାରେ କିଭଳି ମତ୍ସ୍ୟଚାଷ ହୋଇପାରିବ ଓ ଚାଷୀମାନେ ସ୍ୱାବଲମ୍ବୀ ହୋଇପାରିବ ସେ ନେଇ ବିସ୍ତୃତ ବିବରଣୀ ପ୍ରକାଶ କରିଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ ରେଶମାରାଣୀ ସିଂହ ପ୍ରାରମ୍ଭରେ ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ଉତ୍ସବଟିକୁ ପରିଚାଳନା କରିଥିଲେ। ଏହି ଉତ୍ସବରେ ଜିଲ୍ଲାର ମତ୍ସ୍ୟଚାଷୀ, ବିଭାଗୀୟ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ ଓ ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବରଗଡ଼ ଧନୁଯାତ୍ରା ପାଇଁ ସ୍ଥାପନ ହେଲା ଶୁଭଖୁଣ୍ଟି



**ବରଗଡ଼:** ବରଗଡ଼ ଧନୁଯାତ୍ରା ପାଇଁ ସ୍ଥାପନ ହେଲା ଶୁଭଖୁଣ୍ଟି। ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ପୁରୁଣା ହାଟପଦାରେ ପହଞ୍ଚି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବରଗଡ଼ ଜିଲ୍ଲାପାଳ ମନୀଷା ବେନର୍ଜୀ ଓ ଏସପି ପି.ଏସ୍ ପୁରୋଷତ୍ତମ ଦାଶ ଓ ଧନୁଯାତ୍ରା ମହୋତ୍ସବ କମିଟିର ସଦସ୍ୟ ମାନେ ସାମିଲ ହୋଇଥିଲେ। ଚଳତବର୍ଷ ବରଗଡ଼ର ସର୍ବବୃହତ୍ତ ମୁକ୍ତାକାଶ ରଙ୍ଗମଞ୍ଚ ୭୫ ବର୍ଷ ପୂରଣ କରିବାକୁ ଯାଉଛି। ଧନୁଯାତ୍ରା ତାର ହୀରକ ଜୟନ୍ତୀ ପାଳନ କରିବ । ପୁଣିଥରେ କଂସ ଭୂମିକାରେ ଦେଖାଦେବେ ହୃଷିକେଶ ଭୋଇ। ଡିସେମ୍ବର ୨୭ରୁ ଜାନୁଆରୀ ୬ ଯାଏଁ ୧୧ ଦିନ ଧରି ଅନୁଷ୍ଠିତ ହେବ ଯାତ୍ରା। ବରଗଡ ସହର ପାଲଟିଯିବ ମଥୁରା ନଗରି ଲୋକ ପାଲଟିଯିବେ ମହାରାଜା କଂସଙ୍କର ପ୍ରଜା। ସେହିପରି ଅମ୍ବାପାଲି ମଧ ଗୋପପୁରରେ ପରିବର୍ତ୍ତନ ହେବ ଆଉ କୃଷ୍ଣ ଲୀଳାରେ ହଜିଯିବେ ଗୋପପୁରବାସୀ।

ରକ୍ତହୀନତା ଦୂର ପାଇଁ ଆରମ୍ଭ ହେଲା 'ଅମ୍ଳାନ'

## ଉପକୃତ ହେବେ ୧.୩୭ କୋଟି ଲୋକ



**ଭୁବନେଶ୍ୱର :** ରାଜ୍ୟରେ ରକ୍ତହୀନତା ଦୂର କରିବା ତଥା ଏନିମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ ପାଇଁ 'ଅମ୍ଳାନ' କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ୫୫ହଜାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ୭୪ହଜାର ଅଙ୍ଗନବାଡ଼ି କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେବ। ଆଭାସୀ ଜରିଆରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଅମ୍ଳାନ' ହେଉଛି ରାଜ୍ୟ ସରକାରଙ୍କ ନିଜସ୍ୱ କାର୍ଯ୍ୟକ୍ରମ। ମହିଳା ଓ ଶିଶୁମାନଙ୍କଠାରେ ରକ୍ତହୀନତା ଦୂର କରିବା ଦିଗରେ ଏହା ସହାୟକ ହେବ। ଗର୍ଭବତୀ ମହିଳା, ସ୍ତନ୍ୟପାନ କରୁଥିବା ମା', ପ୍ରଜନନକ୍ଷମ ମହିଳା ଓ ଶିଶୁମାନଙ୍କୁ ମିଶାଇ ରାଜ୍ୟର ୧.୩୭ କୋଟି ଲୋକ ଏଥିରେ ଉପକୃତ ହେବେ। ଏହି କାର୍ଯ୍ୟକ୍ରମ ଜରିଆରେ ଆଇରନ୍, ଫଲିକ୍ ଏସିଡ୍ ସପ୍ଲିମେଣ୍ଟ, ହିମୋଗ୍ଲୋବିନ୍ ପରୀକ୍ଷା, ରକ୍ତହୀନତାର ଚିକିତ୍ସା, ସେବା ପ୍ରଦାନକାରୀଙ୍କ ଦକ୍ଷତା ବିକାଶ ଓ ସାମାଜିକ ଆଚରଣରେ ପରିବର୍ତ୍ତନ ଆଣିବା ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ମିସନ ଶକ୍ତି ଓ ଏସ୍ସି ଓ ଏସ୍ଟି ବିଭାଗ ଦ୍ୱାରା ପରିଚାଳିତ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସଂପୃକ୍ତ ବିଭାଗ ଓ କ୍ଷେତ୍ରସ୍ତରରେ ସେବା ପ୍ରଦାନକାରୀଙ୍କୁ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଅମ୍ଳାନ'ର ନିର୍ଦ୍ଦେଶାବଳୀକୁ ଉନ୍ମୋଚନ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ, ସବୁ ବିଭାଗର ସମନ୍ୱିତ ପ୍ରୟାସରେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଫଳ ହେବ। ୫-ଟି ସଚିବ ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା.ବିଜୟ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସବୁ ବିଭାଗର ପ୍ରମୁଖ ସଚିବ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।







## ୭,୫୪୦ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ

**ଭୁବନେଶ୍ୱର :** ୭୫୪୦ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଏସଏସସି ୱେବସାଇଟରେ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞାପନ ପ୍ରକାଶ ପାଇଛି। ଡିସେମ୍ବର ୧୧ରୁ ଜାନୁଆରୀ ୯ ପର୍ଯ୍ୟନ୍ତ ଆବେଦନ ତାରିଖ ଧାର୍ଯ୍ୟ କରାଯାଇଛି। ଆଶାୟୀ ଛାତ୍ରଛାତ୍ରୀ ଅନଲାଇନରେ ଆବେଦନ କରିପାରିବେ। ପ୍ରକାଶ ପାଇଥିବା ୭,୫୪୦ ପଦ ମଧ୍ୟରେ ଟିଜିଟି ବର୍ଗର ୧୯୭୦ ପଦ ଥିବାବେଳେ ପିସିଏମ (ବିଜ୍ଞାନ)ର ୧୪୧୯, ସିବିଜେଡ୍ (ବିଜ୍ଞାନ) ବର୍ଗର ୧୨୦୫ଟି ପଦ ରହିଛି। ସେହିପରି ଉଚ୍ଚ ବିଦ୍ୟାଳୟଗୁଡ଼ିକ ପାଇଁ ହିନ୍ଦୀରେ ୧୩୫୨ ପଦରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୭୨୩ ସଂସ୍କୃତ, ୬ ତେଲୁଗୁ, ୮୪୧ ପିଇଟି ଏବଂ ୨୪ଟି ଉର୍ଦ୍ଦୁ ଶିକ୍ଷକ ପଦ ରହିଛି। ନୂଆ ନିଯୁକ୍ତି ପ୍ରକ୍ରିୟା ଓଏସଏସସି(ଓଡ଼ିଶା କର୍ମଚାରୀ ଚୟନ ଆୟୋଗ) ଦ୍ୱରା ତ୍ୱରାନ୍ୱିତ ହେବ। ଚଳିତ ଥର ନିଯୁକ୍ତି ପ୍ରକ୍ରିୟାରେ ମଧ ବ୍ୟାପକ ସ୍ୱଚ୍ଛତା ପଦ୍ଧତି ଅବଲମ୍ବନ କରିବାକୁ ନୂଆ ପ୍ରକ୍ରିୟାରେ ମେରିଟ୍ ଟ୍ରାକ୍ ସଂସ୍ଥାକୁ ବାଦ୍ ଦିଆଯିବ। ନିଯୁକ୍ତି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ନେଇ ବିଭାଗ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୂଚନାଥାଉକି, ବିଗତ ଦୁଇ ପର୍ଯ୍ୟାୟର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ପରେ ମୁଖ୍ୟମନ୍ତ୍ରୀ ତୃତୀୟ ପର୍ଯ୍ୟାୟ ନିଯୁକ୍ତି ଲାଗି ପଦକ୍ଷପ ଗ୍ରହଣ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୦୩୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ ହଜାର ୮୯୧ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ତୃତୀୟ ପର୍ଯ୍ୟାୟରେ ୭୫୪୦ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Indusrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**